ବର୍ଷ-୯
ସଂଖ୍ୟା-୧୫୧
ତା.୧୯ ଜୁଲାଇ ୨୦୨୨
ମଙ୍ଗଳବାର, ପୃଷ୍ଠା-୮ ,ମୂଲ୍ୟ-୨ଟଙ୍କା
RNI,Regd.No.ODIODI/2014/54949

PRAJABARTA
# ପ୍ରଜାବାର୍ତ୍ତା
ଦୈନିକ ଓଡିଆ ଖବର କାଗଜ // Odia Daily News Paper

Vol-9
Issue-151
Date:19, July 2022
Tuesday, Page-8, Rs-2/-
POSTAL Regd.No.10120(K)/17/2018-21


ରାଜ୍ୟସଭା ସାଂସଦ ଭାବେ ଶପଥ ନେଲେ ସସ୍ମିତ ପାତ୍ର


ପୁଣି ସୁପ୍ରିମକୋର୍ଟ ଗଲେ ନୂପୁର ଶର୍ମା

Odisha's first and only one Tribal area's Daily News Paper Published from Undeveloped & Backward K.B.K.Districts soil

ଓଡିଶାର ଅନୁନ୍ନତ ଓ ପଛୁଆ ଜିଲ୍ଲାର ପ୍ରଗତି ତଥା ଉନ୍ନତି ପଥେ କେବିକେ ଜିଲ୍ଲା ମାଟିର ପ୍ରଥମ ଓ ଏକ ମାତ୍ର ଦୈନିକ ଓଡିଆ ଖବର କାଗଜ ଆପଣଙ୍କ ସାଥିରେ...

# ମୋକିମଙ୍କ ପାଇଁ କମ୍ପୁଛି କଂଗ୍ରେସ




ଭୁବନେଶ୍ୱର, ୧୮ ଜୁଲାଇ – କଟକ ବାରବାଟୀର କଂଗ୍ରେସ ବିଧାୟକ ମୋହମ୍ମଦ ମୋକିମ ରାଷ୍ଟ୍ରପତି ନିର୍ବାଚନରେ ଏନଡିଏ ପାର୍ଥୀ ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ଭୋଟ ଦେଇଛନ୍ତି । ବିଧାନସଭାରେ ଭୋଟ ଦେବା ପରେ ସେ ନିଜେ ସାମ୍ବାଦିକ ମାନଙ୍କୁ ଏହି ସୂଚନା ଦେଇଛନ୍ତି । ଅନ୍ୟପଟେ ମୋକିମଙ୍କ କ୍ରସ୍ ଭୋଟିଂ କୁ ନେଇ ରାଜ୍ୟ କଂଗ୍ରେସରେ କମ୍ପନ ଦେଖାଦେଇଛି । କଂଗ୍ରେସ ଏହି ନିର୍ବାଚନରେ ଯଶବନ୍ତ ସିହ୍ନାଙ୍କୁ ଭୋଟ୍ ଦେବାକୁ ଘୋଷଣା କରିଥିଲା । ଭୋଟ୍ ଦେବା ପରେ ସେ କହିଛନ୍ତି ଯେ ସେ ଏହି ମାଟିର ଝିଅଙ୍କ ସମର୍ଥନରେ ଭୋଟ ଦେଇଛନ୍ତି । ରାଷ୍ଟ୍ରପତି ନିର୍ବାଚନରେ ଦଳୀୟ ହ୍ୱିପ ନ ଥାଏ । ତେଣୁ ସେ ନିଜର ବିବେକ ଅନୁସାରେ ଓଡିଆ ଝିଅଙ୍କୁ ଭୋଟ ଦେଇଥିବା ସେ ପ୍ରକାଶ କରିଛନ୍ତି । ଓଡିଶାର ଜଣେ ମହିଳା ରାଷ୍ଟ୍ରପତି ପଦ ପାଇଁ ପ୍ରାର୍ଥୀ ହୋଇଥିବାରୁ ତାଙ୍କର ବିବେକକୁ ପଚାରି ସେ ଏହି ନିଷ୍ପତି ନେଇଛନ୍ତି । ଅନ୍ୟପକ୍ଷରେ ମହମ୍ମଦ ମୋକିମଙ୍କ ଏଭଳି ଅପ୍ରତ୍ୟାଶିତ ପଦକ୍ଷପରେ ପିସିସି ସଭାପତି ଓ ଅନ୍ୟ ବିଧାୟକମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି ଯେ କଂଗ୍ରେସ ଦଳର କେନ୍ଦ୍ରୀୟ ନେତୃତ୍ୱ ଯଶବନ୍ତ ସିହ୍ନାଙ୍କୁ ଭୋଟ ଦେବାକୁ ନିଷ୍ପତି ନେଇଥିଲା । ଏ ସମ୍ପର୍କରେ ଆଲୋଚନା ହେବା ପରେ କଂଗ୍ରେସ ବିଧାୟକ ମାନଙ୍କୁ ଅବଗତ କରା ଯାଇଥିଲା । ସମସ୍ତେ କେନ୍ଦ୍ରୀୟ ନେତୃତ୍ୱର ନିଷ୍ପତି ସହ ଅବଗତ ଥିଲେ । ହେଲେ ଜଣେ ବିଧାୟକ ନିଜେ ଗଣମାଧ୍ୟମରେ ସେ ଏନଡିଏ ପ୍ରାର୍ଥୀଙ୍କୁ ଭୋଟ ଦେବା କଥା କହିଛନ୍ତି । ତେଣୁ ଏ ସମ୍ପର୍କରେ ଦଳର ହାଇକମାଣ୍ଡଙ୍କୁ ଅବଗତ କରାଯିବ । ଏହା ପରେ କୌଣସି ନିଷ୍ପତି କେନ୍ଦ୍ରୀୟ ହାଇକମାଣ୍ଡ ନେବେ । କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି, ଦଳ ଯାହା ବିଚାର କରିବ, ସେହି ଅନୁସାରେ ନିଷ୍ପତି ନିଆଯିବ । ସେହିପରି ଦଳୀୟ ବିଧାୟକ ସନ୍ତୋଷ ସିଂହ ସାଲୁଜା କହିଛନ୍ତି ଯେ ଜଣେ ଶୃଙ୍ଖଳିତ ସଭ୍ୟ ଭାବେ ସେ ପାର୍ଟି ନିଷ୍ପତି ପ୍ରକାରେ ଭୋଟ୍ ଦେବା କଥା । କିନ୍ତୁ ଯାହା ଘଟିଲା, ତାହା ଦୁର୍ଭାଗ୍ୟଜନକ ଘଟଣା । ହାଇକମାଣ୍ଡଙ୍କୁ ଏ ବିଷୟରେ ଅବଗତ କରାଯିବ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି, ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ ଘଟଣା । ମୋକିମ ଅସନ୍ତୁଷ୍ଟ ଥିବା ଏହା ପ୍ରମାଣ କଲା । ତା' ସହିତ ଦଳର ଏକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଲା ।

## ବିଧାୟକ ମହମ୍ମଦ ମୋକିମଙ୍କୁ ଧନ୍ୟବାଦ ଜଣାଇଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ଜୁଲାଇ ୧୮ – ଓଡ଼ିଶା କଂଗ୍ରେସ ବିଧାୟକ ମହମ୍ମଦ ମୋକିମ ଓଡ଼ିଆ ମାଟିର ଝିଅ ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ସମର୍ଥନରେ ଭୋଟ୍ ଦେଇଥିବା ଘୋଷଣାକୁ ସ୍ୱାଗତ କରିବା ସହ ଟ୍ୱିଟ୍ କରି ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସେ ଟ୍ୱିଟ୍ କରିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ନେତୃତ୍ୱରେ ଏନଡିଏ ପକ୍ଷରୁ ଓଡ଼ିଆ ଜନଜାତି ଜନନେତ୍ରୀ ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ କରାଯିବା ପରେ ତାଙ୍କ ପ୍ରତି ସାରା ଦେଶରୁ ସମର୍ଥନର ସୁଅ ଛୁଟିଥିଲା । ରାଜନୈତିକ ମତ ପାର୍ଥକ୍ୟ ଓ ବିରୋଧ ସତ୍ୱେ ମୋଦିଙ୍କ ନିଷ୍ପତି ସହ ସାରା ଦେଶର ଅନେକ ରାଜନୈତିକ ଦଳ ସ୍ୱର ମିଳାଇ ଦ୍ରୌପଦୀଙ୍କୁ ସମର୍ଥନ ଦେବା ପାଇଁ ସହମତି ପ୍ରକାଶ କରିଥିଲେ । ଆଜି ଓଡ଼ିଶା କଂଗ୍ରେସ ବିଧାୟକ ଓଡ଼ିଆ ମାଟିର ଝିଅ ଦ୍ରୌପଦୀ ମୁର୍ମୁଙ୍କ ସମର୍ଥନରେ ଭୋଟ୍ ଦେଇଥିବା ଘୋଷଣା କରିଛନ୍ତି, ଯାହା ସ୍ୱାଗତଯୋଗ୍ୟ ପଦକ୍ଷେପ । ତାଙ୍କ ନିଷ୍ପତିକୁ ମୁଁ ସ୍ୱାଗତ କରିବା ସହ ଧନ୍ୟବାଦ ଜଣାଉଛି ବୋଲି ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ।



## ହାଇକମାଣ୍ଡଙ୍କୁ ଅବଗତ କରା ଯିବ : ଶରତ ପଟ୍ଟନାୟକ

ଭୁବନେଶ୍ୱର, ୧୮ ଜୁଲାଇ – କଂଗ୍ରେସ ଦଳର ବିଧାୟକ ମୋହମ୍ମଦ ମୋକିମ କଂଗ୍ରେସ ସମର୍ଥିତ ପ୍ରାର୍ଥୀଙ୍କୁ ଭୋଟ ନ ଦେଇ ବିଜେପି ସମର୍ଥିତ ପ୍ରାର୍ଥୀଙ୍କୁ ଭୋଟ ଦେଇଥିବା ସମ୍ପର୍କରେ ସୂଚନା ମିଳିବା ପରେ ଏ ସମ୍ପର୍କରେ ହାଇକମାଣ୍ଡଙ୍କୁ ଅବଗତ କରା ଯିବ ବୋଲି ନିଜର ପ୍ରତିକ୍ରିୟାରେ କହିଛନ୍ତି ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶରତ ପଟ୍ଟନାୟକ । ଏ ସମ୍ପର୍କରେ ସାମ୍ବାଦିକ ମାନଙ୍କୁ ପ୍ରତିକ୍ରିୟା ଦେଇ ସେ କହିଛନ୍ତି ଯେ ଏହି ଭୋଟରେ ଦଳୀୟ ହ୍ୱିପ ଲାଗୁ ହୋଇ ନ ଥାଏ । ହେଲେ କଂଗ୍ରେସ ଦଳର କେନ୍ଦ୍ରୀୟ ନେତୃତ୍ୱ ଯଶବନ୍ତ ସିହ୍ନାଙ୍କୁ ଭୋଟ ଦେବାକୁ ନିଷ୍ପତି ନେଇଥିଲା । ଏ ସମ୍ପର୍କରେ ଆଲୋଚନା ହେବା ପରେ କଂଗ୍ରେସ ବିଧାୟକ ମାନଙ୍କୁ ଅବଗତ କରା ଯାଇଥିଲା । ସମସ୍ତେ କେନ୍ଦ୍ରୀୟ ନେତୃତ୍ୱର ନିଷ୍ପତି ସହ ଅବଗତ ଥିଲେ । ହେଲେ ଜଣେ ବିଧାୟକ ନିଜେ ଗଣମାଧ୍ୟମରେ ସେ ଏନଡିଏ ପ୍ରାର୍ଥୀଙ୍କୁ ଭୋଟ ଦେବା କଥା କହିଛନ୍ତି । ତେଣୁ ଏ ସମ୍ପର୍କରେ ଦଳର ହାଇକମାଣ୍ଡଙ୍କୁ ଅବଗତ କରା ଯିବ । ଏହା ପରେ କୌଣସି ନିଷ୍ପତି କେନ୍ଦ୍ରୀୟ ହାଇକମାଣ୍ଡ ନେବେ ।

## ରାଷ୍ଟ୍ରପତି ନିର୍ବାଚନ ପାଇଁ ସରିଲା ଭୋଟିଂ
### ସିଲ୍ ହେଲା ବାଲାଟ୍ ବକ୍ସ




ଭୁବନେଶ୍ୱର,୧୮ ଜୁଲାଇ : ରାଷ୍ଟ୍ରପତି ନିର୍ବାଚନ ପାଇଁ ଭୋଟିଂ ସରିଥିବାବେଳେ ବାଲାଟ୍ ବକ୍ସ ସିଲ୍ ହୋଇଛି । ଆଜି ବିଧାନସଭାରେ ସମୁଦାୟ ୧୪୭ ଜଣ ବିଧାୟକଙ୍କ ମଧ୍ୟରୁ ୧୪୫ ଜଣ ବିଧାୟକ ଭୋଟ ଦେଇଛନ୍ତି । ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟ ବିଧାୟକମାନେ ଭୋଟ ଦେଇଥିଲେ । ତେବେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ମତଦାନ ପ୍ରକ୍ରିୟା ଚାଲୁ ରହିଥିଲା । ସୂଚନା ଅନୁସାରେ ଓଡ଼ିଶାରେ ଜଣେ ବିଧାୟକ ଭୋଟ ମୂଲ୍ୟ ହେଉଛି ୧୪୯ ଓ ସାଂସଦଙ୍କ ଭୋଟ ମୂଲ୍ୟ ହେଉଛି ୭୦୦ । ସମୁଦାୟ ବିଜେଡି ବିଧାୟକଙ୍କ ଭୋଟ ମୂଲ୍ୟ ୧୬୭୮୮, ବିଜେଡି ସାଂସଦଙ୍କ ମୂଲ୍ୟ ୧୪,୭୦୦ ।

## ଭୋଟ୍ ପାଇଁ ଏକାଠି ବିଜେଡିର ସବୁ ସାଂସଦ

ନୂଆଦିଲ୍ଲୀ/ ଭୁବନେଶ୍ୱର,୧୮ ଜୁଲାଇ - ବିଜେଡିର ସମସ୍ତ ରାଜ୍ୟସଭା ଓ ଲୋକସଭା ସାଂସଦ ସୋମବାର ମଧ୍ୟାହ୍ନ ୧୨ଟାରେ ସଂସଦ ଭବନରେ ଥିବା ବିଜେଡି ସଂସଦୀୟ ପାର୍ଟି ଅଫିସରେ ଏକାଠି ହୋଇଥିଲେ । ଏହାପରେ ସେମାନେ ଓଡ଼ିଶାର ଝିଅ ତଥା ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କ ସପକ୍ଷରେ ମତଦାନ କରିବାକୁ ଯାଇଥିଲେ ।

## ଆଜି ଶ୍ରାବଣ ମାସର ପ୍ରଥମ ସୋମବାର,ଜୟ ଭୋଳା ବାବା ଧ୍ୱନିରେ ପ୍ରକମ୍ପିତ ହେଉଛି ରାସ୍ତାଘାଟ



ଭୁବନେଶ୍ୱର , ୧୮ ଜୁଲାଇ : ଆଜି ଶ୍ରାବଣ ମାସର ପ୍ରଥମ ସୋମବାର ।ଦୀର୍ଘ ଦୁଇ ବର୍ଷ ପରେ ଶିବଲିଙ୍ଗରେ ଜଳାଭିଷେକ କରୁଛନ୍ତି କାଉଡ଼ିଆମାନେ । ରାସ୍ତା ସାରା ଜୟ ଭୋଳା ବାବାଙ୍କ ଧ୍ୱନିରେ ଚାଲୁଛନ୍ତି କାଉଡ଼ିଆ । ବର୍ଷା ମଧ୍ୟ ଝିପି ଝିପି ପକାଉଥିବାରୁ ବେଶ୍ ଆନନ୍ଦିତ ଥିବା ଜଣାପଡ଼ିଛି । ତେଣୁ ଶ୍ରୀଲିଙ୍ଗରାଜ ମନ୍ଦିରରେ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି । ଶୃଙ୍ଖଳିତ ଜଳାଭିଷେକ ପାଇଁ ବ୍ୟାରିକେଡ୍ ବନ୍ଧା ହୋଇଛି । କରୋନା କଟକଣା ଦୃଷ୍ଟିରୁ କାଉଡ଼ିଆମାନେ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତା ରକ୍ଷା କରିବା ବାଧ୍ୟତାମୂଳକ କରାଯାଇଛି । । ଶ୍ରାବଣୀ ନୀତି ନିର୍ଘଣ୍ଟ ଅନୁଯାୟୀ ଆଜି ମନ୍ଦିର ଭୋର୍ ୩ଟାରୁ ଖୋଲାଯାଇଛି । ଭୋର୍ ସାଢ଼େ ୩ଟାରେ ମଙ୍ଗଳ ଆଳତୀ ଓ ଅବକାଶ ନୀତି ସରିବା ପରେ ୪ଟା ସୁଦ୍ଧା ସାହାଣମେଳା ଦର୍ଶନ ଆରମ୍ଭ ହୋଇଥିଲା ।

## ବିଧାନସଭାରେ ଉଠିଲା ଚୁଡ଼ା, ମୁଢ଼ି ଝଡ଼; ଗୃହ ମୁଲତବୀ

ଭୁବନେଶ୍ୱର, ୧୮ ଜୁଲାଇ : ଗରୀବଠୁ ଧନୀ ସବୁ ଓଡ଼ିଆଙ୍କ ପ୍ରିୟ ଖାଦ୍ୟ ଚୁଡ଼ା, ମୁଢ଼ି ଓ ଖଇ ଏବେ ହୋଇଗଲା ମହଙ୍ଗା । ଆଜିଠୁ ଏହି ସବୁ ଖାଦ୍ୟ ଦ୍ରବ୍ୟକୁ GST ଅନ୍ତର୍ଭୁକ୍ତ କରାଯାଇଛି । ଫଳରେ ବିଧାନସଭାରେ ସୃଷ୍ଟି ହୋଇଛି ଝଡ଼ । ପ୍ରଶ୍ନ କାଳରେ କଂଗ୍ରେସ ବିଧାୟକ ସୁରେଶ ରାଉତରାୟ ଏହି ପ୍ରସଙ୍ଗ ଉଠାଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି । ଚୁଡ଼ାମୁଢ଼ି ପ୍ରସଙ୍ଗ ନେଇ ଗୃହରେ ହଟ୍ଟଗୋଳ ହେବାରୁ ବିଧାନସଭାକୁ ଅପରାହ୍ନ ୪ଟା ଯାଏଁ ମୁଲତବୀ ଘୋଷଣା କରାଯାଇଛି । ଯଦି କେନ୍ଦ୍ର ସରକାର ଏହା ଉପରେ GST ଲଗାଉଛନ୍ତି ତେବେ ରାଜ୍ୟ ସରକାର ଏହାକୁ ଓଡ଼ିଶାରେ ନ ଲଗାନ୍ତୁ ବୋଲି ସେ ଦାବି କରିଛନ୍ତି । ଯଦି ଲାଗୁ କରିବେ ତେବେ ନିଜେ ରାଜ୍ୟ ସରକାର ଏହି କର ଭାର ବହନ କରନ୍ତୁ ବୋଲି ଦାବି କରିଛନ୍ତି ସୁର । ଉତ୍ତରରେ ମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି ଯେ, GST ଉପରେ ରାଜ୍ୟ ସରକାର କିଛି କରିପାରିବେ ନାହିଁ । ଏହି GST କେବଳ ପ୍ୟାକେଟ୍ ?ରେ ବିକ୍ରି ହେଉଥିବା ଚୁଡ଼ା, ମୁଢ଼ି ଆଦି ଉପରେ ଲାଗୁହେବ । ଯେଉଁ ଚୁଡ଼ା, ମୁଢ଼ି ବିନା ପ୍ୟାକେଟ୍‌ରେ ଖୋଲାରେ ବିକ୍ରି ହେଉଛି ତାହା ଜିଏସ୍‌ଟି ଅନ୍ତର୍ଭୁକ୍ତ ନୁହେଁ । ଆଜିଠୁ କିଛି ନୂଆ ସାମଗ୍ରୀକୁ ଜିଏସ୍‌ଟି ଅନ୍ତର୍ଭୁକ୍ତ କରାଯାଇଛି । ପ୍ୟାକେଟ୍ ଓ ଲେବଲ ଲାଗି ବିକ୍ରି ହେଉଥିବା ଏଭଳି ଅଣ ବ୍ରାଣ୍ଡେଡ୍ ସାମଗ୍ରୀକୁ ଜିଏସ୍‌ଟି ପରିସରଭୁକ୍ତ କରାଯାଇଛି ।



ଏଥିରେ ଲାଗିବ ୫ ପ୍ରତିଶତ ଜିଏସ୍‌ଟି । ଓଡ଼ିଆଙ୍କ ପ୍ରିୟ ଖାଦ୍ୟ ଚୁଡ଼ା, ମୁଢ଼ି, ଖଇ ଉପରେ ଆଜିଠୁ ଗଣିବାକୁ ପଡ଼ିବ ଜିଏସ୍‌ଟି । କେବଳ ଏହି ୩ଟି ଖାଦ୍ୟ ସାମଗ୍ରୀ ନୁହେଁ ପ୍ୟାକେଟ୍ ଦହି, ଲସି, ପନିର, ଗହମ, ଚାଉଳ, ବାର୍ଲି, ଓଟ୍ସ ଉପରେ ବି ଲାଗିବ ୫ ପ୍ରତିଶତ ଜିଏସଟି । ଫଳରେ ଖାଉଟିଙ୍କୁ ଗଣିବାକୁ ପଡ଼ିବ ମୋଟା ଅଙ୍କର ଟିକସ । ସେହିପରି ପ୍ରିଣ୍ଟିଂ କାଳି, ଏଲ୍‌ଇଡି ଲ୍ୟାମ୍ପ, ଲାଇଟ୍, ସାଇକେଲ ପମ୍ପ, ବିଦ୍ୟୁତ୍ ଚାଳିତ ପମ୍ପ, ଛୁରୀ, ବ୍ଲେଡ, ପେନସିଲ କଟର, ଚାମଚ, ଫର୍କ ଉପରେ ସଂଶୋଧିତ ଜିଏସ୍‌ଟି ଲାଗୁ ହେବ । ବିହନ ସହ କୃଷି ଯନ୍ତ୍ରାଂଶ, ପବନ ଚାଳିତ ଅଟା ଚକି, ଗ୍ରାଇଣ୍ଡରରେ ଜିଏସ୍‌ଟିକୁ ୧୮ %କୁ ବୃଦ୍ଧି କରାଯାଇଛି । ପୂର୍ବରୁ ୫ % ସ୍ଲାବ୍‌ରେ ଥିବା ସୋଲାର ୱାଟର ହିଟର, ଚମଡ଼ା, ପ୍ରିଣ୍ଟେଡ୍ ମ୍ୟାପ୍ ଓ ଚାର୍ଟ ଉପରେ ଏଣିକି ୧୨ ପ୍ରତିଶତ ଜିଏସ୍‌ଟି ପଡିବ । ବ୍ୟାଙ୍କ ଚେକ୍ ସେବା ଉପରେ ୧୮ ପ୍ରତିଶତ ଜିଏସ୍‌ଟି ଲାଗିବ । ଶସ୍ତା ହେଟେଲ ରୁମ୍‌କୁ ଜିଏସ୍‌ଟିଭୁକ୍ତ କରାଯାଇଥିବାରୁ ସେଗୁଡିକରେ ରହଣୀ ବି ମହଙ୍ଗା ହେବ । ହଜାରେ ଟଙ୍କାରୁ କମ୍ ମୂଲ୍ୟର ହୋଟେଲ ରୁମ୍‌ରେ ଦେବାକୁ ପଡ଼ିବ ୧୨% ଜିଏସ୍‌ଟି । ଖାଲି ସେତିକି ନୁହେଁ, ହସ୍ପିଟାଲରେ ଚିକିତ୍ସା ଲାଗି ଦାମୀ ରୁମ୍ ଭଡ଼ାରେ ନେଲେ ବି ଟିକସ ଗଣିବାକୁ ପଡ଼ିବ । ଆଇସିୟୁକୁ ଛାଡ଼ିଦେଲେ ୫ ହଜାର ଟଙ୍କାରୁ ଅଧିକ ଭଡ଼ା ଥିବା ହସ୍ପିଟାଲ ରୁମ୍ ଉପରେ ବି ୫% ଜିଏସ୍‌ଟି ଦେବାକୁ ହେବ ।

## ରାଷ୍ଟ୍ରପତି ନିର୍ବାଚନ: ଓଡ଼ିଶାରେ ପଡ଼ିଲା ୧୪୫ଟି ଭୋଟ୍

ଭୁବନେଶ୍ୱର ୧୮ ଜୁଲାଇ : ରାଷ୍ଟ୍ରପତି ନିର୍ବାଚନ ପାଇଁ ଆଜି ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ଭୋଟଗ୍ରହଣ ଶେଷ ହୋଇଛି । କେବଳ ବିଜେଡିରୁ ବହିଷ୍କୃତ ବିଧାୟକ ପ୍ରଶାନ୍ତ ଜଗଦେବଙ୍କୁ ବାଦ୍ ଦେଲେ ଅନ୍ୟ ସମସ୍ତେ ଭୋଟ୍ ଦେଇଛନ୍ତି । ଆଜି ଓଡ଼ିଶା ବିଧାନସଭା ପରିସରରେ ଥିବା ଭୋଟଗ୍ରହଣ କେନ୍ଦ୍ରରେ ମୋଟ ୧୪୫ଜଣ ବିଧାୟକ ଭୋଟ୍ ଦେଇଥିବାବେଳେ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ ସଂସଦ ଭବନରେ ଭୋଟ୍ ଦେଇଛନ୍ତି । ସୂଚନା ଅନୁସାରେ, ରାଷ୍ଟ୍ରପତି ନିର୍ବାଚନ ପାଇଁ ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ବ୍ୟାପକ ବନ୍ଦୋବସ୍ତ ହୋଇଥିଲା । ଆଜି ଅପରାହ୍ନ ୧ଟା ସୁଦ୍ଧା ୧୪୧ଜଣ ବିଧାୟକ ନିଜର ମତାଧିକାର ସାବ୍ୟସ୍ତ କରିଥିବାବେଳେ ୫ଟା ସୁଦ୍ଧା ଆଉ ୪ଜଣ ଭୋଟ୍ ଦେଇଥିଲେ । ବିଜେଡିର ୧୧୨ ଜଣ ବିଧାୟକ, ବିଜେପିର ୨୧ଜଣ ବିଧାୟକ, କଂଗ୍ରେସର ୯ଜଣ ବିଧାୟକ, ସିପିଏମ୍ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ବିଜେଡିରୁ ବହିଷ୍କୃତ ବିଧାୟକ ପ୍ରଦୀପ ପାଣିଗ୍ରାହୀ ଓ ସ୍ୱାଧୀନ ବିଧାୟକ ମକରନ୍ଦ ମୁଦୁଲି ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ହୋଇଥିବା ଭୋଟଗ୍ରହଣ କେନ୍ଦ୍ରରେ ମତଦାନ କରିଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧାନସଭା ପ୍ରକୋଷ୍ଠରେ ଭୋଟ୍ ଦେଇଥିବାବେଳେ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ ସଂସଦ ଭବନରେ ଭୋଟ୍ ଦେଇଛନ୍ତି । ଓଡ଼ିଶାରେ କଂଗ୍ରେସ ବିଧାୟକଙ୍କ ଭୋଟ୍ ୟୁପିଏ ପ୍ରାର୍ଥୀ ଯଶବନ୍ତ ସିହ୍ନାଙ୍କୁ ଯାଇଥିବାବେଳେ କେବଳ କଟକ ବାରବାଟୀର କଂଗ୍ରେସ ବିଧାୟକ ମହମ୍ମଦ ମୋକିମଙ୍କ ଭୋଟ୍ ଏନଡିଏ ପ୍ରାର୍ଥୀଙ୍କ ସପକ୍ଷରେ ପଡ଼ିଛି । ବିଜେଡି, ବିଜେପି ଓ ଅନ୍ୟମାନଙ୍କ ଭୋଟ୍ ଏନଡିଏ ପ୍ରାର୍ଥୀ ଦ୍ରୌପଦୀଙ୍କ ସପକ୍ଷରେ ଯାଇଛି ।




## ଉପ ରାଷ୍ଟ୍ରପତି ପଦ ପାଇଁ ନାମାଙ୍କନ ଦାଖଲ କଲେ ଧନଖଡ଼

ନୂଆଦିଲ୍ଲୀ,୧୮ ଜୁଲାଇ : ଏନଡିଏର ଉପ ରାଷ୍ଟ୍ରପତି ଜଗଦୀପ ଧନଖଡ଼ ଆଜି ସଂସଦ ଭବନରେ ନାମାଙ୍କନ ଦାଖଲ କରିଛନ୍ତି । ନାମାଙ୍କନ ଦାଖଲ କରିବା ପୂର୍ବରୁ ସେ ପଶ୍ଚିମବଙ୍ଗର ରାଜ୍ୟପାଳ ପଦରୁ ଇସ୍ତଫା ଦେଇଛନ୍ତି । ସେ ଆଜି ସଂସଦ ଭବନରେ ନାମାଙ୍କନ ଦାଖଲ କରିବା ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ଓ ଅନେକ କେନ୍ଦ୍ରମନ୍ତ୍ରୀ ଉପସ୍ଥିତ ରହିଥିଲେ । ଶ୍ରୀ ଧନଖଡ଼ଙ୍କ ପ୍ରଥମ ପ୍ରସ୍ତାବକ ଭାବେ ପ୍ରଧାନମନ୍ତ୍ରୀ ମୋଦି ହିଁ ଦସ୍ତଖତ କରିଛନ୍ତି । ଏଥିସହ ତାଙ୍କ ପ୍ରାର୍ଥିପତ୍ରକୁ ମୋଦି ହିଁ ରିଟର୍ଣ୍ଣିଂ ଅଫିସରଙ୍କୁ ହସ୍ତାନ୍ତର କରିଛନ୍ତି । ଏନଡିଏର ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କ ନାମାଙ୍କନ ବେଳେ ମଧ୍ୟ ମୋଦି ଏମିତି କରିଥିଲେ । ଧନଖଡ଼ଙ୍କ ପ୍ରାର୍ଥିତ୍ୱକୁ ଓଡ଼ିଶାର କ୍ଷମତାସୀନ ବିଜେଡି ସମର୍ଥନ ଘୋଷଣା କରିଛି । ସେହିପରି ତାମିଲନାଡୁର ବିରୋଧୀ ଦଳ ଏଆଇଏଡିଏମକେ ମଧ୍ୟ ଉପ ରାଷ୍ଟ୍ରପତି ନିର୍ବାଚନରେ ଧନକଡ଼ଙ୍କୁ ସମର୍ଥନ କରିବ । ବିଜେଡି ଧନକଡ଼ଙ୍କୁ ସମର୍ଥନ କରିଥିବାରୁ ଦଳୀୟ ସାଂସଦ ପିନାକୀ ମିଶ୍ର ଆଜି ନାମାଙ୍କନ ଦାଖଲ ବେଳେ ଉପସ୍ଥିତ ରହିଥିଲେ । ନାମାଙ୍କନ ପ୍ରକ୍ରିୟା ଶେଷ ହେବା ପରେ ପ୍ରଧାନମନ୍ତ୍ରୀ ମୋଦି ତାଙ୍କୁ ସ୍ମିତହାସ୍ୟ ଦେଇ କିଛି କହୁଥିବା ବେଳର ଭିଡିଓ ମଧ୍ୟ ସାମ୍ନାକୁ ଆସିଛି । ଧନଖଡ଼ ନାମାଙ୍କନ ଦାଖଲ କରିବା ପରେ ବିଦାୟୀ ଉପ ରାଷ୍ଟ୍ରପତି ଭେଙ୍କୟା ନାଇଡୁଙ୍କୁ ଭେଟିଛନ୍ତି । ଅନ୍ୟପକ୍ଷରେ ଧନଖଡ଼ଙ୍କ ଲଢ଼େଇ ବିରୋଧୀ ମେଣ୍ଟର ପ୍ରାର୍ଥୀ ମାର୍ଗାରେଟ୍ ଆଲଭାଙ୍କ ସହ ହେବ । ଆଲଭା ହେଉଛନ୍ତି ୫ ଥର ସାଂସଦ ଓ ରାଜସ୍ଥାନର ପୂର୍ବତନ ରାଜ୍ୟପାଳ । ତାଙ୍କୁ ଅଧିକାଂଶ ବିରୋଧୀ ଦଳ ସମର୍ଥନ ଘୋଷଣା କରିଛନ୍ତି ।



# ଦୁର୍ଗମ ଅଞ୍ଚଳରେ ପଡ଼ିଲା ବିକାଶର ମୂଳଦୁଆ

## ଥଇଥାନ ହେବେ ୮ ଆଦିବାସୀ ପରିବାର



ଲାଞ୍ଜିଗଡ଼,୧୮ (ନି.ପ୍ର.) : ମୌଳିକ ସୁବିଧାରୁ ବଞ୍ଚିତ ଥିଲେ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜି ଗ୍ରାମପଞ୍ଚାୟତର ନଙ୍ଗଳବାହାଲି ଗାଁର ଲୋକେ । ଏନେଇ କିଛି ବର୍ଷ ହେଲା ବ୍ଲକ ପ୍ରଶାସନ ପକ୍ଷରୁ ଗାଁର ଲୋକଙ୍କୁ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦେବାକୁ ପ୍ରୟାସ କରାଯାଇଥିଲା । ହେଲେ ରାସ୍ତା ଅଭାବରୁ ତାହା ସମ୍ଭବ ହୋଇପାରୁନଥିଲା । ସେମାନଙ୍କୁ ପାହାଡ଼ରୁ ତଳକୁ ଓହ୍ଲାଇ ଆଣିବା ପାଇଁ ପ୍ରୟାସ କରାଯାଇଥିଲେ ହେଁ ତାହା ସମ୍ଭବ ହୋଇପାରିନଥିଲା । ଲାଞ୍ଜିଗଡ଼ ବ୍ଲକରେ ବିଡିଓ ଭାବେ ନିଜର ପ୍ରଥମ ନିଯୁକ୍ତି ପରେ ଯୁବ ପ୍ରଶାସକ ଜିତେନ୍ଦ୍ର କୁମାର ମିଶ୍ର ଲାଞ୍ଜିଗଡ଼ ବ୍ଲକର ବିଭିନ୍ନ ସମସ୍ୟା ସଂପର୍କରେ ଅବଗତ ହେବାକୁ ଦୁର୍ଗମାଞ୍ଚଳ ସବୁ ଗସ୍ତ କରିବା ସହିତ ସେସବୁର ସମାଧାନ ପାଇଁ ଉଦ୍ୟମ ଆରମ୍ଭ କରିଥିଲେ । ଏଥିପାଇଁ ସେ ସରକାରଙ୍କ ବିଭିନ୍ନ ଯୋଜନାଗୁଡ଼ିକୁ ଆହୁରି କ୍ରିୟାଶୀଳ କରିବାକୁ ଯାଇ ନିଜସ୍ୱ କାର୍ଯ୍ୟକ୍ରମ ସବୁ ଲାଗୁ କରିଥିଲେ ।ସେଥିମଧ୍ୟରୁ କରୋନା କାଳରେ 'ସୁସ୍ଥ ଗାଁ, ସ୍ୱଚ୍ଛ ଗାଁ', ପ୍ରତି ମଙ୍ଗଳବାରରେ 'ପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶୁଣାଣି', ମନରେଗା ଯୋଜନା ପାଇଁ 'ମିଶନ ସୂର୍ଯ୍ୟୋଦୟ' ସହିତ ଦୁର୍ଗମ ଅଞ୍ଚଳର ଗାଁଗୁଡ଼ିକୁ ମୁଖ୍ୟସ୍ରୋତରେ ସାମିଲ କରିବାକୁ ଆରମ୍ଭ କରିଥିଲେ 'ଗାଁକୁ ଚାଲ ଅଭିଯାନ' । ବ୍ଲକ ପ୍ରଶାସନର ଏଇ ପାଇଲଟ୍ ପ୍ରକଳ୍ପଗୁଡ଼ିକ ପ୍ରତି ଲୋକଙ୍କ ଆଗ୍ରହ ଯୋଗୁଁ ଧିରେଧିରେ ସେସବୁ ସଫଳତା ଆଡ଼କୁ ଗତି କରୁଛି । ଏହି କ୍ରମରେ କାନକୁଟ୍ଟ ଗ୍ରାମପଞ୍ଚାୟତର ପାହାଡ଼ ଉପରେ ଥିବା ବାରଗୁଡ଼ା ଗାଁର ୧୬ଟି ପରିବାର ପାହାଡ଼ରୁ ତଳକୁ ଓହ୍ଲାଇବା ପାଇଁ ରାଜି ହେବା ପରେ ସେମାନଙ୍କ ପାଇଁ ଦିଆଲବାହାଲି ଠାରେ ପ୍ରଶାସନ ତିଆରି କରିଥିଲା ଆବାସନଗର । ଆବାସନଗରର ସଫଳତା ପରେ ବିଡିଓ ଶ୍ରୀ ମିଶ୍ର ଉତ୍ସାହିତ ହୋଇପଡ଼ିବା ସହିତ ଲାଞ୍ଜି ଗ୍ରାମପଞ୍ଚାୟତର ଏଇ ନଙ୍ଗଳବାହାଲିକୁ ବାଛିଥିଲେ । ପନ୍ଦରଶହ ଫୁଟ ଉଚ୍ଚ ପାହାଡ଼ ଉପରେ ଥିବା ଆଦିବାସୀଙ୍କ ଉପର ନଙ୍ଗଳବାହାଲି ଗାଁକୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅଲେଖ ସାଙ୍କ ସହିତ ପାଦରେ ଚାଲିଚାଲି ଯାଇ ପହଞ୍ଚିଥିଲେ ଓ ଲୋକଙ୍କ ଅବସ୍ଥା ଦେଖି ପାହାଡ଼ ତଳକୁ ଓହ୍ଲାଇ ଆସିବା ପାଇଁ ବୁଝାଇଥିଲେ । ବହୁ କଷ୍ଟରେ ଲୋକେ ବି ବୁଝିଗଲେ । ତଳକୁ ଓହ୍ଲାଇ ଆସିବାକୁ ରାଜି ହେଲେ । ତାପରେ ଶ୍ରୀ ମିଶ୍ରଙ୍କ ଦାୟିତ୍ୱ ବଢ଼ିଗଲା । ସେ ପ୍ରୟାସ ଆରମ୍ଭ କଲେ ସେହି ଆଦିବାସୀଙ୍କ ସୁବିଧା ପାଇଁ । ଆରମ୍ଭ ହେଲା ସ୍ୱପ୍ନର ପ୍ରକଳ୍ପ 'ବିକାଶ ନଗର' । ତାହା ସ୍ଥାପନ ପାଇଁ ଗାଁ ୧ ହଜାର ଫୁଟ ତଳେ ଜାଗା ଚିହ୍ନଟ ହେଲା । ବର୍ତ୍ତମାନ ସେଇ କାମ ଜୋରସୋରରେ ଆଗେଇ ଚାଲିଛି କାମ । ୮ଟି ପରିବାରର ଲୋଟି ମାଝୀ, ବୁଟି ମାଝୀ, ଟିଙ୍ଗୁ ମାଝୀ, ଖୁଣଜା ମାଝୀ, ବେଣ୍ଡା ମାଝୀ, ଗଦା ମାଝୀ, ଦୂତା ମାଝୀ ଓ ଘାସି ମାଝୀଙ୍କ ପାଇଁ ୮ଟି ଘର ତିଆରି ବର୍ତ୍ତମାନ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ସେମାନଙ୍କ ପାଇଁ ରାସ୍ତା, ପାନୀୟଜଳ, ବିଜୁଳିର ସୁବିଧା ପାଇଁ ପ୍ରଶାସନ ଉଦ୍ୟମ ଜାରି ରଖିଛି । ଆଦିବାସୀଙ୍କ ଧର୍ମୀୟ ଭାବନାର ପ୍ରତୀକ ଧରନୀ ଗୁଡ଼ି ବି ସେଠାରେ ତିଆରି କରାଯିବାକୁ ପ୍ରଶାସନ ନିଷ୍ପତ୍ତି ନେଇଛି ! ଲାଞ୍ଜି ପଞ୍ଚାୟତ ନିର୍ବାହୀ ଅଧିକାରୀ ଅଲେଖ ସା, କନିଷ୍ଠ ଯନ୍ତ୍ରୀ ଗୋଲକ ବିହାରୀ ଭୋଇ ଏବଂ ନିଜେ ବିଡିଓ ଶ୍ରୀ ମିଶ୍ର ବାରମ୍ବାର ଗାଁକୁ ଯାଇ କାର୍ଯ୍ୟର ତଦାରଖ କରୁଛନ୍ତି । ଶ୍ରୀ ମିଶ୍ରଙ୍କ ଏଭଳି ଉଦ୍ୟମକୁ ସାଧାରଣରେ ବେଶ୍ ପ୍ରଶଂସା କରାଯାଉଛି ।

# ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ପରିଚାଳନା ପରିଷଦ ବୈଠକ



ଭଦ୍ରକ, ୧୮ (ନି.ପ୍ର.) : ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସମିତିର ଉପସଭାପତି ତଥା ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବନ୍ଧୋର, ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ର ପ୍ରମୁଖ ଏହି ବୈଠକରେ ଯୋଗଦେଇଥିଲେ । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ଭିତ୍ତିଭୂମିର ଉନ୍ନତି ପାଇଁ ନିର୍ମାଣାଧୀନ ସମସ୍ତ ପ୍ରକଳ୍ପ କାର୍ଯ୍ୟକୁ ଯଥାସମ୍ଭବ ଶୀଘ୍ର ସମାପ୍ତ କରାଯିବା ଉପରେ ସଭାପତି ଏବଂ ଜିଲ୍ଲାପାଳ ଉଭୟେ ଗୁରୁତ୍ୱ ପ୍ରଦାନ କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ନୂତନ ଚିକିତ୍ସାଳୟ, ଜିଲ୍ଲାର ସମସ୍ତ ବ୍ଲକରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଉପସ୍ୱାସ୍ଥ୍ୟ କେନ୍ଦ୍ର ସବୁଗୁଡ଼ିକର ନୂତନ କୋଠା ନିର୍ମାଣ ହେଉ କି ମରାମତି ସମସ୍ତ କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ ସାରିବାକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା । ବିଶେଷକରି ଉତ୍ତମ ସ୍ୱାସ୍ଥ୍ୟ ସେବା ପ୍ରଦାନ ପାଇଁ ଡ୍ରେନେଜ, ବିଦ୍ୟୁତ୍, ଜଳଯୋଗାଣ, ପରିମଳ ବ୍ୟବସ୍ଥା ଆଦି ସମସ୍ତ ସୁବିଧା ସଠିକ୍ ଭାବେ ଡାକ୍ତରଖାନା ଗୁଡ଼ିକ ପାଇଁ ଉପଲବ୍ଧ କରାଇବାକୁ କୁହାଯାଇଥିଲା । ପ୍ରତିଟି ପ୍ରକଳ୍ପର ନିର୍ମାଣ ଜନିତ ପ୍ରଗତି, ସମସ୍ୟା, ଜାଗା ଚିହ୍ନଟ, ଅର୍ଥ ବ୍ୟବସ୍ଥା, ଟେଣ୍ଡର ଆଦି ବିଷୟରେ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରାଯାଇ ବୈଠକରେ ଉପସ୍ଥିତ ଆର.ଡି., ପି.ଡବ୍ଲ୍ୟୁ.ଡି., ପି.ଏଚ୍.ଡି., ଜି.ଇଡି., ବିଦ୍ୟୁତ ଆଦି ବିଭାଗୀୟ ଯନ୍ତ୍ରୀ ମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦିଆଯାଇଥିଲା । ଏନ୍.ଏଚ୍.ଏମ୍.ର ସହକାରୀ ଯନ୍ତ୍ରୀଙ୍କୁ ଏ ସମସ୍ତ ନିର୍ମାଣାଧୀନ କାର୍ଯ୍ୟର ତ୍ୱରାନ୍ୱିତ କରିବା ଦିଗରେ ତଦାରଖ କରିବା ପାଇଁ କୁହାଯାଇଥିଲା । ସଂପୃକ୍ତ ଅଧିକାରୀମାନେ ଗୁରୁତ୍ୱର ସହ କାମ କରନ୍ତୁ ବୋଲି ଜିଲ୍ଲା ପରିଷଦ ସଭାପତି ସମସ୍ତଙ୍କର ସହଯୋଗ କାମନା କରିଥିଲେ । ପରେ ପରେ ଅନୁଷ୍ଠିତ ଜିଲ୍ଲା ସ୍ୱାସ୍ଥ୍ୟ ସମିତିର କାର୍ଯ୍ୟନିର୍ବାହୀ କମିଟି ବୈଠକରେ ସଭାପତି ହିସାବରେ ଜିଲ୍ଲାପାଳ ସ୍ୱାସ୍ଥ୍ୟସେବା ପ୍ରଦାନରେ ସମସ୍ତ ଉନ୍ନୟନ ମୂଳକ କାର୍ଯ୍ୟକୁ ଧାର୍ଯ୍ୟ ସମୟ ମଧ୍ୟରେ ସାରିବା ପାଇଁ ଜାଗା ଚିହ୍ନଟ କାମକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ପୁଣି ପରେ ପରେ ଅନୁଷ୍ଠିତ ଜିଲ୍ଲା ଗୁଣାତ୍ମକ ନିଶ୍ଚିତତା କମିଟି ବୈଠକରେ କାୟାକଳ୍ପ ପୁରସ୍କାର ପ୍ରାପ୍ତି ନେଇ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ଠାରୁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପର୍ଯ୍ୟନ୍ତ ଡାକ୍ତରଖାନା ପାଇଁ ଆବଶ୍ୟକ ଭିତ୍ତିଭୂମି ସମ୍ବନ୍ଧରେ ସମୀକ୍ଷା କରିବା ସହିତ ସେହି ଅନୁଯାୟୀ ପ୍ରୟାସ ଜାରି ରଖିବାକୁ ସଂପୃକ୍ତ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ଉତ୍ସାହିତ କରିଥିଲେ ।

# ହୋଣ୍ଡା ଆକ୍ଟିଭା ଡିକିଭାଙ୍ଗି ୫୦ ହଜାର ଲୁଟ

ଭୁବନ, ୧୮ (ନି.ପ୍ର.) : ଭୁବନ ଥାନାରେ ନୂଆକରିଯୋଗଦେଇଥିବା ଆଇ ଆଇସି ସୌଭାଗ୍ୟ କୁମାର ସ୍ୱାଇଁ ଅପରାଧିମାନଙ୍କର ନିଦ ହଜାଇ ଦେଇଥିବାବେଳେ ଆଜି ଅପରାଧି ମାନେ ଏକ ଲୁଟଘଟଣାଘଟାଇ ନୂଆ ଥାନାଧିକାରୀଙ୍କୁ ଖୋଲା ଚାଲେଞ୍ଜ ଦେଇଛନ୍ତି । ପ୍ରାପ୍ତ ଖବରରୁ ପ୍ରକାଶ ଯେ , ଭୁବନ ଥାନା ଅନ୍ତର୍ଗତଭୂଷଲଗ୍ରାମର ନମିତା ଦାସ ତାଙ୍କ ପୁଅକୁ ସଙ୍ଗରେ ଧରି ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଋଣ ଟଙ୍କା ଉଠାଇବାକୁ ଏସବିଆଇ ଭୁବନ ଶାଖାକୁ ଆସିଥିଲେ । ଦିବା ୧୧.୪୦ ମିନିଟ ସମୟରେ ସେ ବ୍ୟାଙ୍କରୁ ୫୦ ହଜାର ଟଙ୍କା ଉଠାଇ ଘରକୁ ଫେରୁଥିବାବେଳେ ବାଟ ତାରିଣୀ ମନ୍ଦିର ନିକଟସ୍ଥ ଦୋକାନରୁ ପରିବା କିଣିବା ନିମନ୍ତେ ତାଙ୍କ ହୋଣ୍ଡା ଆକ୍ଟିଭା ଗାଡି ରଖିଥିବାବେଳେ ଅଜଣା ଦୁର୍ବୃତ୍ତ ଗାଡି ଡିକିଭାଙ୍ଗି ୫୦ ହଜାର ଟଙ୍କା ଲୁଟି ନେଇଥିଲା । ଶ୍ରୀମତୀ ଦାସଏ ସଂପର୍କରେ ସଙ୍ଗେ ସଙ୍ଗେ ଭୁବନ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଭୁବନ ଥାନାରେ କେଶ ନଂ- ୨୯୫/୨୦୨୨ ଦଫା-୩୭୯ ରେମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି । ସିସିଟିଭି ଫୁଟେଜରୁ ଅପରାଧିଙ୍କୁ ଚିହ୍ନଟ କରାଯାଇଛି ଓ ଖୁବଶୀଘ୍ର ଅପରାଧି ମାନେ ଧରା ପଡିବେ ବୋଲି ଆଇ ଆଇସି ଶ୍ରୀଯୁକ୍ତ ସ୍ୱାଇଁ ଦୃଢୋକ୍ତି ପ୍ରକାଶ କରିଛନ୍ତି ।

# ନିଖୋଜ ନାବାଳିକା ଆନ୍ଧ୍ରପ୍ରଦେଶ ନେଲୁରରୁ ଉଦ୍ଧାର

ଗଞ୍ଜାମ, ୧୮ ଜୁଲାଇ (ହି.ସ.)- ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଅଂଚଳରୁ ଗତ କିଛି ଦିନ ପୂର୍ବେ ଜଣେ ନାବାଳିକା ନିଖୋଜ ହୋଇଥିଲେ । ଏ ସମ୍ପର୍କରେ ଥାନାରେ ଏକ ଲିଖିତ ଅଭିଯୋଗ ହୋଇଥିଲା । ପୋଲିସ ତଦନ୍ତ କରି କବିସୂର୍ଯ୍ୟନଗର ଥାନାର ଏକ ଟିମ୍ ଆନ୍ଧ୍ରପ୍ରଦେଶର ନେଲୁର ଅଂଚଳକୁ ଯାଇ ସେହି ନିଖୋଜ ନାବାଳିକାକୁ ଉଦ୍ଧାର କରିବା ସହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ନେଇ ଥାନା ଅଧିକାରୀ ପ୍ରଭାତ କୁମାର ସାହୁ ସୂଚନା ଦେଇଛନ୍ତି ।

# କାଶୀପୁରରେ ଥମୁନି ଝାଡ଼ାବାନ୍ତି: ଗଡ଼ିଲା ଆଉ ଏକ ମୁଣ୍ଡ, ମୃତ୍ୟୁ ସଂଖ୍ୟା ୭କୁ ବୃଦ୍ଧି



ରାୟଗଡ଼ ।/କାଶୀପୁର: କାଶୀପୁରରେ ଆଜି ଆଉ ଏକ ମୁଣ୍ଡ ନେଇଛି ଝାଡ଼ାବାନ୍ତି । ଅପରାହ୍ନରେ ବ୍ଲକର ଶଙ୍କରଡ଼ା ପଞ୍ଚାୟତ ପାଞ୍ଚାଳୀ ଗାଁର ଅଗ ?ାଧୁ ଗରଡ଼ାଙ୍କ ମୃତ୍ୟୁ ହୋଇଛି । ଫଳରେ ମୃତ୍ୟୁ ସଂଖ୍ୟା ୭କୁ ବୃଦ୍ଧି ପାଇଛି । ୪୦ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ ଟିକିରି, ରାୟଗଡ଼ା ମେଡ଼ିକାଲରେ ଚିକିତ୍ସାଧୀନ ଅଛନ୍ତି । ଧୀରେ ଧୀରେ ଆକ୍ରାନ୍ତ ସଂଖ୍ୟା ବଢୁଥିବା ବେଳେ ଟିକିରି ଥୁଟିବର ସେବାଶ୍ରମର ୧୧ ଛାତ୍ରୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେବା ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ପାଇଁ ଚିନ୍ତାର କାରଣ ପାଲଟିଛି । ଝାଡ଼ାବାନ୍ତି ଗୋଟିଏ ପରେ ଗୋଟିଏ ଗାଁକୁ ମାଡ଼ି ଚାଲିଥିବାରୁ ଏହାର କାରଣ ଖୋଜିବାକୁ ଟିକିରିରେ ପହଞ୍ଚିଛନ୍ତି ସ୍ୱାସ୍ଥ୍ୟ ବିଭାଗର ରାଜ୍ୟସ୍ତରୀୟ ଟିମ୍ । ଯୁଗ୍ମ ନିର୍ଦ୍ଦେଶକ ବସନ୍ତ କୁମାର ପ୍ରଧାନଙ୍କ ନେତୃତ୍ୱରେ ଆସିଥିବା ଟିମ୍ ବିଭିନ୍ନ ପ୍ରଭାବିତ ଅଞ୍ଚଳ ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି । ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା, ଦୂଷିତ ପାଣି, ଅଖାଦ୍ୟ ସେବନ ନା ଅନ୍ୟ କେଉଁ କାରଣ ପାଇଁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଛି ତାକୁ ନେଇ ଯାଞ୍ଚ କରୁଛି ଟିମ୍ । ସେହିପରି ଜିଲ୍ଲାପାଳ ସ୍ୱଧା ଦେବ ସିଂ ଆକ୍ରାନ୍ତ ଗାଁ, ମେଡ଼ିକାଲ୍ ପରିଦର୍ଶନ କରି ମୃତକ ଓ ଆକ୍ରାନ୍ତଙ୍କ ସଂପର୍କୀୟ ସହ ଆଲୋଚନା କରିଛନ୍ତି । ଟିକିରି ଝୋଡ଼ିଆ ସାହି, ଦୁଡୁକାବାହଲ, ଶଙ୍କରଡ଼ା ଗସ୍ତ କରି ଜିଲ୍ଲାପାଳ ସ୍ଥିତି ଅନୁଧ୍ୟାନ କରିଛନ୍ତି । ଅଧିକାଂଶ ଗାଁରେ ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥାକୁ ଦେଖି ବିଗିଡ଼ିଥିଲେ ଜିଲ୍ଲାପାଳ । ଟିକିରି ଝୋଡ଼ିଆ ସାହି ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଥିବାରୁ ବ୍ଲକ୍ କର୍ତ୍ତୃପକ୍ଷଙ୍କୁ ତାଗିଦ୍ କରିଥିଲେ । ଦୁଡୁକାବାହଲବାସୀ ପାନୀୟ ଜଳ ପାଇଁ ବ୍ୟବହାର କରୁଥିବା କୂଅକୁ ଦେଖି ଅସନ୍ତୋଷ ପ୍ରକାଶ କରିଥିଲେ ଜିଲ୍ଲାପାଳ । ସୌରଚାଳିତ ଡୁଆଲ ପମ୍ପକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଜିଲ୍ଲା ଗ୍ରାମ୍ୟ ଜଳ ଯୋଗାଣ ସଂସ୍ଥା ଅଧିକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଦୁଇ ଦିନ ଭିତରେ କାର୍ଯ୍ୟକାରୀ ନହେଲେ ଏ ସଂପର୍କରେ ଅବଗତ କରିବାକୁ ନାଏବ ସରପଞ୍ଚଙ୍କୁ କହିଛନ୍ତି ଜିଲ୍ଲାପାଳ । ଆକ୍ରାନ୍ତ ସଂଖ୍ୟା ବଢ଼ିବା ପରେ ଦୁଡୁକାବାହଲ ସମେତ ଅନ୍ୟ ଗାଁରେ ଥିବା ଜଳ ଉତ୍ସ ଓ ନଳକୂପ ଗୁଡ଼ିକୁ ବିଶୋଧନ କରାଯାଇଛି । ଆଗାମୀ ଏକ ସପ୍ତାହ ପର୍ଯ୍ୟନ୍ତ ଟ୍ୟାଙ୍କର ମାଧ୍ୟମରେ ପାଣି ଯୋଗାଇ ଦେବାକୁ ଗ୍ରାମ୍ୟ ଜଳ ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ ।

# ଧାମରାରେ ମତ୍ସ୍ୟଜୀବୀଙ୍କ ଜାଲରେ ପଡୁଛନ୍ତି କୁଢ କୁଢ ଇଲିସି



ଭଦ୍ରକ, ୧୮ (ନି.ପ୍ର.) : : କଥାରେ ଅଛି, ମାଛ ଖାଇବ ଇଲିସି ଚାକିରୀ କରିବ ପୁଲିସି । ଇଲିସି ମାଛର ଦର ଅଧିକା ଥିବାରୁ ସାଧାରଣ ଲୋକଙ୍କ ପାଇଁ ଅନ୍ୟ ଦିନ ଗୁଡିକରେ ଖାଇବା ସମ୍ଭବ ହୋଇନଥାଏ । କିନ୍ତୁ ବର୍ଷାଦିନରେ ସାମାନ୍ୟ ଦର କମିଲେ ମାଛ ବଜାରରେ ଇଲିସି କିଣିବାକୁ ଲାଗେ ଲୋକଙ୍କ ଭିଡ । ଲଗାତର କିଛିଦିନ ହେବ ଭଦ୍ରକ ଧାମରା ମତ୍ସ୍ୟଜୀବୀଙ୍କ ଜାଲରେ ପଡୁଛନ୍ତି ଟନ୍ ଟନ୍ ଇଲିସି । ହେଲେ ନୂଆ ଇଲିସି ପଡିବା କାରଣରୁ ଦର ମଧ୍ୟ ଆକାଶ ଛୁଆଁ ରହିଛି । ବିଗତ ବର୍ଷ ଗୁଡିକରେ ଇଲିସି ଏତେଟା ଦେଖା ଦେଇନଥିଲା । ଏଥର କିନ୍ତୁ ବ୍ୟତିକ୍ରମ ଦେଖିବାକୁ ମିଳିଛି । କିଛିଦିନ ହେବ ଲଗାଣ ବର୍ଷା ଯୋଗୁଁ ଧାମରା ଅଂଚଳର ମତ୍ସ୍ୟଜୀବୀଙ୍କ ଜାଲରେ ଟନ୍ ଟନ୍ ଇଲିସି ମାଛ ପଡୁଛି । ଯାହାକୁ ନେଇ ମତ୍ସ୍ୟଜୀବୀ ବେଶ୍ ଖୁସି ଅଛନ୍ତି । ଛୋଟ ଇଲିସି କମ୍ ପଡୁଥିବାବେଳେ ଅଧିକ ବଡ ଇଲିସି ଗୁଡିକ ଜାଲରେ ପଡୁଛନ୍ତି । ବଡ ଇଲିସିର ଚାହିଦା ମଧ୍ୟ ସବୁଠି ଅଧିକ ରହିଛି । ୧ କେଜିରୁ ଦେଢ କିଲୋ ଓଜନର ଇଲିସି ଗୁଡିକ ୧୫ ଶହରୁ ୨ ହଜାର ଟଙ୍କାରେ ବିକ୍ରି ହେଉଛି । ୧ କେଜିରୁ କମ୍ ଓଜନର ଇଲିସି ୧୨ ଶହ ଓ ଅଧକିଲୋରୁ ୬ ଶହ ଓଜନର ଇଲିସି ୬ ଶହ ଟଙ୍କାରେ ବିକ୍ରି ହେଉଛି ।

# ସର୍ବସାଧାରଣ ରାସ୍ତା ଅବରୋଧ କରି ପ୍ରାଚେରୀ ନିର୍ମାଣ, ଧାରଣା ଦେଲେ ଗ୍ରାମବାସୀ



ପଟ୍ଟାମୁଣ୍ଡାଇ ତା୧୮.୭-ସର୍ବସାଧାରଣ ଚଳପ୍ରଚଳ ରାସ୍ତାକୁ ଅବରୋଧ କରି ପ୍ରାଚେରୀ ନିର୍ମାଣ କାର୍ଯ୍ୟକୁ ବିରୋଧ କରି ପଟ୍ଟାମୁଣ୍ଡାଇ ପୌରପରିଷଦ ୩ ନଂ. ୱାର୍ଡର ଗ୍ରାମବାସୀଙ୍କ ପକ୍ଷରୁ ଆଜି ପଟ୍ଟାମୁଣ୍ଡାଇ ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା । ପ୍ରକାଶ ଯେ ସ୍ଥାନୀୟ ତନୁପୁର ଗ୍ରାମର ୩ନଂ. ୱାର୍ଡର ଗ୍ରାମ୍ୟ ଉନ୍ନୟନ ରାସ୍ତା ଠାରୁ ମଧୁ ବେହେରା ଘର ପର୍ଯ୍ୟନ୍ତ ଚଳପ୍ରଚଳ ରାସ୍ତା ଉପରେ ୩୦ ଗୋଟି ପରିବାର ଲୋକେ ଯାତାୟତ ପାଇଁ ନିର୍ଭର କରନ୍ତି । ଏହି ରାସ୍ତାକୁ ପୌର ପରିଷଦ ପକ୍ଷରୁ ପକ୍କା ରାସ୍ତାରେ ପରିଣତ କରାଯାଇଛି । କିନ୍ତୁ ଗ୍ରାମର ଜନୈକା ମହିଳା ସାବିତ୍ରୀ ସାହୁ ଏହି ରାସ୍ତା ଉପରେ ଏକ ପ୍ରାଚେରୀ ନିର୍ମାଣ କରୁଥିବାରୁ ରାସ୍ତା ଅବରୋଧ ହୋଇ ଯାତାୟତରେ ବାଧା ସୃଷ୍ଟି ହେଉଛି । ସରକାରୀ ରାସ୍ତାରେ ପ୍ରାଚେରୀ ନିର୍ମାଣ କାର୍ଯ୍ୟକୁ ଗ୍ରାମବାସୀମାନେ ବିରୋଧ କରିବାରୁ ସଂପୃକ୍ତ ମହିଳା ଓ ତାର ପରିବାର ଲୋକମାନେ ଗ୍ରାମବାସୀଙ୍କୁ ଅଶ୍ଳିଳଭାଷାରେ ଗାଳି ଗୁଲଜ କରିବା ସହିତ ଠେଙ୍ଗା ଧରି ମାରିବାକୁ ଗୋଡାଇଥିଲେ । ଫଳରେ ନିରୁପାୟ ହୋଇ ଗ୍ରାମବାସୀ ଗତ ସପ୍ତାହରେ ପଟ୍ଟାମୁଣ୍ଡାଇ ତହସିଲଦାରଙ୍କୁ ଲିଖିତ ଭାବେ ଜଣାଇଥିଲେ ଓ ପଟ୍ଟାମୁଣ୍ଡାଇ ଥାନାରେ ଅଭିଯୋଗ କରିଥିଲେ । ପଟ୍ଟାମୁଣ୍ଡାଇ ତହସିଲଦାର ଦିଲ୍ଲୀପ କୁମାର ସେଠୀ ଏହା ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ପଟ୍ଟାମୁଣ୍ଡାଇ ଥାନାକୁ ଜଣାଇ ଦେଇଥିଲେ । କିନ୍ତୁ କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ପାଇଁ ସଂପୃକ୍ତ ମହିଳା ଜଣକ ଏକ ଫୁଟ ଉଚ୍ଚତାରେ ସର୍ବସାଧାରଣ ରାସ୍ତା ଉପରେ ପ୍ରାଚେରୀ ନିର୍ମାଣ କରି କାର୍ଯ୍ୟ ଚାଲୁ ରଖିଛନ୍ତି । ଏହାର ପ୍ରତିବାଦରେ ଆଜି ପୂର୍ବାହ୍ନ ୧୦ଟା ସମୟରେ ତନୁପୁର ଗ୍ରାମର ତୁଷାର ରଞ୍ଜନ ବେହେରା, ଦିଲ୍ଲୀପ ବେହେରା, ସନ୍ତୋଷ ସାହୁ, ଶୁଭରଞ୍ଜନ ବେହେରା, ସୁଶାନ୍ତ ବେହେରା, ବାସୁଦେବ ବେହେରା, ବିଦ୍ୟାଧର ସାହୁ, ରବିନ୍ଦ୍ର ତରାଇ, ସୁଲୋଚନା ତରାଇ, ସଂଗୀତା ତରାଇ, ଅଶୋକ କୁମାର ବେହେରା, ନରେନ୍ଦ୍ର ତରାଇ, ଅଜୟ ପାତ୍ର, ତ୍ରିଲୋଚନ ନାୟକ, ଏକାଦଶୀ ସାମଲ, ପରମେଶ୍ୱର ସାମଲ ଆଦି ଶତାଧିକ ଗ୍ରାମବାସୀ ଧାରଣାରେ ବସିଥିଲେ । ପଟ୍ଟାମୁଣ୍ଡାଇ ତହସିଲଦାର ଦିଲ୍ଲୀପ କୁମାର ସେଠୀ ଆନ୍ଦୋଳନକାରୀମାନଙ୍କ ସହିତ ଆଲୋଚନା କରିବା ପରେ ପୋଲିସ ଫୋର୍ସ ସହିତ ଘଟଣାସ୍ଥଳରେ ପହଁଚି ସରକାରୀ ରାସ୍ତାକୁ ମାପଚୁପ କରାଇଥିଲେ । ମାପ ପରେ ସରକାରୀ ରାସ୍ତାରେ ପ୍ରାଚେରୀ ନିର୍ମାଣ କରାଯାଉଥିବା ଜଣାପଡିଥିଲା । ଆସନ୍ତା ୨୦ ତାରିଖ ମଧ୍ୟରେ ପ୍ରାଚେରୀ ଭାଙ୍ଗିବା ପାଇଁ ସାବିତ୍ରୀ ସାହୁଙ୍କୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

# ଖଲଣା ଗୁଳିମାଡ଼ ଘଟଣାରେ ଜଣେ ଅଟକ

ଘଷିପୁରା ୧୮ଜୁଲାଇ (ହିସ)ଘଷିପୁରା ଅଂଚଳରେ ଦିନକୁ ଦିନ ଆଇନ ଶୃଙ୍ଖଳା ସ୍ଥିତି ବିପର୍ଯ୍ୟସ୍ତ ଆଡ଼କୁ ଗତି କରୁଛି । ଗତ ୧୪ ତାରିଖ ସନ୍ଧ୍ୟା ସମୟରେ ଘଷିପୁରା ବ୍ଲକ ଖଲଣା ଅଂଚଳରେ ହୋଇଥିବା ହଣାକଟା ଓ ଗୁଳିମାଡ଼ ଘଟଣାକୁ ୪୮ ଘଂଟା ବିତିଯାଇଥିଲେ ମଧ୍ୟ ଗୁଳିକାଣ୍ଡ ଘଟଣାର ମୁଖ୍ୟ ଅଭିଯୁକ୍ତ ଗିରଫ ହୋଇ ପାରିନଥିବା ବେଳେ ପ୍ରଦୀପ ସାହୁ (ଟୁଲୁ ସାହୁ)ଙ୍କୁ ରାମଚନ୍ଦ୍ରପୁର ପୋଲିସ୍ ଥାନାରେ ଅଟକ ରଖିଥିବା ଜଣାପଡିଛି । ଏହି ଘଟଣାରେ ଘଷିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ରଙ୍କ ପୁଅ ଦେବାଶିଷ ପାତ୍ର ସଂପୃକ୍ତ ଥିବା ସେ ଉଲ୍ଲେଖ କରିଛନ୍ତି ।

# ତୁହାକୁ ତୁହା ବର୍ଷାରେ ବେହାଲ ପୁରୀସହର

ପୁରୀ, ୧୮ (ନି.ପ୍ର.) : ଆଜି ସକାଳୁ ଅନବରତ ଭାବେ ତୁହାକୁ ତୁହା ବର୍ଷା ଲାଗିରହିଛି । ଯାହାଫଳରେ ପୁରୀ ସହରରେ ଯାତାୟାତରେ ଘୋର ବ୍ୟାଘାତ ସୃଷ୍ଟି ହୋଇଛି । ଦୋକାନବଜାର ଅଳ୍ପ ସଂଖ୍ୟାରେ ଖୋଲିଥିଲା । ଖାଲୁଆ ଅଞ୍ଚଳ ଗୁଡ଼ିକରେ ପାଣି ଜମିଲାଣି । ଶ୍ରଦ୍ଧାଳୁମାନେ ବର୍ଷାରେ ଓଦା ହୋଇ ଶ୍ରୀମନ୍ଦିରକୁ ଯାଉଥିବା ଦେଖିବାକୁ ମିଳିଛି । ବଡ଼ଦାଣ୍ଡରେ ଉଠାଦୋକନିକ ପସରା ଖୋଲିନଥିଲା । ଦତତୋଟା,କୁମୁଟିସାହି, ମାଟିତୋଟା,ବସ୍ତିଅଚଂଳ,ଷ୍ଟେସନ ରାମଚଣ୍ଡୀ ସାହି, ଭାରତୀପୁର, ସେନାପତି ବଗିଚା, ତ୍ରିଦେବନଗର ଆଦି ଖାଲୁଆ ଅଂଚଳରେ ପାଣି ଜମି ରହିଲାଣି । ସମୁଦ୍ରକୂଳ ପର୍ଯ୍ୟଟକମାନେ ବିଚ୍‌କୁ ନଯାଇ ହୋଟେଲ ଭିତରେ ବସି ରହିଛନ୍ତି । ବଡ଼ଦାଣ୍ଡରେ କାଁ ଭାଁ ଦୋକାନ ଖୋଲିଥିବାରୁ ଶୂନଶାନ ଲାଗୁଥିଲା ।

## ଆମ ମାତୃଭାଷା ପରିଷଦର (କର୍କଟ) ସଂକ୍ରାନ୍ତି ଆସର

## ଶ୍ରୀଜଗନ୍ନାଥ, ଓଡ଼ିଆ ଜାତି, ଭାଷା ଓ ସାହିତ୍ୟର ମୂଳଭିତ୍ତି

ଭଦ୍ରକ, : 'ଶ୍ରୀଜଗନ୍ନାଥ, ଓଡ଼ିଆ ଜାତି, ଭାଷା ଓ ସାହିତ୍ୟର ମୂଳଭିତ୍ତି' ବୋଲି ଭଦ୍ରକ କଲ୍ୟାଣୀ ନଗର ସ୍ଥିତ ଗୁରୁକୃପା ଭବନରେ ଆମ ମାତୃଭାଷା ପରିଷଦର 'ସଂକ୍ରାନ୍ତି ଆସର'ରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଇଂ ଅଭୟ ସୂତାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆସରକୁ ସାହିତ୍ୟ ଆକାଦେମୀ ଦ୍ୱାରା ସମ୍ବର୍ଦ୍ଧିତ ଡା. ଦୁର୍ଯ୍ୟୋଧନ ଦାସ ଉଦ୍‌ଘାଟନ କରିଥିଲେ। 'ଶ୍ରୀଜଗନ୍ନାଥ ଓ ଆମ ଭାଷା ସାହିତ୍ୟ' ଶୀର୍ଷକ ଆଲୋଚନାରେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ର. ଅଟଳ ବିହାରୀ ନାୟକ, ମୁଖ୍ୟଅତିଥି ଭାବେ ଡା. ଦୁର୍ଯ୍ୟୋଧନ ଦାସ, କାର୍ଯ୍ୟକାରୀ ସଭାପତି ଅଧ୍ୟାପକ ନୀହାର ରଂଜନ କର, ଲଲାଟେନ୍ଦୁ ମହାନ୍ତି, ଚର୍ଚ୍ଚିକା ପ୍ରସାଦ ମହାପାତ୍ର, ବିଜୟ କୁମାର ବହଳୀ ପ୍ରମୁଖ ଭାଗ ନେଇଥିଲେ। ପରିଷଦର ସମ୍ପାଦକ ଡା. ଅନିଲ କୁମାର ଦାଶ ସମ୍ପାଦକୀୟ ବିବରଣୀ ପାଠ କରିବା ସହ ପରିଷଦ ଆହୁରି ଅନେକ ସେବା ମୂଳକ କାର୍ଯ୍ୟକ୍ରମ ହାତକୁ ନେଇଛି ବୋଲି ପ୍ରକାଶ କରିଥିଲେ। ଆଲୋଚନାଚକ୍ର ଉପରାନ୍ତେ କବି ସତ୍ୟ ପ୍ରକାଶ ସେଠୀଙ୍କ ସଂଯୋଜନାରେ କବିତା ପାଠୋତ୍ସବରେ ରମେଶ ଚନ୍ଦ୍ର ଦାସ, ଉର୍ଦ୍ଦୁ କବି ଅବଦୁଲ ଦୟାନ, ରମାକାନ୍ତ ପାଳ, ବିଜୟ କୁମାର ବହଳୀ, ନରେଶ ଚନ୍ଦ୍ର ଲେଙ୍କା, ଶିଶୁକବି ଅଂଶୁମାନ ସ୍ୱାଇଁ, ରଜତ କୁମାର ସାହୁ, ମମତାରାଣୀ ଦାଶ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ପ୍ରକୃତିବନ୍ଧୁ ବୈକୁଣ୍ଠନାଥ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ପରିଷଦର କୋଷାଧ୍ୟକ୍ଷା ସୁଶ୍ରୀ ଅଦିତିପ୍ରଭା ଦାଶ ବେଦପାଠ କରିଥିଲେ। ସହସମ୍ପାଦିକା ମମତାରାଣୀ ଦାଶ ଧନ୍ୟବାଦ ପ୍ରଦାନ କରିଥିବା ବେଳେ ନାଟ୍ୟଶ୍ରୀ ନିର୍ମଳ ରାଉତ ସଭା ପରିଚାଳନା କରିଥିଲେ।

## ଶ୍ରାବଣ ପ୍ରଥମ ସୋମବାରରେ ଆଖଣ୍ଡଳମଣିଙ୍କୁ ଜଳଲାଗି କଲେ ହଜାର ହଜାର କାଉଡିଆ ନଦୀଘାଟରେ ସୁରକ୍ଷା ଦେଲେ ଓଡ୍ରାଫ ଓ ଅଗ୍ନିଶମ ବାହିନୀ



ଭଦ୍ରକ,୧୮।୭: କରୋନା ଜନିତ ମହାମାରୀ ଲାଗି ଦୀର୍ଘ ୨ ବର୍ଷ ବାବା ଆଖଣ୍ଡଳମଣିଙ୍କ ଶ୍ରାବଣୀ ଜଳଲାଗି ବନ୍ଦ ରହିବା ପରେ ଚଳିତ ବର୍ଷ କଟକଣା ମୁକ୍ତ ହେବାରୁ ଶ୍ରାବଣମାସର ପ୍ରଥମ ସୋମବାରରେ ବାବା ଆଖଣ୍ଡଳମଣିଙ୍କୁ ଜଳଲାଗି କରିବା ପାଇଁ ପୀଠରେ ପାଖାପାଖି ୨୦ ହଜାର କାଉଡିଆଭକ୍ତଙ୍କ ସମାଗମ ହୋଇଥିଲା। କାଉଡିଆ ଭକ୍ତଙ୍କ ଭିଡକୁ ଦୃଷ୍ଟିରେ ରଖି ଜିଲା ଓ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା । ବିଶେଷକରି ବୈତରଣୀ ଓ ସାଳନ୍ଦୀ ନଦୀ ପାରି ହୋଇ ଆସୁଥିବା ତିନିଟି ନଦୀଘାଟକୁ ଓଡ୍ରାଫ ଓ ଅଗ୍ନିଶମ ବାହିନୀ ଜଗି ରହି କାଉଡ଼ିଆଙ୍କୁ ସୁରକ୍ଷା ଯୋଗାଇଥିଲେ। ଅନ୍ୟପଟେ ରୀତିନୀତି ଅନୁଯାୟୀ ମଣିବାବାଙ୍କ ମନ୍ଦିର ଭୋର ୪ଟାରେ ଖୋଲାଯାଇ ଦୈନନ୍ଦିନ ନୀତିକାନ୍ତି ପୂଜାକର୍ମ ସମ୍ପନ୍ନ ହୋଇଥିଲା । ଅନ୍ୟପଟେ ରବିବାର ମଧ୍ୟରାତ୍ରରୁ କାଉଡିଆଭକ୍ତ ସ୍ୱତନ୍ତ୍ର ବ୍ୟାରିକେଡରେ ଯାଇ ଚଳିତବର୍ଷ ସ୍ଥାପନ ହୋଇଥିବା ଶ୍ରାବଣୀ ମହାଦେବଙ୍କ ପାଖରେ ଜଳଲାଗି କରିଥିଲେ। ଏଏସପି ଜତିନ ପଣ୍ଡାଙ୍କ ନେତୃତ୍ୱରେ ୬ଜଣ ଡିଏସ୍‌ପିଙ୍କ ସହ ୧୨ଜଣ ଇନିସ୍‌ପେକ୍ଟର, ୫୪ଜଣ ଏଏସଆଇ, ୮ପ୍ଲାଟୁନ ଫୋର୍ସ ଓ ହୋମଗାର୍ଡ ନିୟୋଜିତ ରହିଥିଲେ। ପୀଠରେ ଜଳପଥ ଓ ସ୍ଥଳପଥରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ସହିତ ମନ୍ଦିର ଭିତରେ ଓ ବାହାରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ଏଏସପି ଶ୍ରୀ ପଣ୍ଡା କହିଛନ୍ତି। ସେହିପରି ପୀଠରେ ନିରବଚ୍ଛିନ୍ନ ଆଲୋକ ବ୍ୟବସ୍ଥା ସହ ସ୍ୱାସ୍ଥ୍ୟ, ପରିମଳ, ପାନୀୟଜଳ ଆଦି ବିଭାଗ ପକ୍ଷରୁ ନିରବଚ୍ଛିନ୍ନ ସେବା ଯୋଗାଇ ଦିଆଯାଇଥିଲା। ମନ୍ଦିର ପ୍ରଶାସନ ପକ୍ଷରୁ ଭକ୍ତଙ୍କ ନିମନ୍ତେ ଅସ୍ଥାୟୀ ରହଣିସ୍ଥଳ ଠାରୁ ଆରମ୍ଭ କରି ଜଳଲାଗି ନିମନ୍ତେ ବ୍ୟାରିକେଡ ସହ ମନ୍ଦିର ଭିତରେ ଓ ବାହାରେ ଉଜ୍ୱଳ ଆଲୋକ ବ୍ୟବସ୍ଥା କରାଯାଇଥିବା ମନ୍ଦିର ପରିଚାଳକ ବିଦ୍ୟାଧର ପଲାଇ କହିଛନ୍ତି। ଏପରିକି ପୀଠର ସ୍ୱଚ୍ଛତା ନିମେନ୍ତ ୨ଦିନ ଧରି ରବିବାର ଠାରୁ ସୋମବାର ପର୍ଯ୍ୟନ୍ତ ସତ୍ୟସାଇ ସେବା ସଂଗଠନ ଓ ବାବାମଣି ଡିଗ୍ରି ମହାବିଦ୍ୟାଳୟର ଅଧ୍ୟାପକ ସନ୍ତୋଷ ସାହୁ, ବିଜୟ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ସଫେଇ କରିଥିଲେ। ଆସନ୍ତା ସୋମବାର ଆହୁରି ଅଧିକ କାଉଡ଼ିଆଙ୍କ ସମାଗମ ହେବାର ସମ୍ଭାବନା ଥିବା ଅନୁମାନ କରାଯାଉଛି।

## ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିରରେ ୭୩ଟି ଅଭିଯୋଗ

ଭଦ୍ରକ,୧୮।୭: ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଆୟୋଜିତ ଜିଲ୍ଲାପାଳ ଓ ଏସ୍.ପି.ଙ୍କ ମିଳିତ ଜନଶୁଣାଣି ଶିବିରରେ ଜିଲ୍ଲାପାଳ ସମୁଦାୟ ୭୩ଟି ଅଭିଯୋଗର ଶୁଣାଣି କରିଥିଲେ। ଏସ.ପି. ଚରଣ ସିଂ ମିନା, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସନ୍ତୋଷ କୁମାର ପାତ୍ର ଓ ଉପଜିଲ୍ଲାପାଳ ମନୋଜ ପାତ୍ର ପ୍ରମୁଖ ଏହି ଶିବିରରେ ଯୋଗଦେଇ ଶୁଣାଣି କାର୍ଯ୍ୟରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ। ସମୁଦାୟ ଅଭିଯୋଗ ମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ୬୧ଟି ଥିଲାବେଳେ ୧୨ଟି ସାମୁହିକ ଥିଲା। ଜିଲ୍ଲାପାଳ ୨ଜଣଙ୍କୁ ୧୦,୦୦୦/- ଟଙ୍କା ଲେଖାଏଁ ଏବଂ ଜଣଙ୍କୁ ୨୫୦୦/- ଟଙ୍କା ଚିକିତ୍ସା ନିମନ୍ତେ ସହାୟତା ପାଇଁ ରେଡ଼କ୍ରସ ପାଣ୍ଠିରୁ ମଞ୍ଜୁର କରିଥିଲେ। ଉକ୍ତ ଶିବିରରେ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ଆବଶ୍ୟକୀୟ ଉପକରଣମାନ ବଣ୍ଟନ କରାଯାଇଥିଲା। ସରକାରୀ ରାସ୍ତା ଅବରୋଧ, ଶିକ୍ଷା ବିଭାଗରେ ମଧ୍ୟାହ୍ନ ଭୋଜନରେ ଅନିୟମିତତା, ଭତ୍ତା, ସାମାଜିକ ସୁରକ୍ଷା, ଗୃହ ନିର୍ମାଣ ସହାୟତା, ଆଦି ସମ୍ବନ୍ଧରେ ଅଭିଯୋଗମାନ ଉପସ୍ଥାପନା କରାଯାଇଥିଲା। ଜିଲ୍ଲାପାଳ ସମସ୍ତ ଅଭିଯୋଗର ଶୁଣାଣି କରି ଯଥାଶିଘ୍ର ସମାଧାନ ପାଇଁ ପଦକ୍ଷେପ ନେବାକୁ ଉପସ୍ଥିତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ।

## ସ୍ୱାଧୀନତାର ୭୫ତମ ଅମୃତ ମହୋତ୍ସବ ନାଲକୋ ପକ୍ଷରୁ ବୃହତ୍ ରକ୍ତଦାନ ଶିବିର

ଭାରତ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ସାରା ଦେଶରେ ବିଭିନ୍ନ ସଂଗଠନ ପକ୍ଷରୁ ଭିନ୍ନ ଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଜାରି ରହିଥିବା ବେଳେ କୋରାପୁଟ ଜିଲ୍ଲା ଦାମନଯୋଡିଠାରେ ଅବସ୍ଥାପିତ ନବରତ୍ନ ପ୍ରକଳ୍ପ ନାଲକୋ ମଧ୍ୟ ଏହି ଧାରରେ ନିଜକୁ ସାମିଲ କରି ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଚାଲୁ ରଖିଛି । ଏହି ପରିପ୍ରେକ୍ଷୀରେ ରବିବାର ସ୍ଥାନୀୟ ସରସ୍ୱତୀ ବିଦ୍ୟା ମନ୍ଦିର ସଭାଗୃହରେ ନାଲକୋ ପକ୍ଷରୁ ଏକ ବୃହତ୍ ରକ୍ତଦାନ ଶିବିର ଆୟୋଜନ ହୋଇଥିଲା । ଆଲୁମିନା ଓ ବିଶୋଧନ ବିଭାଗର ସମୂହ ମହାପ୍ରବନ୍ଧକ ଭୀମସେନ ପ୍ରଧାନ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ରାଜ୍ୟ ରେଡ୍ କ୍ରସ୍ ଅଧିକାରୀ ଡଃ ନରେଶ ସାହୁଙ୍କ ତତ୍ତ୍ୱାବଧାନରେ ରାୟଗଡ଼ା, କୋରାପୁଟ ଓ ଜୟପୁର ଆଦି ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରରକ୍ତ ସଂଗ୍ରହକାରୀ ଦଳ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ । ଶିଳ୍ପ ସୁରକ୍ଷା ବାହିନୀ, ଟାଉନସିପ ସୁରକ୍ଷା ବାହିନୀ, କୋବ୍ରା ଯବାନ, ଆଇ. ଆର୍. ବି ଯବାନଙ୍କ ସମେତ ନାଲକୋ କର୍ମଚାରୀ, ସାଧାରଣ ଜନତା ସ୍ୱେଚ୍ଛାକୃତ ରକ୍ତଦାନ ରକ୍ତଦାନ କରିଥିଲେ । ନାଲକୋ ମାନବସମ୍ବଳ ବିଭାଗର ଭାରପ୍ରାପ୍ତ ସମୁହ ମହାପ୍ରବନ୍ଧକ ମଣି ପ୍ରସାଦ ସାମଲଙ୍କ ନେତୃତ୍ୱରେ ଉପ ମହାପ୍ରବନ୍ଧକ ସାରୋଜ କୁମାର ନାଥ, ଅଧିକାରୀ ଅରୁଣ କୁମାର ମହାନ୍ତି, ବି. ଅନୁରାଧା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଦ୍ୟାମନ୍ଦିର ଶିକ୍ଷକ ଡଃ ଅଶୋକ କୁମାର ମହାନ୍ତି, ଡଃ ନିରୋଜ ପ୍ରଧାନ ଓ ଛାତ୍ର ଛାତ୍ରୀ ମାନେ ସହଯୋଗ କରିଥିଲେ । ଖବର ଲେଖା ଯିବା ବେଳକୁ ୫୮୭ ୟୁନିଟ ରକ୍ତ ସଂଗ୍ରହ ହାଇଥିଲା, । ନାଲକୋ ପକ୍ଷରୁ ସମସ୍ତ ରକ୍ତଦାତାଙ୍କୁ ମାସ୍କ, ଟି-ସାର୍ଟ, ମିଠା, ଜଳଖିଆ ପୁଡିଆ ଆଦି ପ୍ରଦାନ କରଯାଇଥିଲା ।

# ନିଷ୍କ୍ରିୟ ହେଉଛି ପୁଲିସ ; ସକ୍ରିୟ ହେଉଛନ୍ତି ମାଫିଆ

# ସବୁ ଦେଖି ଗାନ୍ଧାରୀ ସାଜିଛି ପୁଲିସ ଓ ଅବକାରୀ ବିଭାଗ

କାଳିଆପାଣି ୧୮ (ନି.ପ୍ର.) : ଯାଜପୁର ଜିଲ୍ଲା ରେ ବେଆଇନ ମାଦ କାରବାର ବଢ଼ିବାରେ ଲାଗିଛି ! ଖୋଲା ମଦ ହେଉ କି ଠିପି ବନ୍ଦ ବେଆଇନ ବେଧଡ଼କ ଭାବେ ବିକ୍ରି ବଢ଼ିବାରେ ଲାଗିଛି ! ତଥାପି ପୋଲିସ ଓ ଅବକାରୀ ବିଭାଗ ଚୁପ ବସି ରହିଛି ! କାଳିଆପାଣି ଅଞ୍ଚଳ ପ୍ରତ୍ୟେକ ଗାଁ ଗହଳି ରେ ଖୋଲା ଖୋଲି ଭାବେ ଚୋରା ମଦ କାରବାର ଚାଲିଥିବା ବେଳେ ଏହାକୁ ନେଇ ପୁଲିସ ଓ ଅବକାରୀ ବିଭାଗ ର ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି ! ଜଙ୍ଗଲ ଭିତରେ ନାଳ କୂଳରେ ଛୋଟ ଛୋଟ ଭାଟି କରି ଦେଶୀ ମଦ ତିଆରି କରି ସହର କୁ ଚୋରା ଚାଲାଣ ହରୁଥିବା ସହ ପ୍ରତ୍ୟେକ ଘରେ ଓ ଦୋକାନ ରେ ବିଦେଶୀ ମଦ ବିକ୍ରି ହେଉଥିବା ଦେଖିବାକୁ ମିଳୁଚି ! ଚୋରା ମଦ ବିଷାକ୍ତ ହେଉଥିବା ବେଳେ ତାହା ମୃତ୍ୟୁ ର କାରଣ ମଧ୍ୟ ହେଉଛି ! ଖଣି ଅଞ୍ଚଳ ରେ ଯୁବ ବର୍ଗ ଙ୍କୁ ମଦୁଆ କରିବାକୁ ଅଣ୍ଟା ଭିଡିଛନ୍ତି ମାଫିଆ ! ଅବକାରୀ ବିଭାଗ ପକ୍ଷରୁ ମଦ ଧରପକଡ଼ ମାମଲା ବୃଦ୍ଧି ପାଇଛି ହେଲେ କିଛି ସୁଫଳ ମିଳି ପାରୁନାହିଁ ! କାରଣ ମଦ ମାଫିଆ ଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କାଯାଉନାହିଁ । ୨ ରୁ ୩ ଦିନ ହଜାତ ରେ ରହିବା ପରେ ପୁଣି ଆସି ମଦ କାରବାର କରିବାରେ ସକ୍ଷମ ହେଉଛନ୍ତି ମାଫିଆ ! ଥାନା ଓ ଅବକାରୀ ବିଭାଗ କୁ କିଛି ହାତ ଗୁଂଜା ଦେଇ ମାଫିଆ ଙ୍କୁ ପ୍ରଶ୍ରୟ ଦେଉଥିବା ସାଧାରଣ ରେ ଚର୍ଚ୍ଚା ଜୋର ଧରିଛି ! ବିଭିନ୍ନ ସମୟରେ ଅବକାରୀ ଓ ପୁଲିସ ପକ୍ଷରୁ ଧରପକଡ଼ ହେଉଥିଲେ ମଧ୍ୟ ଅଭିଯୁକ୍ତ ମାନେ କିପରି ଆଗୁଆ ଖବର ପାଇ ଖସି ଯିବାରେ ସକ୍ଷମ ହେଉଛନ୍ତି ? ?ହା ଏକ ଚିନ୍ତା ର ବିଷୟ ପାଲଟିଛି ! ଜିଲାରେ ମାସକୁ ପ୍ରାୟ ୩ ଲକ୍ଷ ଲିଟର ରୁ ଅଧିକ ଦେଶୀ ଓ ବିଦେଶୀ ମଦ ବିକ୍ରି ହୋଇଥାଏ ! ଏହି ହିସାବ ରେ ସରକାରୀ ସ୍ୱୀକୃତି ପ୍ରାପ୍ତ ଦୋକାନ ଅନୁଯାଇ ହୋଇଥିବା ବେଳେ ବେଆଇନ ଭାବେ ୫ ଲକ୍ଷ ଲିଟର ରୁ କମ ହେବ ନାହିଁ ! ସ୍ୱୀକୃତି ପ୍ରାପ୍ତ ମଦ ଦୋକାନୀ ଙ୍କ ଠାରୁ ଚୋରା ରେ ଅଧିକ ପରିମାଣରେ ଦେଶୀ ଓ ବିଦେଶୀ ମଦ ବିକ୍ରି କରି ରାଜସ୍ୱ ଫାଙ୍କୁ ଛନ୍ତି ! ଜିଲ୍ଲା ରେ ମାସକୁ ପ୍ରାୟ ୧,୫୦,୦୦୦୦୦ ଟଙ୍କା ର ରାଜସ୍ୱ ଅଦାୟ ହେଉଥିବା ଜଣା ପଡ଼ିଛି ! ସେହିପରି ଖଣି ଅଞ୍ଚଳ ରେ ପ୍ରତି ପଂଚାୟତ ରୁ ୮ରୁ ୧୦ ଚୋରା ମଦ ବେପାରୀ ଥିବା ବେଳେ ସବୁ ଜାଣି ଅଜଣା ଭଳି ରହୁଛି ବିଭାଗୀୟ ଅଧିକାରୀ ଓ ପୋଲିସ ବିଭାଗ ! ଏଣୁ ଏହାକୁ ଦୃଷ୍ଟିରେ ରଖି ପୋଲିସ ଓ ଅବକାରୀ ବିଭାଗ ଆବଶ୍ୟକ ପଦକ୍ଷେନେବାକୁ ସାଧାରଣ ରେ ଦାବି ହେଉଛି ! ସାରା ରାଜ୍ୟ ରେ ମଦ ବନ୍ଦ କୁ ନେଇ ମହିଳା ମାନଙ୍କ ଦ୍ୱାରା ତୀବ୍ର ଅସନ୍ତୋଷ ଦେଖା ଦେଇଥିବା ବେଳେ ମଦ ବିରୋଧୀ ଆନ୍ଦୋଳନ କାରୀ ରାଜରାସ୍ତାକୁ ଓଲହାଇ ଥିବା ନଜର ରହିଛି ! ଖାଲି ସେଠିକି ନୁହଁ ରାଜ୍ୟ ରେ ମହିଳା ମାନେ ମଦ ଦୋକାନ ଭାଙ୍ଗିବା ଘଟଣା ମଧ୍ୟ ସମ୍ନା କୁ ଆସିଛି ! ତବେ ରାଜ୍ୟ ରେ ମହିଳା ଙ୍କ ପକ୍ଷରୁ ଏତେ ମାତ୍ରା ରେ ମାଦକ ଦ୍ରବ୍ୟ କୁ ବିରୋଧ ହେଉଥିଲେ ମଧ୍ୟ ଖଣି ଅଂଚଳ ରେ ଚୋରା ମଦ କାରବାର ଉପରେ କେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆ ଯାଉ ନ ଥିବା କୁ ନେଇ ଏକ ଚର୍ଚ୍ଚା ର ବିଷୟ ପାଲଟିଛି ! ସ୍ଥାନୀୟ ପୋଲିସ ଓ ଅବକାରୀ ବିଭାଗ ର ମୁଖ୍ୟ ମାନେ ମୋଟା ଅଙ୍କ ର ହାତ ଗୁଂଜା ନେଇ ଚୋରା ମଦ ବେପାରୀ ଙ୍କୁ ପ୍ରଶ୍ରୟ ଦେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ! କାରଣ ଅବକାରୀ ବିଭାଗ ର ଆଖି ଆଗରେ ଚୋରା ମଦ କାରବାର ହେଉଥିଲେ ମଧ୍ୟ ଗାନ୍ଧାରୀ ପରି ଚୁପ ବସି ରହିବା ମନ ରେ ଏକ ସନ୍ଦେହ ସୃଷ୍ଟି କରୁଛି ! ତେବେ ସାଧାରଣ ରେ ବିଭାଗ ର ପାରିବା ପଣିଆ କୁ ଦୃଢ଼ ନିନ୍ଦା କରାଯାଇଛି !ଖଣି ଅଂଚଳ ରେ ଯୁବ ବର୍ଗ ଙ୍କ ସଂଖ୍ୟା ବଢିବା ଫଳରେ ରାସ୍ତା ଘାଟରେ ଦୁର୍ଘଟଣା ମଧ୍ୟ ବଢିଛି ,ମଦ ମୃତ୍ୟୁ ସଂଖ୍ୟା ମଧ୍ୟ ବଢିଛି ! ସବୁ ଜାଣି ଜାଣି ସିଆଣିଆ ହେବାର ମାନେ କିଛି ନାହିଁ ! ଚୋରା ମଦ ର ଅବାଧ କାରବାର ପାଇଁ ମହିଳା ସଂଗଠନ ଠୁ ଆରମ୍ଭ କରି ଯୁବ ସଂଗଠନ ପର୍ଯ୍ୟନ୍ତ ମଦ ଗାଡି ଭାଙ୍ଗିବା ସହ ତହସିଲ ଘେରାଉ କରିଛନ୍ତି ହେଲେ ଅବକାରୀ ବିଭାଗ ଚୁପ ! କାଳିଆପାଣି ,କଂସ ,ଚିଙ୍ଗୁଡିପାଳ ,ରାସୋଳ ଏହି ସବୁ ପଂଚାୟତ ରେ ଅଧିକ ରୁ ଅଧିକ ଚୋରା ଦେଶୀ ଓ ବିଦେଶୀ ମଦ ମାଫିଆ ଙ୍କ ରାଜ ବଢିବା ରେ ଲାଗିଛି ! ବହୁଳ ପରିମାଣ ରେ ମଦ ବିକ୍ରି ହେବା ସହ ଦିନ ଦି ପହରେ ଖୋଲା ରେ ମଧ୍ୟ ଚୋରା ଦେଶୀ ଓ ବିଦେଶୀ ମଦ ବିକ୍ରି ହେଉଛି ! ଏହାକୁ ନେଇ ଦୋକାନ ବଜାର ,ବିଦ୍ୟାଳୟ ପରିସର ବିଷାକ୍ତ ହେଉଛି ! ଏ କଥା ଯେ ଅବକାରୀ ବିଭାଗ ଓ ପୋଲିସ କୁ ଅଜଣା ତାହା କହିବା ବୃଥା ! ବାସ କେବେ କେବେ ଜଣେ ଦୁଇ ଜଣ ମଦ ମାଫିଆ ଙ୍କୁ ଧରି ମାମଲା ରୁଜୁ କରି କିଛି ଦିନ ରେ ହି ଛାଡି ଦିଆ ଯାଇଥାଏ ତା ପରେ ଯାହା କୁ ତାହା ! ଏମିତି କି ଏବେ ଜାଗା ଜାଗାରେ ରାସନ ଦୋକାନ ରେ ମଧ୍ୟ ଚୋରା ମଦ କାରବାର ବିଶେଷ ମାତ୍ରା ରେ ଦେଖିବା କୁ ମିଳୁଛି ! ପ୍ରତିଦିନ ନିଶା ପାନ କରି ଯୁବକ ମାନେ ସହର ଠାରୁ ଆରମ୍ଭ କରି ଗାଁ ଯାଏ ଦ୍ରୁତ ଗତି ରେ ଗାଡି ଚାଳନା କରୁଛନ୍ତି ! ଦୁର୍ଘଟଣା ବି ବଢୁଛି ! ଏହା ପରେ ବି ପ୍ରଶାସନ ଓ ବିଭାଗ ଅଣଦେଖା କରୁଛି ! ଖଣି ଅଞ୍ଚଳ ରେ ନିଶା କାରବାର ଏତେ ମାତ୍ରାରେ ବଢୁଛି ଯେ ତାହା ଆଗାମୀ ଦିନରେ କେଉଁ ରୂପ ନେବ ତାହା କହି ହେବ ନାହିଁ !

# କଣ୍ଟାବାଞ୍ଜିରେ ସାର କଳା ବଜାରି

## ନିମ୍ନ ମାନର ସାରକୁ ଚଢ଼ା ଦରରେ ବିକ୍ରି ଚାଷୀ ହନ୍ତସନ୍ତ ବିଭାଗୀୟ ଅଧିକାରୀଙ୍କ ପାଖରେ ଖବର ନାହିଁ

କଣ୍ଟାବାଞ୍ଜି ୧୮ (ନି.ପ୍ର.) : ଗତବର୍ଷ ମରୁଡି ପରିସ୍ଥିତିରୁଚାଷୀ ମୁକୁଳି ପାରିନଥିବା ଏବଂ ବୀମାରାଶି ଏପର୍ଯ୍ୟନ୍ତ ପାଇପାରିନଥିବା ବେଳେ ଚଳିତ ବର୍ଷରେ ମଧ୍ୟ ନିମ୍ନ ମାନର ସାର ସାଙ୍ଗକୁ ଚଢା ଦରରେ କଳାବଜାରୀ କରି ଅସାଧୁ ବ୍ୟବସାୟୀ ମାନଙ୍କ ପାଇଁ ସମସ୍ୟାର ସମ୍ମୁଖୀନ୍ନ ହେଉଛନ୍ତି ଚାଷୀକୁଳ , ଏହାକୁ ନେଇ ଚାଷୀ ଅଭିଯୋଗ କରିବା ସାଙ୍ଗକୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି, ହେଲେ ବିଭାଗୀୟ ଅଧିକାରୀ ମାନଙ୍କ ପାଖରେ ଖବର ନାହିଁ, ଏଭଳି ଅଭିଯୋଗ ଆସିଛି ତୁରେକେଲା, ମୁରିବାହାଲ, ବଙ୍ଗୋମୁଣ୍ଡା, ବ୍ଲକ ଏବଂ କଣ୍ଟାବାଞ୍ଜି ଅଞ୍ଚଳର ଚାଷୀ ମାନଙ୍କ ଠାରୁ,ପ୍ରାପ୍ତ ସୂଚନା ମତେ ପ୍ରକାଶ ଯେ ତୁରେକେଲା ବ୍ଲକ ଏକ ଆଦିବାସୀ ବହୁଳ ଓ ମାଓ ପ୍ରବଣ ଅଞ୍ଚଳ ଭାବେ ପରିଚିତ ରହି ଆସିଛି, ଏଠାରେ ଲୋକେ ଚାଷ ଉପରେ ନିର୍ଭର କରି ନିଜର ଗୁଜରାଣ ମେଣ୍ଟାଇ ଥାନ୍ତି, ହେଲେ କେତେକ ପଞ୍ଜିକୃତ ଓ ଅଣ ପଞ୍ଜିକୃତ ଅସାଧୁ ସାର ବ୍ୟବସାୟୀ ନିରୀହ ଚାଷୀଙ୍କୁ ଚଢା ଦରରେ ନିମ୍ନ ମାନର ସାର ବିକ୍ରିକରି ।ଷୀ କୂଳକୁ ଶୋଷଣ କରିବାରେ ଲାଗିଛନ୍ତି,ଏଭଳି ଏକ ସଂଗୀନ ଅଭିଯୋଗ ତୁରେକେଲା ବ୍ଲକ ଲର୍କି ଗ୍ରାମର ଅଣ ପଞ୍ଜିକୃତ ସାର ବ୍ୟବସାୟୀ ବେଣୁଧର ମେହେରଙ୍କ ନାମରେ ଦୀର୍ଘ ବର୍ଷରୁ ଅଭିଯୋଗ ହୋଇ ଆସୁଛି, ଉକ୍ତ ବ୍ୟବସାୟୀ ଜଣକ ଆଗରୁ ଲାଇସେନ୍ସ କରି ସାର ବ୍ୟବସାୟ କରି ଆସୁଥିଲେ, ହେଲେ ତାଙ୍କ ନାମରେ କଳା କାରନାମାକୁ ନେଇ ବାରମ୍ବାର ଅଭିଯୋଗ ହୋଇଥିବାରୁ ଗତବର୍ଷ ବିଭାଗ ପକ୍ଷରୁ ତାଙ୍କର ଲାଇସେନ୍ସ ରଦ୍ଦକରି ଦିଆଯାଇଥିଲା, ଏହି ବ୍ୟବସାୟୀ ଜଣକ ଲାଇସେନ୍ସ ନଥାଇ ପାଟଣାଗଡ଼ ଓ କଣ୍ଟାବାଞ୍ଜିରୁ ବିରାଟ ୨୦, ୨୦, ଅଜୟ ୟୁରିଆ, ପଟାସ, ଭଳି ବିଭିନ୍ନ ପ୍ରକାର ସାର ଆଣି ଆଜିବି ତାଙ୍କ ଗୋଦାମରେ ପ୍ରଚୁର ପରିମାଣରେ ଷ୍ଟକ ମହଜୁଦ ରଖିଛନ୍ତି, ଏହିସାର ମାନଙ୍କ ମଧ୍ୟରେ ସରକାରୀ ଧାର୍ଯ୍ୟ ମୁତାବକ ଆଇ.ପି.ଏଲ. ୟୁରିଆ ସାର ୨୬୭ ଟଙ୍କା ୫୦ ପଇସା ପଟାସ ୧୭ଶହ ଟଙ୍କା ରହିଥିବା ବେଳେ ଉକ୍ତ ବ୍ୟବସାୟୀ ମେହେରଙ୍କ ପାଖରେ ୟୁରିଆ ୫ ଶହ ଏବଂ ପଟାସ ୨୫ ଶହ ଟଙ୍କା ବିକ୍ରି କରିବା ସାଙ୍ଗକୁ ଧାର ଆକାରରେ ସାର ନେଲେ ୩ ପ୍ରତିଶତ ଅଧିକ ଶୁଦ୍ଧ ନେଉଥିବା ଜଣା ପଡିଛି, ଉକ୍ତ ବ୍ୟବସାୟୀ ଜଣକୁ ଏହିସବୁ ବିଷୟରେ ଫୋନ ଯୋଗେ ପଚାରିବାରୁ ଲାଇସେନ୍ସ ନଥିବା କଥାକୁ ସ୍ୱୀକାର କରିବା ସହ ସାର ଗଛିତ ରଖି ଚଢା ଦରରେ ବିକ୍ରି କରୁଥିବା କଥାକୁ ମିଥ୍ୟା ବୋଲି ଖଣ୍ଡନ କରିଥିଲେ, ସେ ଆହୁରି ମଧ୍ୟ କହିଥିଲେ ଚଳିତ ବର୍ଷରେ ନିଜ ପୁଅ ନାଁରେ ଲାଇସେନ୍ସ ପାଇବା ପାଇଁ ଆବେଦନ କରିଛି ହେଲେ ଏପର୍ଯ୍ୟନ୍ତ ଆସିପାରି ନାହିଁ, ଏସବୁ ବିଷୟକୁ ନେଇ ବିଭାଗୀୟ ଅଧିକାରୀ ଡବ୍ଲ୍ୟୁ.ଇ.ଓ. ରତିକାନ୍ତ ସେଠିଙ୍କୁ ତୁରେକେଲା ଲର୍କି ଗ୍ରାମର ସାର ବିକ୍ରୟକୁ ନେଇ ପଚାରିବାରୁ ସେକହିଥିଲେ ମୁଁ ଦୁଇ ସ୍ଥାନର ଚାର୍ଜରେ ରହିଛି କାଲି ସଇଁତଲା ଯାଇଥିଲି, ଏବଂ ଏଭଳି କୌଣସି ଅଭିଯୋଗ ଆମ ପାଖକୁ ବର୍ତ୍ତମାନ ପର୍ଯ୍ୟନ୍ତ ଆସିନାହିଁ, ସେହିପରି ମୁରିବାହାଲ ବ୍ଲକ ଓ ବଙ୍ଗୋମୁଣ୍ଡା ବ୍ଲକ କଣ୍ଟାବାଞ୍ଜିରେ ମଧ୍ୟ ସ୍ଥିତି ସମାନ, ଛୋଟରୁ ବଡ଼ବଡ଼ ଦୋକାନ ମାନଙ୍କ ବ୍ୟବସାୟୀ ମାନେ ନିମ୍ନ ମାନର ସାର ବିହନ ବିକ୍ରୟ ସାଙ୍ଗକୁ କଳାବଜାରୀ କରିଥାଆନ୍ତି, ଏହିଭଳି ପାଟଣାଗଡ଼, କଣ୍ଟାବାଞ୍ଜି, ମୁରିବାହାଲ, ତୁରେଇକେଲା, ବଙ୍ଗୋମୁଣ୍ଡା, ବେଲପଡା, ଆଦି ସ୍ଥାନ ମାନଙ୍କୁ ପ୍ରଚୁର ପରିମାଣରେ ସାର ଆସି କଳାବଜାରୀ ହୋଇଥାଏ, ଏଥିପ୍ରତି ବିଭାଗୀୟ କର୍ତୃପକ୍ଷ ଏବେ ଠାରୁ ଯଦି ଉଚିତ ପଦକ୍ଷେପ ନନିଅନ୍ତି ତେବେ ଚାଷୀ ଚାଷରେ କ୍ଷତିଗ୍ରସ୍ତ ହୋଇ ଚାଷୀ ଆତ୍ମହତ୍ୟା ଭଳି ସମସ୍ୟାକୁ ଏଡାଇ ଦିଆ ଯାଇନପାରେ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି, ଗଣମାଧ୍ୟମରେ ଏନେଇ ଯେତେ ସଚେତନତା ସୃଷ୍ଟି କଲେ ସୁଦ୍ଧା ବିଭାଗୀୟ ଲାଞ୍ଚୁଆ ପଦାଧିକାରୀମାନେ କୌଣସି ପ୍ରକାର ସମାଧାନ କରୁ ନାହାଁନ୍ତି, ଫଳରେ ଚାଷୀ ଏହି ଲୁଟେରାଙ୍କ ଲୁଟର ଶିକାର ହୋଇ ଆତ୍ମହତ୍ୟା କରିବାକୁ ବାଧ୍ୟ ହୋଇଥାନ୍ତି

## ଜେଜେମାଙ୍କ ପଣତ ତଳେ ତୃପ୍ତିମୟୀ ଓ ଭବାନୀ

କଳାହାଣ୍ଡି(ନିପ୍ର):-କଳାହାଣ୍ଡି ଜିଲ୍ଲାର କଲମପୁର ବ୍ଲକ ଦେପୁର୍ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବାଲିଛଡ ଗ୍ରାମରେ ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି । କୁନି କୁନି ଝିଅ ଦୁହିଁଙ୍କୁ ମା ବାପା ଉଭୟେ ପର କରିଦେବା ଫଳରେ ଏବେ ଜେଜେ ମାଙ୍କ ପଣତ ଆଶ୍ରାରେ ନିରୀହ ଦୁଇ କୁନି ଝିଅ । କେବେ ଖାଇବାକୁ ମିଳେ ତୋ କେବେ ପାଣି ପିଇ ତିନି ଜଣଯାକ ରହିଯାନ୍ତି । ସରକାରଠୁ ମିଳୁଥିବା ବିଧବା ଭତ୍ତାରୁ ଏହି ତିନି ଜଣ ଚଳନ୍ତି । ସୂଚନା ଅନୁଯାୟୀ ବାଲିଛଡା ଗ୍ରାମର ଚନ୍ଦ୍ରଶେଖର ଘି ଓ ପୁଷ୍ପାଞ୍ଜଳୀ ଘି ୨୦୧୬ ମସିହାରେ ବିବାହ କରିଥିଲେ । ତାଙ୍କର ଦୁଇ ଝିଅ ତୃପ୍ତିମୟି ଓ ଭବାନୀ ଜନ୍ମ ହୋଇଥିଲେ । କିନ୍ତୁ ବର୍ଷେ ହେବ ଚନ୍ଦ୍ରଶେଖର ଅନ୍ୟ ଝିଅ ଧରି ଫେରାର ମାରିଥିବା ବେଳେ ମା ପୁଷ୍ପାଞ୍ଜଳୀ ମଧ୍ୟ ଦୁଇ ଝିଅଙ୍କୁ ପର କରି ବାପ ଘର ଚାଲିଗଲେ । ନିରାଶ୍ରୟ ଦୁଇ କୁନି ଝିଅଙ୍କୁ ଜେଜେ ମା ଆପଣେଇ ଲାଳନ ପାଳନ କରୁଛନ୍ତି । କିନ୍ତୁ ଜଣେ ବିଧବା ସ୍ତ୍ରୀ କଣ ଅବା କରିପାରିବ । ବର୍ତ୍ତମାନ ଦୁଇ ଝିଅଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ପଡିଯାଇଛନ୍ତି ମାଧବୀ। ବୟସ ଅପରାହ୍ନରେ ପହଞ୍ଚି ଗଲାଣି । ଜମିବାଡ଼ି ତଥା ସହାୟତା ପାଇଁ କେହି ସମ୍ପର୍କୀୟ ନାହାନ୍ତି । ଅଭାବ ପରିସ୍ଥିତି ଯୋଗୁଁ ଏମାନେ ଏବେ ଭୋକ ଉପାସରେ ଜୀବନ କାଟୁଛନ୍ତି । ମିଳୁଥିବା ଭତ୍ତା ଓ ଚାଉଳରେ ତିନି ପ୍ରାଣୀଙ୍କ ପେଟ ପୋଷିବା ସମ୍ଭବ ହୋଇ ପାରୁ ନାହିଁ । ତେଣୁ ଲୋକଙ୍କୁ ମାଗି ମାଧବୀ ଦୁଇ ପିଲାଙ୍କୁ ପାଳନ କରୁଛନ୍ତି । କିନ୍ତୁ କେତେଦିନ ଲୋକଙ୍କ ସହାୟତା ମିଳିବ। କେତେକ ଲୋକ ଦୁଇ ପିଲାଙ୍କୁ ଅନାଥ ଆଶ୍ରମରେ ଛାଡ଼ି ଦେବାପାଇଁ ପରାମର୍ଶ ଦେଉଥିବା ବେଳେ, ମାଧବୀ ଜମା ରାଜି ନାହାନ୍ତି ।

## 'ଶିକ୍ଷା ବିଭାଗର ପାଶା ଖେଳ,ପିଲାଙ୍କ ପାଇଁ କାଳ' ଶିକ୍ଷା ବିଭାଗର ହେଳା,ଝିଲିମିଣ୍ଡା ସ୍କୁଲ ରେ ତାଲା



ବରଗଡ଼ :-୧୮ (ନି.ପ୍ର.) : ବ୍ୟୁରୋ:ବରଗଡ଼ ଜିଲ୍ଲା ଅତାବିରା ବ୍ଲକ ଝିଲିମିଣ୍ଡା ଉଚ୍ଚ ପ୍ରାଥମିକ ସ୍କୁଲ ରେ ଶିକ୍ଷକ ବଦଳି ଓ ଅଭ୍ାୀ ପ୍ରତିବାଦ ରେ ଗତ ଜୁଲାଇ ୧୧ ତାରିଖ ଦିନ ୧୦ଟା ସମୟରେ ସ୍କୁଲ ପରିଚାଳନା କମିଟି ର ସଭାପତି ରମେଶ କୁମାର ବଢେଇ ଙ୍କ ନେତୃତ୍ୱରେ ଝିଲିମିଣ୍ଡା ଉଚ୍ଚ ପ୍ରାଥମିକ ସ୍କୁଲ ରେ ଅଭି ଭାବକ, ସ୍କୁଲ ପରିଚାଳନା କମିଟି ଓ ଗ୍ରାମବାସୀ ଙ୍କ ମିଳିତ ଉଦ୍ୟମ ରେ ସ୍କୁଲ ଗେଟ୍ ରେ ତାଲା ମାରି ଧାରଣା ରତ ରହିଥିଲେ . ପ୍ରକାଶ ଥାଉକି ବିଦ୍ୟାଳୟ ରେ ଉକ୍ତ ସମସ୍ୟା କୁ ନେଇ ଗତ ଜୁଲାଇ ୫ ତାରିଖ ଦିନ ଅତାବିରା ବ୍ଲକ ଶିକ୍ଷା କାର୍ଯ୍ୟାଳୟ ରେ ଲିଖିତ ଅଭିଯୋଗ ପରେ ମଧ୍ୟ କେହି ଶୁଣିବାକୁ ନଥିଲେ . ମୂରବୀ ବିହୀନ ଅତାବିରା ବ୍ଲକ ଶିକ୍ଷା କାର୍ଯ୍ୟାଳୟ ରେ ନା ଥିଲେ ଦାୟିତ୍ୱରେ ଥିବା ଭାରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ନା ଥିଲେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ . କାହାକୁ ନପାଇ ବହୁ ସମୟ ଅପେକ୍ଷା କରି ମୁଖ୍ୟ କିରାଣୀ ଙ୍କୁ ଦାବି ପତ୍ର ଦେଇଥିଲେ ହେଁ କୌଣସି ପ୍ରକାର ସୁଫଳ ମିଳି ନଥିଲା . ଯାହାକୁ ନେଇ ଜୁଲାଇ ୧୧ତାରିଖ ସ୍କୁଲ ରେ ତାଲା ବନ୍ଦ କରିବାକୁ ବାଧ ହୋଇଥିବା ଧାରଣା ରତ ଲୋକଙ୍କ ଠାରୁ ପ୍ରକାଶ ପାଇଥିଲା . ସ୍କୁଲ ରେ ଆଖପାଖ ଗାଁ ଗଣ୍ଡା ର ୨୬୦ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରିଆସୁଥିବା ବେଳେ ସର୍ବ ମୋଟ ଜଣେ ସିଆରସିସି ଙ୍କୁ ଧରି ୬ଜଣ ଶିକ୍ଷକ ବିଦ୍ୟାଳୟ ରେ ରହି ଥିଲେ . ପୂର୍ବରୁ ଶିକ୍ଷକ ଅଭାବୀ କୁ ନେଇ ଲିଖିତ ଅଭିଯୋଗ ହୋଇଥିଲେ ହେଁ ଏବେ ପୁଣି ସେମାନଙ୍କ ମଧ୍ୟରୁ ଜଣେ ଶିକ୍ଷକଙ୍କୁ ପ୍ରମୋସନ ସହ ଅନ୍ୟତ୍ର ବଦଳି କରି ଦିଆଯାଇ ଥିବାରୁ ପିଲାଙ୍କ ଭବିଷ୍ୟତ କୁ ଆଖି ଆଗରେ ରଖି ଗ୍ରାମବାସୀ ଉତ୍ୟକ୍ତ ହୋଇ ସ୍କୁଲ୍ ଗେଟ୍ ରେ ତାଲା ମାରିଥିବା ଜଣାପଡିଛି . ସ୍କୁଲ ଗେଟ୍ ରେ ତାଲା ପଡ଼ିଥିବା ଦେଖି ପ୍ରଧାନ ଶିକ୍ଷକ ମଧୁସୂଦନ ବାରିକ୍ ଅତାବିରା ବ୍ଲକ ଶିକ୍ଷା କାର୍ଯ୍ୟାଳୟ ପହଞ୍ଚି ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ କାର୍ତ୍ତିକ ବାଗ ଙ୍କ ସହ ବିଚାର ବିମର୍ଷ କରି ଫୋନ୍ ମାଧ୍ୟମରେ ପ୍ରଧାନ ଶିକ୍ଷକ ବାରିକ୍ ଙ୍କ ଜରିଆରେ ଧାରଣା ରେ ବସିଥିବା ଧାରଣା କାରୀ ଙ୍କୁ ପ୍ରମୋସନ ପାଇଥିବା ଶିକ୍ଷକ ଙ୍କୁ ବଦଳି କରାଯିବ ନାହିଁ,ପ୍ରମୋ ସନ ପାଇ ଉକ୍ତ ସ୍କୁଲ ରେ ରହିବେ ଓ ଆଗାମୀ ଦିନରେ ଶିକ୍ଷକ ସମ୍ପୂର୍ଣ୍ଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ସହ ତାଲା ଖୋଲିବା ପାଇଁ କହିଥିବାବେଳେ ଧାରଣା କାରୀ ମାନେ ଧାରଣା ରୁ ଓହରି ଥିଲେ . ହେଲେ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ଙ୍କ ଦେଇଥିବା ପ୍ରତିଶୃତି ଫେଲ ମାରିଥିବା ବେଳେ ଅଭିଭାବକ ତଥା ସ୍କୁଲ୍ କମିଟି ଙ୍କୁ ମିଛ ପ୍ରତିଶ୍ରୁତି ଦେଇ ଝୁଲାଇ ରଖାଯାଇ ଥିବା କମିଟି ପକ୍ଷରୁ କ୍ଷୋଭ ପ୍ରକାଶ ପାଇ ଶିକ୍ଷା ବିଭାଗ ର ପାଶା ଖେଳ ପିଲାଙ୍କ ପାଇଁ କାଳ ସାଜିଛି ବୋଲି ଲୋକେ ଉତ୍ୟକ୍ତ ହୋଇ ଜୁଲାଇ ୧୮ ତାରିଖ ଆଜି ପୁଣି ସ୍କୁଲ ଗେଟ୍ କୁ ଅନିର୍ଦ୍ଧିଷ୍ଟ ତଥା ଯେ ପର୍ଯ୍ୟନ୍ତ ଦେଇଥିବା ପ୍ରତିଶ୍ରୁତି ତଥା ଆମ ଶିକ୍ଷକ ଙ୍କୁ ଓ ଛାତ୍ରଛାତ୍ରୀ ଅନୁପାତ ରେ ଶିକ୍ଷକ ଦିଆ ନଯିବ ସେ ପର୍ଯ୍ୟନ୍ତ ତାଲା ବନ୍ଦ୍ କରି ଜିଦ ରେ ଅଟଳ ରହି ଶିକ୍ଷା ବିଭାଗ କିଭଳି ଭାବେ ପିଲାଙ୍କ ଭବିଷ୍ୟତ ସହ ଖେଳ ଖେଳୁଛନ୍ତି ବୋଲି ସ୍କୁଲ କମିଟି ଜବାବ୍ ମାଗିଥିବା ବେଳେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚେତାବନୀ ଦେଇଛନ୍ତି . ଏନେଇ ଆମେ ଅତିରିକ୍ତ ଶିକ୍ଷା ଅଧିକାରୀ କାର୍ତ୍ତିକ ବାଗ ଙ୍କୁ ଭେଟି ସେ ପ୍ରତିକ୍ରିୟା ପ୍ରତିଶ୍ରୁତି ଦିଆଯାଇଥିବା ସତ ହେଲେ ଏବେ ପୁଣି ପ୍ରମୋସନ୍ ପାଇଥିବା ଶିକ୍ଷକ ଙ୍କୁ ଆମେ ପ୍ରମୋଟିବ କରି ଦେଇଛୁ ଓ ଉକ୍ତ ସ୍କୁଲ ରେ ଡେପୁଟେଶନ ରେ ଜଣେ ଶିକ୍ଷକ ଙ୍କୁ ଦେଇ ସାରିଛୁ ବୋଲି କହିବା ସହ ଆଗକୁ ତାଙ୍କୁ ରେଗୁଲାର କରି ଶିକ୍ଷକ ମଧ୍ୟ ଦିଆଯିବ ବୋଲି କହିଥିଲେ . ତେବେ ସେଇ ଭଳି ଶିକ୍ଷକ ଯଦି ଆମ ସ୍କୁଲ କୁ ଦିଆଯାଉଛି ତେବେ ଆମ ସ୍କୁଲ ରେ ଆମ ଶିକ୍ଷକଙ୍କୁ ପ୍ରମୋସନ୍ ଦେଇ କାହିଁକି ରଖାଯାଉ ନାହିଁ ।ଆବଶ୍ୟକ ଅନୁଯାୟୀ ଆମ ସ୍କୁଲ ରୁ ଶିକ୍ଷକ ଙ୍କୁ ଆମ ପିଲାଙ୍କ ଭବିଷ୍ୟତ ସହ ଖେଳ ଖେଳି ସ୍କୁଲ ରୁ ଛଡ଼ାଇ ନେଇ ଯାଉଛନ୍ତି . ଡେପୁଟେସନ୍ ରେ ଦିଆଯାଇ ଥିବା ଉପରେ କିଭଳି ଭରଷା କରାଯିବ ବୋଲି ପରିଚାଳନା କମିଟି ପ୍ରଶ୍ନ କରିଛନ୍ତି . ଏଥିରେ କମିଟି ର ସମସ୍ତ ସଦସ୍ୟ ମାନେ କହି ଅଭିଭାବକ,ଝିଲି ମିଣ୍ଡା ଗ୍ରାମର ପ୍ରକାଶ ପ୍ରଧାନ,ଅଚ୍ୟୁତା ମେହେର,ଜେଠୁ ମେହେର,ଅକ୍ଷ ମେହେର, ବୃନ୍ଦାବନ ସାହୁ,ମିତା ରାଣୀ ଚିନ୍ଦ୍ରା,ପୂର୍ବତନ ସରପଞ୍ଚ ମକର ଧ୍ୱଜ ଭୋଇ,ଚତୁର୍ଥ ସେଠ ପ୍ରମୁଖ ସକ୍ରିୟ ଉପସ୍ଥିତ ରହିଥିଲେ .

## ସଂପାଦକୀୟ

# ପୁଣି କରୋନାର ଭୟ

୨୦୨୦ ମସିହା ମାର୍ଚ୍ଚରୁ ଚଳିତ ୨୦୨୨ ଜାନୁଆରୀ ମଧ୍ୟରେ କରୋନାର ତିନୋଟି ଲହର ସାରା ଦେଶରେ ତାଣ୍ଡବ ରଚାଇଥିବା ବେଳେ ଏଇ କିଛି ମାସ ହେଲା ସେଥିରୁ ତ୍ରାହି ମିଳିଥିଲା। ଜନସାଧାରଣ ବିନା ଭୟ ଓ ଆତଙ୍କରେ ମାସ୍କ ନ ପିନ୍ଧି ସ୍ୱାଭାବିକ ରୀତିରେ ଚଳପ୍ରଚଳ ଆରମ୍ଭ କରିଛନ୍ତି ଏବଂ ଦୈନନ୍ଦିନ ଜୀବନଯାତ୍ରା ମଧ୍ୟ ସମ୍ପୂର୍ଣ୍ଣ ସ୍ୱାଭାବିକ ହୋଇଛି। କରୋନା ସଂକ୍ରମଣ ଓ ତଜ୍ଜନିତ ଲକ୍‌ଡାଉନ୍ ଯୋଗୁଁ ବିଗିଡି ଯାଇଥିବା ଅର୍ଥନୀତିରେ ସୁଧାରର ଧାରା ଆରମ୍ଭ ହୋଇଛି। ମାତ୍ର ଅନେକ ଦିନର ବ୍ୟବଧାନ ପରେ ଏବେ ଦେଶର କେତେକ ଅଞ୍ଚଳରେ ପୁଣି ଏହି ମହାମାରୀ କାୟାବିସ୍ତାର କରୁଥିବାର ଦେଖାଯାଉଛି, ଯାହା ଜନସାଧାରଣଙ୍କୁ ଭୟଭୀତ କରିଛି। ମୁଖ୍ୟତଃ ପାଞ୍ଚଟି ରାଜ୍ୟ- ଯଥା ମହାରାଷ୍ଟ୍ର, ତାମିଲନାଡୁ, କେରଳ, ତେଲେଙ୍ଗାନା ଓ କର୍ଣ୍ଣାଟକରେ କରୋନା ବ୍ୟାପିଥିବାବେଳେ ପ୍ରତିଦିନ ଅଧିକରୁ ଅଧିକ ଲୋକ ସଂକ୍ରମିତ ହେଉଛନ୍ତି। ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏହି ପାଞ୍ଚଟି ରାଜ୍ୟକୁ ପତ୍ର ଲେଖି ସତର୍କତା ଅବଲମ୍ବନ ସହିତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି। ତାମିଲନାଡୁରେ ୧୨ଟି ନମୂନାରେ ବି-ଏ-୪ ଓ ବି-ଏ-୫ ଓମିକ୍ରନ୍ ପ୍ରଜାତି ଚିହ୍ନଟ ହୋଇଛି। ସରକାରୀ ତଥ୍ୟ ଅନୁଯାୟୀ ଗତ ୨୪ ଘଣ୍ଟା ମଧ୍ୟରେ ଆମ ଦେଶରେ ୪ ହଜାର ୨୭୦ଜଣ ଏହି ରୋଗରେ ଆକ୍ରାନ୍ତ ହୋଇଛନ୍ତି, ଯାହାକି ଗତ ୮୮ ଦିନ ମଧ୍ୟରେ ସର୍ବାଧିକ ବୋଲି କୁହାଯାଉଛି। ଚଳିତ ଜୁନ୍ ମାସରେ ଦ୍ୱିତୀୟଥର ପାଇଁ ସଂକ୍ରମଣ ସଂଖ୍ୟା ୪ ହଜାରକୁ ଅତିକ୍ରମ କରିଛି। ଜୁନ୍ ପହିଲାରେ ପ୍ରଥମଥର ଆକ୍ରାନ୍ତଙ୍କ ସଂଖ୍ୟା ୪ ହଜାର ୩୯ ରହିଥିଲା। ସେହିପରି ଗତ ୨୪ ଘଣ୍ଟାରେ ୧୫ଜଣଙ୍କ ମୃତ୍ୟୁ ଘଟିବା ଫଳରେ ଦେଶବ୍ୟାପୀ କୋଭିଡ୍ ଜନିତ ମୃତ୍ୟୁ ସଂଖ୍ୟା ୫ ଲକ୍ଷ ୨୪ ହଜାର ୬୯୨ରେ ପହଞ୍ଚିଛି। କେରଳରେ ସର୍ବାଧିକ ନୂଆ ମାମଲା ସାମ୍ନାକୁ ଆସିଥିବାବେଳେ ତା ପଛକୁ ମହାରାଷ୍ଟ୍ର ରହିଛି। ମହାରାଷ୍ଟ୍ରରେ ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ମାସ୍କ ପରିଧାନକୁ ଖୁବ୍‌ଶୀଘ୍ର ବାଧ୍ୟତାମୂଳକ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ରାଜ୍ୟର କେତେକ କର୍ପୋରେଟ୍ ସଂସ୍ଥା ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରିବା ସହିତ କର୍ମଚାରୀଙ୍କୁ ଘରୁ କାର୍ଯ୍ୟ କରିବାର ସୁଯୋଗ ଦେବାକୁ ବିଚାର କରୁଛନ୍ତି। ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍, ଚଳଚ୍ଚିତ୍ର ଅଭିନେତା ଶାହାରୁଖ ଖାଁ ଓ ଅଭିନେତ୍ରୀ କ୍ୟାଟ୍ରିନାଙ୍କ ସମେତ ଅନେକ ବଲିଉଡ୍ କଳାକାର ଓ ବିଶିଷ୍ଟ ବ୍ୟକ୍ତି ଏହି ବ୍ୟାଧିରେ ଆକ୍ରାନ୍ତ ହୋଇଛନ୍ତି। ଜାତୀୟ ରାଜଧାନୀ ଦିଲ୍ଲୀରେ ମଧ୍ୟ କରୋନା ସଂକ୍ରମଣ ବୃଦ୍ଧି ପାଉଥିବାର ଲକ୍ଷ୍ୟ କରାଯାଉଛି। ଗତ ୨୪ ଘଣ୍ଟା ମଧ୍ୟରେ ଏଠାରେ ୪୦୫ଟି ନୂଆ ମାମଲା ଚିହ୍ନଟ ହୋଇଛି ଓ ରୋଗୀ ସଂଖ୍ୟା ବୃଦ୍ଧି ପାଉଛି। କଂଗ୍ରେସର ଅନ୍ତରୀଣ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଓ ତାଙ୍କର କନ୍ୟା ପ୍ରିୟଙ୍କା ଏବେ କରୋନାରେ ଆକ୍ରାନ୍ତ ହୋଇ ସଙ୍ଗରୋଧରେ ରହିଛନ୍ତି। ମୋଟାମୋଟି ଭାବରେ ଦେଶରେ କୋଭିଡ୍‌ର ଚତୁର୍ଥ ଲହର ଯେ କୌଣସି ମୁହୂର୍ତ୍ତରେ ମୁଣ୍ଡ ଟେକିବାର ସମ୍ଭାବନାକୁ ଏଡ଼ାଇ ଦେଇ ହେଉନାହିଁ। କରୋନାର ପ୍ରଭାବକୁ ରୋକିବା ପାଇଁ କେନ୍ଦ୍ର ସରକାର ଟିକାକରଣକୁ ସର୍ବାଧିକ ଗୁରୁତ୍ୱ ଦେଇ ଆସିଛନ୍ତି ଏବଂ ଏହାର ସୁଫଳକୁ ଅସ୍ୱୀକାର କରିହେବ ନାହିଁ। ଦେଶରେ ଅଧିକାଂଶ ଲୋକ ଟିକାର ଦୁଇଟି ଡୋଜ୍ ନେଇ ସାରିଥିବାବେଳେ ଆଉ ଅନେକ ଏଯାଏଁ ତୃତୀୟ ବା ବୁଷ୍ଟର ଡୋଜ୍ ନେଇ ନାହାନ୍ତି। ତେଣୁ ସମ୍ଭାବ୍ୟ ଚତୁର୍ଥ ଲହରକୁ ରୋକିବା ଲାଗି ବ୍ୟାପକ ଭାବରେ ଟିକାକରଣର ଆବଶ୍ୟକତା ରହିଛି। ଜନସାଧାରଣ ଯଥା ସମ୍ଭବ ସତର୍କତା ଅବଲମ୍ବନ ନ କଲେ ପୂର୍ବ ବିଭୀଷିକାର ପୁନରାବୃତ୍ତି ଘଟିବା କିଛି ଅସମ୍ଭବ ନୁହେଁ।

# ବିବେକ ଅଗ୍ନିହୋତ୍ରୀଙ୍କ ଅଗ୍ନିବର୍ଷୀ କାଶ୍ମୀର ଫାଇଲ୍ସ

**ନୀଳମାଧବ ପୃଷ୍ଟି**

୧୯୭୫ ମସିହାରେ ପ୍ରଖ୍ୟାତ ହିନ୍ଦୀ ଚଳଚ୍ଚିତ୍ର 'ସୋଲେ' ମୁକ୍ତିଲାଭ କରିଥିଲା। ଏବଂ ଏହି ଚଳଚ୍ଚିତ୍ର ସେ ସମୟର ସବୁଠାରୁ ଅଧିକ ବ୍ୟବସାୟ କରିଥିଲା। ଇତିମଧ୍ୟରେ ବଲିଉଡ୍ ଅନେକ ରାସ୍ତା ଅତିକ୍ରମ କରିସାରିଲାଣି। 'ସୋଲେ' ଚଳଚ୍ଚିତ୍ରର ଦଶଗୁଣା ବ୍ୟବସାୟ କରିଥିବା ଚଳଚ୍ଚିତ୍ର ମଧ୍ୟ ଗଲାଣି। କିନ୍ତୁ ସୋଲେ ଚଳଚ୍ଚିତ୍ର ସବୁଦୃଷ୍ଟିରୁ ନିଆରା ଥିଲା। କାହାଣୀ, ପୃଷ୍ଠଭୂମି ଓ ଅଭିନୟରେ ଏହି ଚଳଚ୍ଚିତ୍ର ନିଜ ସମୟ ଅନୁସାରେ ଖୁବ୍ ଆଗରେ ଥିଲା। ରମେଶ ସିପ୍ପୀଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ର ବଲିଉଡକୁ ଏକ ନୂଆ ଦିଶା ଦେଇଥିଲା। ଇଂରାଜୀ ମ୍ୟାଗାଜିନ୍ ଇଣ୍ଡିଆ ଟୁଡେରେ ଏକଦା ପ୍ରକାଶିତ ଏକ ସ୍ତମ୍ଭରେ ଏକଥା ଲେଖାଯାଇଥିଲା ଯେ ସୋଲେ ଚଳଚ୍ଚିତ୍ରକୁ ନେଇ ବଲିଉଡକୁ ଦୁଇଭାଗରେ ବିଭକ୍ତ କରାଯାଇପାରେ, ସୋଲେ ପୂର୍ବର ବଲିଉଡ୍ ଓ ସୋଲେ ପରର ବଲିଉଡ୍। ଏକଥା ମଧ୍ୟ କୁହାଯାଉଥିଲା ଯେ 'ସୋଲେ'ର ରିମେକ୍ କରିବା ଆତ୍ମଘାତୀ ସାବ୍ୟସ୍ତ ହେବ, ଯାହା କି ରାମ ଗୋପାଳ ବର୍ମାଙ୍କ କ୍ଷେତ୍ରରେ ଘଟିଥିଲା। 'ସୋଲେ'ର ରିମେକ୍ କରିବାକୁ ଯାଇ ସେ ଗୁରୁତର ଭାବେ ଅସଫଳ ହୋଇଥିଲେ। ବ୍ୟବସାୟ ଦୃଷ୍ଟିରୁ ଅନେକ ଫିଲ୍ମ ଗତ ପାଞ୍ଚ ଦଶକରେ ଖୁବ୍ ସଫଳତା ହାସଲ କରିଛନ୍ତି, କିନ୍ତୁ 'ସୋଲେ' ପରି ଜନମାନସକୁ କେହି ପ୍ରଭାବିତ କରି ପାରିନାହାନ୍ତି। 'ସୋଲେ'ର ସଫଳତା ପରେ ନିର୍ଦ୍ଦେଶକ ମାନେ ନୂତନ ଶୈଳୀରେ ଫିଲ୍ମ ନିର୍ମାଣ କରିବାକୁ ବାଧ୍ୟ ହୋଇଥିଲେ। ବଲିଉଡରେ ବର୍ଷକୁ ପ୍ରାୟ ୩୦୦ ଉପରେ ସିନେମା ନିର୍ମାଣ ହେଉଛି। ଭାରତୀୟ ଦର୍ଶକଙ୍କର ଏକ ଭିନ୍ନ ରୁଚି ରହିଛି। ସେମାନେ ସିନେମାରେ ମନୋରଞ୍ଜନ ଖୋଜନ୍ତି। ଦର୍ଶକଙ୍କ ରୁଚିକୁ ଦୃଷ୍ଟିରେ ରଖି ପ୍ରାୟତଃ ମନୋରଞ୍ଜନ ଧର୍ମୀ ସିନେମା ନିର୍ମାଣ ହୁଏ। ପ୍ରାମାଣିକ ଚଳଚ୍ଚିତ୍ରକୁ ଲୋକେ ଏଠାରେ ପସନ୍ଦ କରନ୍ତି ନାହିଁ ଏବଂ ସେପରି ଚଳଚ୍ଚିତ୍ର ପ୍ରାୟତଃ ଭଲ ବ୍ୟବସାୟ କରିପାରେନାହିଁ । ସେଥିପାଇଁ ନିର୍ଦ୍ଦେଶକ ମାନେ ଦର୍ଶକଙ୍କ ପସନ୍ଦ ବିରୋଧୀ ସିନେମା ନିର୍ମାଣ କରି ବିପଦ ମୁଣ୍ଡେଇବାକୁ ଚାହାନ୍ତି ନାହିଁ। ଇତିମଧ୍ୟରେ ମାର୍ଚ୍ଚ ୧୧ ତାରିଖରେ 'ଦି କାଶ୍ମୀର ଫାଇଲ୍ସ' ଚଳଚ୍ଚିତ୍ର ମୁକ୍ତିଲାଭ କରିଛି। ସମଗ୍ର ଦେଶରେ ଏହି ସିନେମାକୁ ନେଇ ଆଲୋଡନ ସୃଷ୍ଟି ହୋଇଛି। ପ୍ରାୟ ତିନି ସପ୍ତାହ ମଧ୍ୟରେ ଏହି ଫିଲ୍ମଟି ଘରୋଇ ମାର୍କେଟରେ ୨୫୦ କୋଟିରୁ ଅଧିକ ବ୍ୟବସାୟ କରିସାରିଲାଣି। ବିଦେଶରେ କରିଥିବା ବ୍ୟବସାୟକୁ ମିଶାଇଲେ ଏହାର ବ୍ୟବସାୟ ୩୦୦ କୋଟି ଉପରେ ହେବ। କାଶ୍ମୀର ପଣ୍ଡିତଙ୍କ ନରସଂହାର ଓ ପ୍ରପୀଡନ ଉପରେ ଏହି ଫିଲ୍ମଟି ପର୍ଯ୍ୟବେସିତ। ଦୀର୍ଘ ତିନି ଦଶନ୍ଧି ତଳେ ଘଟିଥିବା ଏହି ଲୋମହର୍ଷଣକାରୀ ଘଟଣାବଳୀକୁ ଲୋକସମ୍ମୁଖକୁ ଆଣିଥିବାରୁ ନିର୍ଦ୍ଦେଶକ ବିବେକ ଅଗ୍ନିହୋତ୍ରୀ ନିଶ୍ଚିତ ଭାବେ ପ୍ରଶଂସାର ପାତ୍ର। ସାମୁହିକ ହତ୍ୟା, ଲୁଣ୍ଠନ, ଧର୍ଷଣ ପରି ଘୃଣ୍ୟ ଘଟଣା ଘଟାଇଥିବା ପିଶାଚ ମାନେ ଏହି ତିନି ଦଶନ୍ଧି ମଧ୍ୟରେ ସମାଜ ଆଖିରେ ପଟି ବାନ୍ଧି ଭଦ୍ରଲୋକର ମୁଖା ପିନ୍ଧିସାରିଲେଣି। ଇତିହାସକୁ ବିକୃତ କରି ବଦଳାଇ ସମାଜରେ ସେମାନଙ୍କୁ ସମାଜସେବୀର ଆଖ୍ୟା ମଧ୍ୟ ଦିଆସରିଲାଣି। ସ୍କୁଲ କଲେଜର କୌଣସି ପୁସ୍ତକରେ ଏ ସମ୍ପର୍କରେ ଉଲ୍ଲେଖ କରାଯାଇନି। ଆଜିର ପିଢ଼ି ପାଖରେ ଏହି ଘୃଣ୍ୟ ଘଟଣାକୁ ଜାଣିବାର କୌଣସି ସୁଯୋଗ ମଧ୍ୟ ନାହିଁ। ଠିକ୍ ଏହି ସମୟରେ 'ଦି କାଶ୍ମୀର ଫାଇଲ୍ସ' ଚଳଚ୍ଚିତ୍ରଟି ଇତିହାସର ଏହି କଦର୍ଥ ଅଧ୍ୟାୟକୁ ଅନାବୃତ କରିଦେଇଛି। ଫିଲ୍ମର ମୁଖ୍ୟ ଭୂମିକାରେ କୌଣସି ବଡ ନାୟକ ନାୟିକା ନାହାନ୍ତି, କୌଣସି ବଡ ସଂସ୍ଥା ଏହି ଫିଲ୍ମଟିର ପ୍ରଯୋଜନା କରିନାହାନ୍ତି, ତଥାପି ମଧ୍ୟ ଫିଲ୍ମଟି ଅସମ୍ଭବ ସଫଳତା ହାସଲ କରିସାରିଲାଣି। ଏହାର ଦର୍ଶକ ମାନେ ହିଁ ଫିଲ୍ମର ପ୍ରଚାର ପ୍ରସାର କରୁଛନ୍ତି। ଫିଲ୍ମର ବିଶେଷତା ହେଲା ଏହା ନିଚ୍ଛକ ସତ୍ୟ ଘଟଣାବଳୀକୁ ଲୋକଲୋଚନକୁ ଆଣିଛି। ଅନେକ ସମୟରେ ଦେଖାଯାଏ ଯେ, ସତ୍ୟ ଘଟଣା ଉପରେ ବର୍ଣ୍ଣିତ ଚଳଚ୍ଚିତ୍ରର ବ୍ୟବସାୟିକ ସଫଳତା ପାଇଁ ନିର୍ଦ୍ଦେଶକ ଘଟଣାର ମୋଡ କିଛିଟା ପରିବର୍ତ୍ତନ କରିଥାନ୍ତି ଓ ନାଚ ଗୀତ ଆଦି ମନୋରଞ୍ଜନର କିଛି ଖୋରାକ ରଖିଥାନ୍ତି। ମାତ୍ର ଏ ଚଳଚ୍ଚିତ୍ରରେ ସେପରି କିଛି ହୋଇନାହିଁ। ଚଳଚ୍ଚିତ୍ରର ପ୍ରତ୍ୟେକଟି ଘଟଣାବଳୀ, ପ୍ରତ୍ୟେକଟି ଚରିତ୍ର ସତ। ଦର୍ଶକଙ୍କ ମନୋରଞ୍ଜନର କୌଣସି ଖୋରାକ ନାହିଁ। ତଥାପି ଦର୍ଶକ ଏହାକୁ ପସନ୍ଦ କରୁଛନ୍ତି। ଅନେକ ବିରୋଧୀ ଯେଉଁମାନେ କାଶ୍ମୀର ନରସଂହାରକୁ ଅସ୍ୱୀକାର କରିଆସିଛନ୍ତି, ସେମାନେ ଏହି ଚଳଚ୍ଚିତ୍ର ଆସିଲା ପରେ ମଥାନତ କରିବାକୁ ବାଧ୍ୟ ହୋଇଛନ୍ତି। ଖାଲି ଭାରତରେ ନୁହେଁ, ସମଗ୍ର ବିଶ୍ୱ ଆଜି ବିବେକ ଅଗ୍ନିହୋତ୍ରୀଙ୍କୁ ଏହି ଫିଲ୍ମ ପାଇଁ ପ୍ରଶଂସରେ ପୋତି ପକାଇଛି। ଅନେକ ଫିଲ୍ମ ନିର୍ମାତା, ଅନେକ କଳାକାର ଯେଉଁମାନେ ବିବେକ ଅଗ୍ନିହୋତ୍ରୀଙ୍କୁ ବୈଚାରିକ ଦୃଷ୍ଟିରୁ ବିରୋଧ କରିଆସିଛନ୍ତି, ସେମାନେ ମଧ୍ୟ ଆଜି ପ୍ରଶଂସାରେ ଶତମୁଖ। ଇତିମଧ୍ୟରେ ବିବେକ ଅଗ୍ନିହୋତ୍ରୀ ଓ ପଲ୍ଲବୀ ଯୋଶୀଙ୍କୁ କାଶ୍ମୀର ପଣ୍ଡିତଙ୍କ ଦୁର୍ଦ୍ଦଶାର କାହାଣୀ ବର୍ଣ୍ଣନା କରିବା ପାଇଁ ବ୍ରିଟିଶ୍ ପାର୍ଲିଆମେଣ୍ଟରୁ ଆମନ୍ତ୍ରଣ ମିଳିଛି। ନିଶ୍ଚିତ ଭାବେ 'ସୋଲେ' ଚଳଚ୍ଚିତ୍ର ପରି 'ଦି କାଶ୍ମୀର ଫାଇଲ୍ସ' ବଲିଉଡରେ ଏକ ମାଇଲଖୁଣ୍ଟ ହୋଇରହିବ। ବିନା ମନୋରଞ୍ଜନରେ ନିଚ୍ଛକ ସତ୍ୟ ଘଟଣାବଳୀ ଉପରେ ଫିଲ୍ମ ତିଆରି କରି ଯେ ବ୍ୟବସାୟିକ ସଫଳତା ହାସଲ କରିହେବ ତାହା ଏହି ଫିଲ୍ମ ଶିଖାଇଛି। ବ୍ୟବସାୟିକ ସଫଳତା ପାଇଁ କାହାଣୀକୁ ପରିବର୍ତ୍ତନ କରି ମସାଲା ଭର୍ତ୍ତି କରିବା ଆବଶ୍ୟକ, ତାହା ଏହି ଫିଲ୍ମ ଭୁଲ୍ ପ୍ରମାଣିତ କରିଛି। ଦର୍ଶକଙ୍କ ରୁଚି ମଧ୍ୟ ପରିବର୍ତ୍ତନ ହେଉଛି, ତାହା ଏହି ଫିଲ୍ମର ସଫଳତାରୁ ସ୍ପଷ୍ଟ ଅନୁମେୟ। ଏହି ଫିଲ୍ମ ନିଶ୍ଚିତ ଭାବରେ ବର୍ଷ ବର୍ଷ ଧରି ଲୁକ୍କାୟିତ ରହିଥିବା ଇତିହାସର ସତ୍ୟ ଘଟଣା ଉପରେ ଫିଲ୍ମ ତିଆରି କରିବା ପାଇଁ ନିର୍ମାତାଙ୍କୁ ଅନୁପ୍ରାଣିତ କରିବ। ଏବଂ ନିଶ୍ଚିତ ଭାବେ ଏହି ଫିଲ୍ମକୁ ନେଇ ବଲିଉଡକୁ ଦୁଇ ଭାଗରେ ବିଭକ୍ତ କରାଯାଇପାରିବ, ଯଥା 'ଦି କାଶ୍ମୀର ଫାଇଲ୍ସ' ପୂର୍ବର ବଲିଉଡ୍ ଓ ପରର ବଲିଉଡ୍। ସତ୍ୟ ସର୍ବଦା କଠୋର ହୋଇଥାଏ। ଏପରି ଏକ କଟୁ ସତ୍ୟକୁ ସାମ୍ନାକୁ ଆଣିଥିବାରୁ ନିର୍ଦ୍ଦେଶକଙ୍କ ସାହାସ ଓ ଦୃଢ ଇଚ୍ଛାଶକ୍ତିକୁ ସ୍ୱୀକାର କରିବାକୁ ପଡିବ। ଏପରି ଏକ ଚଳଚ୍ଚିତ୍ର ନିର୍ମାଣ ପାଇଁ ପ୍ରତ୍ୟେକଟି ଚରିତ୍ର ଓ ପ୍ରତ୍ୟେକଟି ଘଟଣାବଳୀ ଉପରେ ଦୀର୍ଘ ସର୍ବେକ୍ଷଣ ଓ ଗବେଷଣା ଆବଶ୍ୟକ, ଯାହାକି ବିବେକ ଅଗ୍ନିହୋତ୍ରୀ ଖୁବ୍ ନିଖୁଣ ଭାବରେ ସମ୍ପାଦନ କରିଛନ୍ତି। ଏଥିପାଇଁ ତାଙ୍କୁ ଯେତେ ପ୍ରଶଂସା କଲେ ମଧ୍ୟ କମ୍ ପଡିବ। ବିବେକ ଅଗ୍ନିହୋତ୍ରୀଙ୍କୁ ଏହି ଅଗ୍ନିବର୍ଷୀ କାଶ୍ମୀର ଫାଇଲ୍ସର ସଫଳତା ପାଇଁ ଅନେକ ଅନେକ ଶୁଭେଚ୍ଛା।

# ପରିବେଶ ପ୍ରଦୂଷଣ ବିଶ୍ୱ ପାଇଁ ବିପଦର କାରଣ

**ଚି□ରଞ୍ଜନ ପୃଷ୍ଟି**

ସ୍ରଷ୍ଟାଙ୍କର ଏହି ଅମୃତମୟ ସୃଷ୍ଟି ହେଉଛି ସୁନ୍ଦର ପ୍ରାକୃତିକ ସୁଷମାର ଗନ୍ତାଘର।ଏହି ବିଶାଳ ଜଗତର ପ୍ରାକୃତିକ ପରିବେଶ ସମସ୍ତଙ୍କ ମନରେ ଭରିଦିଏ ଅପୂର୍ବ ଆନନ୍ଦ। ବୃକ୍ଷଲତା, ବନଭୂମି,ପାହାଡ଼ ପର୍ବତ, ନଦୀଝରଣା ଇତ୍ୟାଦିକୁ ନେଇ ପରିବେଶ ହୋଇଛି ସୁନ୍ଦର ଓ ମାଧୁର୍ଯ୍ୟ। ସୁସ୍ଥ ଓ ନିରୋଗ ଜୀବନଯାପନ ନିମନ୍ତେ ସ୍ୱଚ୍ଛ ଏବଂ ସୁସ୍ଥ ପରିବେଶ ଅପରିହାର୍ଯ୍ୟ ।ସ୍ୱଚ୍ଛ ସୁନ୍ଦର ପ୍ରାକୃତିକ ପରିବେଶ ହିଁ ଶାନ୍ତିପୂର୍ଣ୍ଣ ଜୀବନଯାପନର ମାପକାଠି ।



ପ୍ରକୃତି କୋଳରେ ମୁକ୍ତ ବିହଙ୍ଗ ପରି ଦିନେ ସୁଖ,ଶାନ୍ତି,ଆନନ୍ଦରେ ଜୀବନ ବିତାଉଥିଲା ମଣିଷ ସମାଜ। କିନ୍ତୁ ଯାନ୍ତ୍ରିକ ସଭ୍ୟତାର ପ୍ରଭାବରେ ବଦଳିଯାଇଛି ପରିବେଶ । ମନୁଷ୍ୟ ବିଜ୍ଞାନ ସାହାଯ୍ୟରେ ଅବରୁଦ୍ଧ କଲା ପ୍ରକୃତିର ମୁକ୍ତ ଗତିପଥକୁ । ବିଜ୍ଞାନର ଜୟଯାତ୍ରାରେ ଯନ୍ତ୍ର ସଭ୍ୟତାର ବିକାଶ ଘଟିଛି ସତ, ହେଲେ ପ୍ରାକୃତିକ ପରିବେଶ ପ୍ରଦୂଷିତ ହୋଇ ଅନେକ ଜଟିଳ ପରିସ୍ଥିତି ସୃଷ୍ଟି ହେଉଛି। ଆଧୁନିକ ମଣିଷ ଦୂଷିତ ପରିବେଶରେ ଆଜି କ୍ଳାନ୍ତ, ଅବସନ୍ନ ଓ ଶ୍ୱାସରୁଦ୍ଧ । ପ୍ରକୃତିର ଏହି ସବୁଜସୁନ୍ଦର ପରିବେଶ ପାଲଟିଛି ଆଜି ନର୍କପୁର ।ମଣିଷ ଆଜି ବିନାଶପଥର ପଥିକ। ଏଥିପାଇଁ ମଣିଷ ନିଜେ ଦାୟୀ। ଅହେତୁକ ଜନସଂଖ୍ୟା ବୃଦ୍ଧି ଓ ନଗର ସଭ୍ୟତାର ଆସୁରିକ ମାୟାରେ ମନୁଷ୍ୟ ସମେତ ସଜୀବ ଆଜି ପ୍ରଭାବିତ। ମଣିଷ ସୁଖ ସ୍ୱାଚ୍ଛନ୍ଦ୍ୟରେ ରହିବା ପାଇଁ ପରିବେଶ ଏବଂ ପୃଥିବୀର ସୁରକ୍ଷା ପ୍ରତି ଦୃଷ୍ଟି ନଦେଇ ସମସ୍ତ ପ୍ରାକୃତିକ ସମ୍ପଦକୁ ଶୋଷଣ କରିବାରେ ଲାଗିଛି। ଏଥିପାଇଁ ବାୟୁ,ଜଳ ପ୍ରଦୂଷିତ ହେବା ସହ ଜଙ୍ଗଲ ସମ୍ପଦ ନଷ୍ଟ ହେଉଛି। ପୃଥିବୀର ଜୀବଜଗତର ସ୍ଥିତି ଏବେ ସଙ୍କଟାପନ୍ନ। ବିଶିଷ୍ଟ ବୈଜ୍ଞାନିକ ଏବଂ ପରିବେଶବିତ୍ ମାନେ ଜୀବଜଗତ ପାଇଁ ବିପଦର ସତର୍କ ଘଣ୍ଟି ବଜାଇ ସାରିଲେଣି।

ଆମର ଦୈନନ୍ଦିନ ଜୀବନ, ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଉପରେ ପରିବେଶର ଗଭୀର ପ୍ରଭାବ ପଡିଥାଏ। ମଣିଷର ଜୀବନ ପରିବେଶ ଅନୁସାରେ ଗଢ଼ା ହୋଇଥାଏ। ପରିବେଶ ଭୟଙ୍କର ହେଲେ ଜୀବଜଗତର ବିପର୍ଯ୍ୟୟ ଘଟେ ଏବଂ ପରିବେଶ ଉଦାର ହେଲେ ଜୀବଜଗତ ନିରାମୟ ଜୀବନଯାପନ କରିଥାନ୍ତି । କିନ୍ତୁ ମଣିଷ ଆଧୁନିକ ଜୀବନ ଶୈଳୀର ଆବଶ୍ୟକତା ପୂରଣ କରିବାକୁ ଯାଇ ଅନେକ କାର୍ଯ୍ୟ କରୁଛି ଯାହାକି ପରିବେଶ ପ୍ରଦୂଷଣର ମୂଳ କାରଣ।

ଜନସଂଖ୍ୟା ବିସ୍ଫୋରଣ ଯୋଗୁଁ ପରିବେଶ ପ୍ରଦୂଷଣ ହେବାରେ ଲାଗିଛି । ବାସସ୍ଥାନର ଆବଶ୍ୟକତା ପୂରଣ କରିବାକୁଯାଇ ଅନେକ ଜଙ୍ଗଲ ଧ୍ୱଂସ କରାଯାଉଛି । କ୍ରମେ ସହରାଞ୍ଚଳ ଜନାକୀର୍ଣ୍ଣ ହୋଇ ପରିବେଶ ପ୍ରଦୂଷିତ ହେବାରେ ଲାଗିଛି । ମଣିଷ ସମାଜରେ ଶ୍ରେଷ୍ଠ ଜୀବ ହେଲେମଧ ବେଳେବେଳେ ବାସ୍ତବତାକୁ ଭୁଲି ଯାଉଛି । ଜନସଂଖ୍ୟା ବୃଦ୍ଧି ନିୟନ୍ତ୍ରଣ ଓ ପରିବେଶ ସୁରକ୍ଷା ଦିଗରେ ମଣିଷର ସଚେତନତାର ଅଭାବ ଦେଖାଦେଇଛି । ପୃଥିବୀର ସୀମିତ ସ୍ଥଳଭାଗକୁ ଦ୍ରୁତ ଜନସଂଖ୍ୟା ବୃଦ୍ଧି ମଣିଷର ଜୀବନଧାରାକୁ ଆଜି ଦୁର୍ବିସହ କରିଦେଇଛି ।

ଶିଳ୍ପର ସମୃଦ୍ଧି ଘଟାଇବା ପାଇଁ ଦେଶ ଦେଶ ଭିତରେ ଆଜି ପ୍ରାଣମୂର୍ଚ୍ଛା ପ୍ରତିଯୋଗିତା ଚାଲିଛି । କଳ କାରଖାନା ମାନଙ୍କରୁ ବାହାରୁଥିବା ଧୂମ କୁଣ୍ଡଳୀ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଭରିଦଉଛି । ଫଳରେ ଅମ୍ଳଜାନ ପରିମାଣ ହ୍ରାସ ପାଉଥିବାରୁ ଜୀବନ ଘୋର ସଙ୍କଟାପନ୍ନ ହୋଇ ଉଠୁଛି। ଶିଳ୍ପାୟନରୁ ନିର୍ଗତ ବର୍ଜ୍ୟବସ୍ତୁ ଜଳ ପ୍ରଦୂଷଣର ମୁଖ୍ୟ କାରଣ। ଯାନବାହାନ ଗାଡିମଟର ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଥିବାରୁ ସେଥିରୁ ନିର୍ଗତ ବିଷାକ୍ତ ଧୂଆଁ ବାୟୁମଣ୍ଡଳକୁ ବହୁ ମାତ୍ରାରେପ୍ରଦୂଷିତ କରୁଛି।

ଜଙ୍ଗଲରୁ ଗଛକଟା ହୋଇ ନୂଆ ସହର ଏବଂ ଶିଳ୍ପ କାରଖାନା ଆଦି ଗଢିଉଠୁଛି । ଫଳରେ ଜଙ୍ଗଲର ସବୁଜିମା ଲୋପ ପାଇବ ସହିତ ଭୂଇଁ ଉପରେ ତାପମାତ୍ରା ବଢି ଚାଲିଛି। ଏହା ମନୁଷ୍ୟ ତଥା ଜୀବଜଗତ ଉପରେ ବିପଦର ସଙ୍କେତ ବଢିଚାଲିଛି । ନୂଆ ନୂଆ ରୋଗ ବ୍ୟାଧି ମାଡ଼ିଆସୁଛି । ପରିବେଶ ପ୍ରଦୂଷଣ ଦ୍ୱାରା ମଧ ଜଳବାୟୁରେ ବଡ଼ ପରିବର୍ତ୍ତନ ଆସିଛି । ମରୁଡି,ବାତ୍ୟା,ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ଦେଖାଦେଉଛି । ଜଳବାୟୁ ପରିବର୍ତ୍ତନ ଫଳରେ ଅନେକ ଜୀବଜନ୍ତୁ ଏ ଧରା ପୃଷ୍ଠରୁ ବିଲୁପ୍ତ ହୋଇଗଲେଣି। ଜୈବ ଭାରସାମ୍ୟ ରେ ଅସନ୍ତୁଳନ ଦେଖା ଦେଲାଣି। ତଥାପି ଏହିସ୍ୱାର୍ଥପର ମଣିଷ ସଚେତନ ହେଉନାହିଁ ।

ପରିବେଶ ପ୍ରଦୂଷଣ ଦ୍ୱାରା ଜନଜୀବନ ଆଜି ଅଣନିଶ୍ୱାସୀ। ପରିବେଶକୁ ସୁସ୍ଥ ଏବଂ ସ୍ୱଚ୍ଛ ରଖିବା ପାଇଁ ଅସଂଖ୍ୟ ବୃକ୍ଷ ରୋପଣ କରିବାକୁ ପଡିବ। ବିଶେଷତଃ ବନୀକରଣ ଓ ସାମାଜିକ ବନୀକରଣକୁ ଗୁରୁତ୍ୱ ଦେବାକୁ ପଡିବ। ପରିବେଶ ସୁରକ୍ଷା ଓ ବୃକ୍ଷ ରୋପଣ ପରସ୍ପର ଅଙ୍ଗାଅଙ୍ଗୀ ଭାବେ ଜଡ଼ିତ । କଥାରେ ଅଛି 'ଗୋଟିଏ ବୃକ୍ଷ ଗୋଟିଏ ଜୀବନ' । କାରଣ ବୃକ୍ଷ ନରହିଲେ ପ୍ରାଣୀଜଗତ ବଞ୍ଚି ପାରିବ ନାହିଁ ।ଏଥିପ୍ରତି ବ୍ୟକ୍ତିଗତ ତଥା ସାମାଜିକ ଜନ ସଚେତନତାର ଆବଶ୍ୟକତା ରହିଛି। ଆମର ଜୀବନ ସୁରକ୍ଷା ପାଇଁ ବାୟୁମଣ୍ଡଳ ସନ୍ତୁଳନ ରକ୍ଷା କରିବା ଏବଂ ପରିବେଶ ସୁରକ୍ଷା କରିବା ଏକାନ୍ତ ଆବଶ୍ୟକ ।

ସୁସ୍ଥ ପରିବେଶ ସୁସ୍ଥ ଜୀବନର ମାନଦଣ୍ଡ। ପ୍ରାକୃତିକ ପରିବେଶକୁ ସରସ ସୁନ୍ଦର କରିପାରିଲେ ପ୍ରାଣୀଜଗତ ସୁଖଶାନ୍ତିରେ ଜୀବନ ଯାପନ କରିପାରିବ। ପରିବେଶ ପ୍ରଦୂଷଣକୁ ପ୍ରତିରୋଧ କରି ଏକ ସୁସ୍ଥ ବାତାବରଣ ସୃଷ୍ଟି କରିବା ସମଗ୍ର ମାନବସମାଜ ପାଇଁ ଆହ୍ୱାନ। କିନ୍ତୁ ଏବେ ସମୟ ଆସିଛି ନିଜ ଜୀବନକୁ ନିଜେ ସୁରକ୍ଷା କରିବା। ଜୀବଜଗତକୁ ବଞ୍ଚିବାର ସାମର୍ଥ୍ୟ ଦେଉଥିବା ପରିବେଶକୁ ସୁରକ୍ଷା କରିବା ସମସ୍ତଙ୍କର ନୈତିକ କର୍ତ୍ତବ୍ୟ ହେବା ଉଚିତ୍। ପରିବେଶ ସୁସ୍ଥ ରହିଲେ ଆମେ ସୁସ୍ଥ ରହିପାରିବା ଏହି ଉକ୍ତିକୁ ସମସ୍ତେ ଉପଲବ୍ଧି କରିବା ସହିତ ବିଶ୍ୱର ପ୍ରତି କୋଣ ଅନୁକୋଣରେ ପହଞ୍ଚାଇବାର ଆବଶ୍ୟକତା ରହିଛି । ଏ ଜୀବଜଗତ ଧରା ପୃଷ୍ଠରେ ତିଷ୍ଠି ରହିବାକୁ ହେଲେ ଆମେ ଆମ ପରିବେଶକୁ ସୁରକ୍ଷା କରିବା ନିତ୍ୟାନ୍ତ ଅପରିହାର୍ଯ୍ୟ । ଯନ୍ତ୍ର ଦାନବର ସାମଗ୍ରିକ ମାୟାରୁ ମନୁଷ୍ୟ ନିଜକୁ ମୁକ୍ତ କରିବା ଆବଶ୍ୟକ। ଯାନ୍ତ୍ରିକ ମୋହ ବିଜ୍ଞାନର ଆସୁରିକ ମାୟା ସ୍ୱାର୍ଥାନ୍ଧତାର ଅହଂକାରରେ ବାଟବଣା ନହୋଇ ପରିବେଶ ସୁରକ୍ଷା ପ୍ରତି ଯତ୍ନବାନ ହେଲେ ମଣିଷ ସମାଜସୁସ୍ଥ ଓ ନିରାମୟ ଜୀବନଯାପନ କରିପାରିବ। ବଞ୍ଚିବାର ଶ୍ରେଷ୍ଠ ମାର୍ଗ ହେଉଛି ପରିବେଶ ସୁରକ୍ଷା। ତେଣୁ ମଣିଷ ସମାଜ ସଚେତନ ହେବା ସଙ୍ଗେସଙ୍ଗେ ପରିବେଶର ସୁରକ୍ଷା କରିବା ଆବଶ୍ୟକ।

# କାହିଁକି ଦରକାର ଦ୍ୱିତୀୟ ରାଜଧାନୀ

**ମାୟାଧର ନାୟକ**

> ଭୁବନେଶ୍ୱରକୁ ଦଖଲ କରି ନେଇଛନ୍ତି ଭିଆଇପିମାନେ, ଶାସକ-ପ୍ରଶାସକମାନେ, ବିଲଡର ବ୍ୟବସାୟୀମାନେ, ଏପରିକି ଚୋରାବେପାରୀ-ଚ*କମାନେ ବି । ଅପରାଧର ହାର ବଢ଼ିଛି, ଆଉ ଅତି ମାତ୍ରାରେ ବଢ଼ିସାରିଛି ଆଖପାଖର ଜମିର ଦର ବି । ମଣିଷ ପାଇଁ ଜାଗା ନାହିଁ । ଏ ରାଜଧାନୀକୁ କେବେଠୁ ନିଲାମ କରିନେଇଛନ୍ତି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ। ଏଇମାନଙ୍କ ପ୍ରଭାବ ଓ ପ୍ରତିପତି ଏତେ ମାରାତ୍ମକ ଭାବରେ ଆଜିକାଲି ବଢ଼ିଯାଇଛି ଯେ ଓଡିଶା ଗୋଟିଏ ନିଦ୍ରିତ ରାଜନୀତିର ନର୍କପ୍ରଦେଶ ପାଲଟିବାକୁ ବାଧ ହୋଇଛି ।

ଗାଆଁ ପରିମଳ ଧୋବାତୁଠରୁ ଜାଣିହେବା ପରି ଗୋଟିଏ ରାଜ୍ୟର ରାଜନୈତିକ ସ୍ୱାସ୍ଥ୍ୟକୁ ଚିହ୍ନଟ କରିହୁଏ ଖୋଦ୍ ତାର ରାଜଧାନୀଟାକୁ ଠଉରାଇ ପାରିଲେ । ବର୍ତ୍ତମାନ ସମୟରେ ଆମେ ଯଦି ଭୁବନେଶ୍ୱର ନାମକ ଗୋଟିଏ ରାଜଧାନୀରେ ଚରିତ୍ର କଥା ଭାବିବସିବା, ତାହେଲେ ଓଡିଶା ନାମକ ଗୋଟିଏ ରାଜ୍ୟର ଭାଗ୍ୟ ଓ ଭବିଷ୍ୟତ ବାବଦରେ ଚିନ୍ତା କରି କପାଳରେ କର ମାରିବା କେବଳ । ଭୁବନେଶ୍ୱର ଆମର ବହୁବର୍ଷର ରାଜଧାନୀ ଏବଂ ଓଡିଶା ଆମର ବହୁ ଶତାବ୍ଦୀର ରାଜ୍ୟ । ମାତ୍ର ଆମର ଏହି ବହୁ ଶତାବ୍ଦୀର ରାଜ୍ୟ ପାଇଁ ବହୁ ବର୍ଷର ଏ ରାଜଧାନୀରେ ସେଭଳି କିଛି ଯୁଗାନ୍ତକାରୀ ଯୋଜନା କାର୍ଯ୍ୟକାରୀ ହୋଇପାରିଛି କି – ଯାହାଦ୍ୱାରା ଜଣେ ଓଡିଆ ଭାବରେ ଆମେ ଆଜିର ଭାରତବର୍ଷରେ ମୁଣ୍ଡ ଟେକି ବାଟ ଚାଲିପାରିବା ?

ଏଇ କେଇବର୍ଷ ଭିତରେ ବିଭିନ୍ନ ଯୋଜନାକୁ ନେଇ ରାଜଧାନୀରେ ସରଗରମ ସଭା ସମାବେଶ ଆୟୋଜିତ ହୋଇଛି, ବିଧାନସଭାରେ ବିତର୍କର ବାତ୍ୟା ବହିଛି, ରାଜନୈତିକ ଦଳ କନ୍ଦଳର ନାନା ଅଭିନୟ ପ୍ରଦର୍ଶିତ ହୋଇଆସିଛି, ଗଣମାଧ୍ୟମରେ ବିବୃତି ଆବୃତିର ଆସର ଚାଲିଆସିଛି – କାଗଜପତ୍ରରେ ପ୍ରଗତିର କିନ୍ତୁ ଅସଲ କାମ ହୋଇଛି କେତେ ? ଭୁବନେଶ୍ୱରକୁ ଦଖଲ କରି ନେଇଛନ୍ତି ଭିଆଇପିମାନେ, ଶାସକ-ପ୍ରଶାସକମାନେ, ବିଲଡର ବ୍ୟବସାୟୀମାନେ, ଏପରିକି ଚୋରାବେପାରୀ-ଚଞ୍ଚକମାନେ ବି। ଅପରାଧର ହାର ବଢିଛି, ଆଉ ଅତି ମାତ୍ରାରେ ବଢିସାରିଛି ଆଖପାଖର ଜମିର ଦର ବି। ମଣିଷ ପାଇଁ ଜାଗା ନାହିଁ। ଏ ରାଜଧାନୀକୁ କେବେଠୁ ନିଲାମ କରିନେଇଛନ୍ତି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ। ଏଇମାନଙ୍କ ପ୍ରଭାବ ଓ ପ୍ରତିପତି ଏତେ ମାରାତ୍ମକ ଭାବରେ ଆଜିକାଲି ବଢିଯାଇଛି ଯେ ଓଡିଶା ଗୋଟିଏ ନିଦ୍ରିତ ରାଜନୀତିର ନର୍କପ୍ରଦେଶ ପାଲଟିବାକୁ ବାଧ ହୋଇଛି । ଆଦିବାସୀ, ଅଧିବାସୀ, ବିତହୀନ, ବିସ୍ଥାପିତ, ଦୁଃସ୍ଥଦୁର୍ଗତ, ଦଳିତବର୍ଗ କେବଳ ଚଳିତ ସମୟର ଚକ୍ରବ୍ୟୂହରେ ଗୋଟିଏ ଗୋଟିଏ ଅତିଷ୍ଠ ଅଭିମନ୍ୟୁ । ଏ ଅଭିମନ୍ୟୁ ଚାରିପଟେ ସପ୍ତରଥୀ କ'ଣ, ଦୁର୍ନୀତିର ଦଲାଲ୍‌ମାନେ ଖଡ଼ା କରାଇସାରିଛନ୍ତି ଶହଶହ ମାରଣାସ୍ତ୍ରଧାରୀ ମହାରଥୀ ! ବଞ୍ଚିବା ବର୍ତ୍ତମାନ ମରିବାକୁ ବଳିପଡିଲାଣି। ଓଡିଶାର ମଣିଷ ଆଜି ଏ ଦେଶର ସବୁଠୁ ମର୍ଯ୍ୟାଦାହୀନ-ମଣିଷ । ଏ ରାଜଧାନୀକୁ ନିଜ କାଏମୀସ୍ୱାର୍ଥର କଳାଦୁର୍ଗରେ ପରିଣତ କରିସାରିଥିବା କେବଳ କତିପୟ ଖଳ ଓ ଖଣ୍ଡଙ୍କ ଅକ୍ଷମଣୀୟ କୂଟଚକ୍ର ଯୋଗୁ ।

ଓଡିଶାର ଅସୁସ୍ଥ ରାଜନୀତି ପାଇଁ ରାଜଧାନୀ ଭୁବନେଶ୍ୱରରେ ଅସ୍ତ୍ରୋପଚାର ପରିବର୍ତ୍ତେ ଜାରୀ ରହିଛି ନିଶ୍ଚେତନ ପ୍ରକ୍ରିୟା । ଏଇଠି ଚାଲିଛି ଶହେଟା ସହର ସକାଶେ ହଜାର ହଜାର ଗାଆଁର ମାଟିପାଣିପବନକୁ ଜୁରିନେବାର ଜଘନ୍ୟ ଯୋଜନା। ଓଡିଆପ୍ରୀତିକୁ ଚୁଲିନିଆଁରେ ଜାଳିଦେଇଥିବା ଶାସକଦଳର ରାଜନେତାଏ ଓଡିଶାର ଦୁର୍ଗତି ପାଇଁ କଥାକଥାକେ କେନ୍ଦ୍ରକୁ ଦାୟୀ କରି ଗଣମାଧ୍ୟମକୁ ବ୍ୟବହାର କରିଚାଲିଛନ୍ତି ଜବରଦସ୍ତ । ସାମ୍ବାଦିକମାନେ ସେମାନଙ୍କୁ ପ୍ରଶ୍ନବାଣରେ ଜର୍ଜରିତ କରିବାର ଗୁରୁଦାୟିତ୍ୱ ଭୁଲିଯାଇ ଆଗାମୀପିଢି ପାଇଁ ଉତ୍ତର ଆଦାୟ କରିବାର ଇତିହାସ ସୃଷ୍ଟିରୁ ନିବୃତ ରହୁଛନ୍ତି । ରାଜଧାନୀ ଭୁବନେଶ୍ୱର ପାଲଟିଛି ଭିଆଇପିର ଭୂସ୍ୱର୍ଗ, ମାତ୍ର ସାଧାରଣର ସମାଧିକ୍ଷେତ୍ର। "ଆମେ ଚାହୁଁ ଦ୍ୱିତୀୟ ରାଜଧାନୀ। ଏ ରାଜଧାନୀ ଏହି ନିରୀହ ସରଳ ଆଦିବାସୀଙ୍କ କେଉଁ କାମକୁ ନୁହେଁ। ଏହାର ନଭଶ୍ଚୁମ୍ବୀ ସଚିବାଳୟର କଂସାକବାଟ । ଏମାନଙ୍କ ପାଇଁ ସବୁବେଳେ ବନ୍ଦ । ଆଉ ସେହି ବନ୍ଦ ଇମାରତର ଅନ୍ଧାରୀ ଗମ୍ବୁଜରେ ସବୁବେଳେ ଭାଗବଣ୍ଟରା ଚାଲିଛି । ଆଲିବାବା ଆଉ ଚାଳିଶ ଚୋରଙ୍କ ଭିତରେ ଚାରିମାଲର ହିସାବ ଚାଲିଛି... ଲାଞ୍ଚ, ରିସ୍‌ପତ, ଲୁହାପଥର, କୋଇଲା, କ୍ରୋମାଇଟ୍, ଜଳ, ଜଙ୍ଗଲ, ଜମି ଆଉ ଡାଲି । ଏହିମାନଙ୍କ ଦୁଃଖ ଅଭିଯୋଗ ସେଠି ଦୀର୍ଘ ବର୍ଷ ପରେ ପହଞ୍ଚି ପାରୁନି । ତେଣୁ ସେହି ବଣପାହାଡ ମୂଲ୍ୟରେ, ସେହିମାନଙ୍କ ବାସସ୍ଥଳୀ ମଧ୍ୟରେ ଆଉ ଗୋଟିଏ ରାଜଧାନୀ ଦରକାର ।"

ଏ ରାଜଧାନୀ ଦଲାଲିର ଦୁର୍ଗ ପାଲଟିଛି । ଧୋବ ଧାଉଳିଆମାନଙ୍କର ଚରାଭୂଇଁ ନିଉ କ୍ୟାପିଟାଲ୍। ଗୋଟାଏ ନଗରୀକୁ ଶାସନ କ୍ଷେତ୍ରର ଏ ଦଗାବାଜ୍ ଦଳ ଗୋଲାମ ନଗରୀରେ ପରିଣତ କରି ସାରିଛନ୍ତି - ଅଥଚ ଏ ନଗରୀ ଏକଦା ଥିଲା – ଐତିହ୍ୟଶାଳିନୀ ଏକାନ୍ତ ନଗରୀ । ଏଠି ଦିନେ ସତ୍ୟ ଆମ୍ବ ଫଳୁଥିଲା ବୋଲି ଆମ ମାଟିର ମହାକବି ଶୂଦ୍ରମୁନୀ ସାରଳା ଦାସ ଚୁମ୍ବକରେ ସୂଚାଇ ସାରିଛନ୍ତି କିନ୍ତୁ ସେ ଆମ୍ବ ବଗିଚା କାହିଁ ? ଏଠି ଦିନକୁ ଦିନ ତିଆରି ଚାଲିଛି – କଂକ୍ରିଟର କୃତ୍ରିମ ସ୍ୱର୍ଗ ଅଥଚ ଏ ସ୍ୱର୍ଗର ଦଖଲଦାର ଏ ଜନଜହ୍ଲାଦ ଅସୁର ବାହିନୀ – ଏ ଅସୁରମାନେ ଆଦିବାସୀଙ୍କୁ ଉପବାସୀ - ଆଉ ଅଧିବାସୀଙ୍କୁ ଅଣନିଶ୍ୱାସୀ କରିସାରି ଏବେ କୃଷକଙ୍କୁ କଣ୍ଟକିତ ଏବଂ ଶ୍ରମିକଙ୍କୁ ବିସ୍ଥାପିତ କରିବାର ବ୍ୟୂହ ରଚନାରେ ବ୍ୟସ୍ତ। ଏ ରାଜଧାନୀର ଫାଇଲ୍‌ରେ ଚଷା ମୂଲିଆର ମଙ୍ଗଳ ନାହିଁକି ଆଦିବାସୀ - ଅଧିବାସୀର କଲ୍ୟାଣ ନାହିଁ । ନିଜ ପାଇଁ ଦ୍ୱିତୀୟ ରାଜଧାନୀ – ଯେଉଁ ରାଜଧାନୀ ହେବ – ଓଡିଶାର ସାଧାରଣ ବର୍ଗର ଅସଲ ଦୁର୍ଗ – ଯେଉଁଠି ଚଞ୍ଚକ ଚରିତ୍ରମାନେ ମା' ଓଡିଶାର ମାଟି ଉପରେ ବସି ମସ୍‌ନଦର ମୀମାଂସା ଆମକୁ ଶୁଣାଉ ନଥିବେ ।

ଏ ଦ୍ୱିତୀୟ ରାଜଧାନୀ ହେବ – ସର୍ବହରାର ଶୋଷିତର - ନିଷ୍ପେସିତର - ନିର୍ଯ୍ୟାତିତର - ଅତ୍ୟାଚାରିତର କୁରୁକ୍ଷେତ୍ର। ଏଠି ମାରି ନେଉଥିବା ମହାପାତ୍ରମାନଙ୍କ ଚାଲ ଚଳିବ ନାହିଁ।

ରଦ୍ଦ କରି ଅପଶାସନ ଓ ଅପସଂସ୍କୃତିର ଆଦିପୀଠ ଏ ପ୍ରଥମ ରାଜଧାନୀର ରାଜନୈତିକ ବର୍ବରତାକୁ । ଆମର ଦରକାର ମଳିମୁଣ୍ଡିଆ ପାଇଁ ଜୀବନସଂଗ୍ରାମର ଓତଃପ୍ରୋତ ଓଡିଶାବାସୀ– ସାଧାରଣ ଜନଜାତି– ଓ ଜନଗଣଙ୍କ ଦ୍ୱିତୀୟ ରାଜଧାନୀ । ଏ ଦ୍ୱିତୀୟ ରାଜଧାନୀ ନହେଲେ– ଓଡିଶା ରାଜ୍ୟ କେବଳ ଗୋଟାଏ ବିଭ୍ରାନ୍ତିକର ମରିଚିକା ମାତ୍ର।

ଓଡିଶାକୁ ଏପ୍ରକାର ବିରୋଧଭାସର ବିଡମ୍ବନାରୁ ରକ୍ଷା କରିବାକୁ ହେଲେ ଆମର ଦରକାର ଦ୍ୱିତୀୟ ରାଜଧାନୀ। ଦ୍ୱିତୀୟ ରାଜଧାନୀ ନହେଲେ ଏ ରାଜ୍ୟର ଭାଗ୍ୟ ଓ ଭବିଷ୍ୟତ ଅନିଶ୍ଚିତ। କଳେ ବଳେ କୌଶଳେ କେବଳ ଭୋଟ ପାଇ ଶାସନଗାଦି ଦଖଲ କରିଥିବା କେଇଟି ଚରିତ୍ର କ'ଣ ଓଡିଶା କଥା ଚିନ୍ତା କରିବାକୁ ହକ୍‌ଦାର୍ ଖାଲି ? ବରଂ ରାଜନୀତିର ବାହାରେ ଯେଉଁ ବୃହତର ବର୍ଗ ଓଡିଶା ପାଇଁ ସଂକଳ୍ପବଦ୍ଧ, ସେମାନଙ୍କୁ ଅପେକ୍ଷା କରୁଛି ଅଦୂର ଭବିଷ୍ୟତର ଦ୍ୱିତୀୟ ରାଜଧାନୀ। ଦ୍ୱିତୀୟ ରାଜଧାନୀ ହେବ ଅସଲ ଓଡିଶାର ରାଜଧାନୀ – ଯେଉଁଠି ଭୋଟର୍‌ମାନେ ଭୋଟ୍ ପାଇସାରି ଭଣ୍ଡିଦେଉଥିବା ଭଣ୍ଡମାନଙ୍କୁ ଦଣ୍ଡିତ କରିବାର ଶକ୍ତି ପ୍ରକଟ କରିପାରିବେ।

ଓଡିଶା ବଞ୍ଚାଅ ଅଭିଯାନ ଆରମ୍ଭ ହେଉ ଏଇ ଦ୍ୱିତୀୟ ରାଜଧାନୀ ଦାବୀନାମାରୁ। ଯଦି ତଳକୋର୍ଟ ପରେ ହାଇକୋର୍ଟ ଓ ସୁପ୍ରିମକୋର୍ଟ – ରାଜ୍ୟସଭା ପରେ ଲୋକସଭା, ତାହେଲେ ବିଭିନ୍ନ ଭାଷା-ଉପଭାଷାର ଓଡିଶା ପାଇଁ ଗୋଟିଏ ମାତ୍ର ରାଜଧାନୀ କାହିଁକି, ଯାହାର ଏକଚାଟିଆ ଅଧିକାରରେ ଆଦିବାସୀ ଓ ଅଧିବାସୀ ଅତିଷ୍ଠ।

ଦ୍ୱିତୀୟ ରାଜଧାନୀ – ଶାସକର ନୁହେଁ, ଶାସିତ ସାଧାରଣବର୍ଗର ରାଜଧାନୀ । ନ୍ୟାୟ ପାଇଁ ଛଅଶହ କିଲୋମିଟରରୁ ଧାଇଁ ଆସୁଥିବା ଗଡଜାତୀ ଚରିତ୍ର ତାରିଖ ନପାଇ ପୁଣି ଫେରିଯାଉଥିବ ତା' ଅନ୍ଧାରୀ ମୂଲକକୁ କିମ୍ବା ଅବସରପ୍ରାପ୍ତ ବୟୋବୃଦ୍ଧ ଦୂରଗାଆଁରୁ ନିଜ ପେନସନ୍ ଫାଇଲ୍‌ର ଫଇସଲା ଶୁଣିବାକୁ ଆସି ଲେଉଟି ଯାଉଥିବେ ନିରାଶ୍ରୟ ନିଃସହାୟ ଭଳି – ଏଭଳି ନିତ୍ୟନୈମିତିକ ଦୁର୍ଯୋଗର ଦିନଦଣ୍ଡରୁ ଓଡିଶାକୁ ବଞ୍ଚାଇବାକୁ ହିଁ ପ୍ରଥମେ ଦରକାର – ଏ ଦ୍ୱିତୀୟ ରାଜଧାନୀ । ଏଠି ଚଳିବନାହିଁ ଦୌଲତବାଲାଙ୍କ ଦୌରାତ୍ମ୍ୟ କି ଦାଦାଗିରି। ଚାଲିବ ବଞ୍ଚିତବର୍ଗର ଭାଇଚାରା ବା ଭାଇବିରାଦରି।

# ସମୁଦ୍ରରେ ମିଶିନଥିବା ନଦୀ



ଭାରତରେ ୪୦୦ରୁ ଅଧିକ ଛୋଟ ଓ ବଡ଼ ନଦୀ ପ୍ରବାହିତ ହୋଇଥାଏ। ସାଧାରଣତଃ ନଦୀଗୁଡ଼ିକ ପର୍ବତମାଳାରୁ ବାହରି ସମୁଦ୍ରରେ ମିଶିଥାଆନ୍ତି। କିନ୍ତୁ ଆମ ଦେଶରେ ଏପରି ଗୋଟିଏ ନଦୀ ଅଛି ଯାହା ସମୁଦ୍ରରେ ମିଶି ନାହିଁ। ଏହା ରାଜସ୍ଥାନର ଲୁଣୀ ନଦୀ। ଆଜମେରର ପ୍ରାୟ ୭୭୨ ମିଟର ଉଚ୍ଚରେ ଅବସ୍ଥିତ ଆରାବଳୀ ପର୍ବତରେ ଥିବା ନାଗ ପାହାଡ଼ରୁ ଏହା ବାହାରିଛି। ୪୯୫ କିଲୋମିଟର ଲମ୍ବା ଲୁଣୀ ନଦୀ, ରାଜସ୍ଥାନରେ ୩୩୦ କିଲୋମିଟର ପ୍ରବାହିତ ହେଉଥିବାବେଳେ ବାକି ଅଂଶ ଗୁଜୁରାଟରେ ପ୍ରବାହିତ ହେଉଛି। ଲୁଣୀ ନଦୀର ବିଶେଷତ୍ୱ ହେଉଛି ଯେ, ଆଜମେରଠାରୁ ବାଡମେର ପର୍ଯ୍ୟନ୍ତ ଏହି ନଦୀର ଜଳ ମଧୁର ହୋଇଥାଏ। ବାଡମେରଠାରୁ ଅତିକ୍ରମ କରିସାରିବା ପରେ ଏହାର ଜଳ ଲୁଣିଆ ହୋଇଯାଏ। ଏହାର କାରଣ ହେଲା ଯେତେବେଳେ ଏହି ନଦୀ ରାଜସ୍ଥାନର ମରୁଭୂମି ଦେଇ ଗତିକରେ, ସେଥିରେ ଥିବା ଲୁଣ କଣିକା ନଦୀଜଳ ସହ ମିଶି ଜଳ ଲୁଣିଆ ହୋଇଯାଏ।

# ପ୍ରଭାସଙ୍କ ଓଜନକୁ ନେଇ ନିର୍ଦ୍ଦେଶକ ଚିନ୍ତିତ

ବହୁ ଚର୍ଚ୍ଚିତ ଫିଲ୍ମ 'ବାହୁବଳୀ'ର ହିରୋ ପ୍ରଭାସଙ୍କ ଦୁଇଟି ଫିଲ୍ମ ଫ୍ଲପ୍ ହେବା ପରେ ଏବେ ଫିଲ୍ମ 'ସାଲାର'କୁ ନେଇ ଅନେକ ଆଶା ରଖିଛନ୍ତି ପ୍ରଶଂସକ। 'ସାଲାର'ର ନିର୍ଦ୍ଦେଶନା କେଜିଏଫର ନିର୍ଦ୍ଦେଶକ ପ୍ରଶାନ୍ତ ନିଲ୍ ଦେଉଥିବା ବେଳେ ଏବେ ଫିଲ୍ମର ସୁଟିଂକୁ ନେଇ ଏକ ବଡ଼ ଖବର ସାମ୍ନାକୁ ଆସିଛି। ପ୍ରଭାସଙ୍କ ବର୍ଦ୍ଧିତ ଓଜନ ପାଇଁ ଏବେ ପ୍ରଶାନ୍ତଙ୍କୁ 'ସାଲାର'ର ସୁଟିଂକୁ ଅଧାରୁ ଅଟକାଇବାକୁ ପଡ଼ିଥିବା ଜଣାପଡ଼ିଛି। ଜାତୀୟ ଗଣମାଧ୍ୟମ ଅନୁସାରେ, ପ୍ରଭାସଙ୍କ ଆଗରୁ ଓଜନକୁ ନେଇ ଥିବା ସମସ୍ୟା ଏବେ ପୁଣି ଆରମ୍ଭ ହୋଇଛି। ପୂର୍ବରୁ ରିଲିଜ୍ ହୋଇଥିବା 'ରାଧେ ଶ୍ୟାମ' ଫିଲ୍ମର ସୁଟିଂ ସମୟରେ ମଧ୍ୟ ପ୍ରଭାସଙ୍କ ଓଜନ ବଢ଼ିଥିଲା। ହେଲେ ତାଙ୍କୁ ସିଜିଆଇ କୌଶଳ ଜରିଆରେ ପରଦାରେ ପତଳା କରି ଦେଖା ଯାଇଥିଲା। ଏହି ଫିଲ୍ମର ପ୍ରମୋସନ ସମୟରେ, ପ୍ରଭାସଙ୍କ ବର୍ଦ୍ଧିତ ଓଜନ ସମସ୍ତେ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏବେ ଏହି ବର୍ଦ୍ଧିତ ଓଜନ ପାଇଁ ଫିଲ୍ମ 'ସାଲାର'ର ସୁଟିଂ ଅଟକିଛି। କାରଣ ନିର୍ଦ୍ଦେଶକ ପ୍ରଶାନ୍ତ ନିଲ, ସିଜିଆଇ କୌଶଳ ବ୍ୟବହାର ନକରି ପ୍ରଭାସଙ୍କୁ ଓଜନ କମ କରିବା ପାଇଁ କହିଛନ୍ତି। ସେ ଚାହାଁନ୍ତି କି ପ୍ରଭାସ ତାଙ୍କ ଓଜନ ହ୍ରାସ କରନ୍ତୁ ଏବଂ ପୂର୍ବ ଭଳି ଦେଖାଯାନ୍ତୁ। ଏହା ପରେ ହିଁ ପ୍ରଭାସ ଫିଲ୍ମର ସୁଟିଂକୁ ଫେରିପାରିବେ। ପ୍ରଭାସଙ୍କ ଏକ ନୂଆ ଲୁକ୍ ପ୍ରଶଂସକଙ୍କ ସାମ୍ନାକୁ ଆସୁ ବୋଲି ଚାହୁଁଛନ୍ତି ପ୍ରଶାନ୍ତ। ଏଥିପାଇଁ ପ୍ରଭାସଙ୍କୁ ସମୟ ଦିଆଯାଇଛି।



# ପବନରୁ ପାଣି ତିଆରି କରୁଛି ମେସିନ୍

ଇସ୍ରାଏଲର ଏକ କମ୍ପାନୀ 'ୱାଟରଜେନ୍' ପବନରୁ ପାଣି ତିଆରି କରୁଛି। ଏହି ମେସିନ୍ ଏବେ ଭାରତକୁ ଆସିଛି। ଏହି କମ୍ପାନୀ ଏସ୍‌ମ୍‌ଭି ଜୟପୁରିଆ ଗ୍ରୁପ୍ ସହିତ ପାର୍ଟନରସିପ୍ ମଧ୍ୟ କରିଛି। ଏହି ପାର୍ଟନରସିପ୍‌ରୁ କମ୍ପାନୀର ଆଟ୍‌ମୋସ୍ଫେରିକ୍ ୱାଟର ଜେନେରେଟର



ପ୍ରଡକ୍ଟକୁ ବହୁ କାଟାଗୋରୀରେ ଭାରତକୁ ଅଣାଯିବ। ଏହି ମେସିନ୍ ଏମ୍ବିୟଟ ଏୟାରରୁ ମିନେରଲାଇଜଡ୍, ସେଫ୍ ଡ୍ରିଙ୍କିଙ୍ଗ ୱାଟର ଉତ୍ପାଦନ କରିଥାଏ। କମ୍ପାନୀର କହିବା ଅନୁସାରେ, ଅପରେସନ୍ ଷ୍ଟାର୍ଟ ହେବାର ଏକ ବର୍ଷ ଭିତରେ ସେ ମାନୁଫାକଚରିଂ ୟୁନିଟକୁ ଭାରତରେ ଲଞ୍ଚ କରିବ। ଏହି ପ୍ରଡକ୍ଟର କାପାସିଟି ୩୦ ଲିଟରରୁ ନେଇ ୬୦୦୦ ଲିଟର ପ୍ରତିଦିନ ରହିଥାଏ। କମ୍ପାନୀ ବର୍ତ୍ତମାନ ମୂଲ୍ୟ ଉପରେ କୌଣସି ସୂଚନା ଦେଇନାହିଁ। କୁହାଯାଉଛି ଯେ, ଏହାର ମୂଲ୍ୟ ୨.୫ ଲକ୍ଷ ଟଙ୍କାରୁ ଅଧିକ ହୋଇପାରେ। କମ୍ପାନୀର କହିବା ଅନୁସାରେ, ଏହି ପ୍ରଡକ୍ଟ ସ୍କୁଲ, ହସ୍ପିଟାଲ, ପାର୍କ, ଘର, ଅଫିସ, ରିସୋର୍ଟ, କନଷ୍ଟ୍ରକସନ୍ ସାଇଟ୍, ଗାଁ, ରେସିଡେନ୍‌ସିଆଲ୍ ବିଲ୍ଡିଂ ଓ ଅନ୍ୟ ସ୍ଥାନରେ ଖୁବ୍ କାମରେ ଆସିବ। ସେଠାରେ ପାନୀୟ ଜଳର ବହୁତ ଦରକାର ରହିଥାଏ। ଏହି ମେସିନ୍ ପବନରେ ଥିବା ଆଦ୍ରତାକୁ ଉପଯୋଗ କରି ପାଣିରେ ରୂପାନ୍ତରିତ କରିଥାଏ। ଡିଭାଇସ୍‌ରେ ପ୍ଲଗ ଆଣ୍ଡ ଫ୍ଲେ ଟେକ୍ନୋଲୋଜି ଦିଆଯାଇଛି। ଏଥିରେ ଆପଣ ଯେ କୌଣସି ଷ୍ଟାଣ୍ଡାର୍ଡ ଇଲେକ୍ଟ୍ରିସିଟି କନେକ୍ସନ କିମ୍ବା ଅଲଟରନେଟିଭ ଏନର୍ଜି ସୋର୍ସ ସହିତ ଇନଷ୍ଟଲ କରିପାରିବେ।



# ହୋଭରବୋର୍ଡରେ ଉଡ଼ି ଉଡ଼ି ଇଂଲିଶ୍ ଚ୍ୟାନେଲ୍ ପାର

ଆଟଲାଣ୍ଟିକ୍ ମହାସାଗରର ଏକ ଶାଖା ହେଉଛି ଇଂଲିଶ୍ ଚ୍ୟାନେଲ୍। ଏହା ଦକ୍ଷିଣ ଇଂଲଣ୍ଡକୁ ଉତ୍ତର ଫ୍ରାନ୍ସଠାରୁ ପୃଥକ୍ କରିଥାଏ। ଏହି ଇଂଲିଶ୍ ଚ୍ୟାନେଲ୍‌କୁ ପାର ହେବା ବହୁତ କଷ୍ଟକର। ଯଦିଓ ଅନେକ ଲୋକ ପହଁରିକି ବି ଇଂଲିଶ୍ ଚ୍ୟାନେଲ୍ ପାର ହୋଇଛନ୍ତି ହେଲେ ପ୍ରଥମ ଥର ପାଇଁ ଜଣେ ୩୫ କି.ମି ଲମ୍ବ ଇଂଲିଶ୍ ଚ୍ୟାନେଲ୍‌କୁ ଉଡ଼ି ଉଡ଼ି ପାର ହୋଇଛନ୍ତି। ଫରାସୀ ଆବିଷ୍କାରକ ଜପାଟା ନିଜେ ତିଆରି କରିଥିବା ଜେଟ୍ ସଞ୍ଚାଳିତ ହୋଭରବୋର୍ଡରେ ଉଡ଼ି ଉଡ଼ି ଇଂଲିଶ୍ ଚ୍ୟାନେଲ୍ ପାର ହେବାରେ ସଫଳ ହୋଇଛନ୍ତି। ୪୦ ବର୍ଷୀୟ ଫ୍ରାଙ୍କି ଜପାଟା ଫ୍ରାନ୍ସର ସଙ୍ଗେଟ୍‌ରୁ ଉଡ଼ାଣ ଆରମ୍ଭ କରିଥିଲେ। ଇଂଲିଶ୍ ଚ୍ୟାନେଲ୍ ପାର ହୋଇ ଡୋଭର ସେଣ୍ଟ୍ ମାର୍ଗାରେଟ୍ ବିଚ୍‌ରେ ଓହ୍ଲାଇଥିଲେ। ଉଡୁଥିବା ସମୟରେ ଘଣ୍ଟାକୁ ୧୭୦ କି.ମି ବେଗ ପର୍ଯ୍ୟନ୍ତ ସେ ପହଞ୍ଚି ଯାଇଥିଲେ। ତାଙ୍କ ସୁରକ୍ଷା ପାଇଁ ଏକ ବଡ଼ ଡଙ୍ଗା ସହ ତିନୋଟି ହେଲିକପ୍ଟର ବି ବ୍ୟବହାର କରାଯାଇଥିଲା।



# ଆମ ଦୁହିଁଙ୍କ ମଧ୍ୟରେ ଭଲ ସମ୍ପର୍କ ଅଛି: କନିକା

ଏମିତି ଅନେକ ସମ୍ପର୍କ ଅଛି, ଯାହା ସମୟ ଅନୁସାରେ ଭାଙ୍ଗିଯାଏ। କାହିଁକି ନା ସମ୍ପର୍କରେ ତିକ୍ତତା ଓ ଘୃଣା ଏତେ ବଢିଯାଏ ଯେ ପରସ୍ପର ଚେହେରା ଦେଖିବାକୁ ପସନ୍ଦ କରନ୍ତି ନାହିଁ । ଏଭଳି ପରିସ୍ଥିତିରେ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥାଏ । ଯେତେ ଚେଷ୍ଟା କଲେ ବି ସେଥିରେ ସୁଧାର ଆସେ ନାହିଁ । କିନ୍ତୁ ବଲିଉଡ୍‌ର ଗାୟିକା କନିକା କପୁର ସେମିତି ନୁହନ୍ତି। ନିକଟରେ ବେବିଡଲ୍ ତଥା କନିକା ଦ୍ୱିତୀୟ ବିବାହ କରିଛନ୍ତି। ବିବାହ ପରେ ସେ ତାଙ୍କ ପୂର୍ବ ସ୍ୱାମୀ ରାଜ ଚାନ୍ଦୋକଙ୍କ ବିଷୟରେ କହିଥିଲେ। କନିକା କପୁର ଏକ ସାକ୍ଷାତକାରରେ କହିଛନ୍ତି ଯେ ସେ ୧୮ବର୍ଷ ବୟସରେ ବିବାହ କରିଥିଲେ। କିନ୍ତୁ ବିବାହର ୧୫ ବର୍ଷ ପରେ ସେମାନଙ୍କ ବିବାହ ଭାଙ୍ଗି ଯାଇଥିଲା। ଅଧିକ ଦିନ ତିଷ୍ଠି ପାରି ନଥିଲା । ହେଲେ ଏହି ସବୁ ପରେ ମଧ୍ୟ ବିବାହ ପ୍ରତି ତାଙ୍କର ବିଶ୍ୱାସ କମି ନାହିଁ କିମ୍ବା ରାଜଙ୍କ ପାଇଁ କୌଣସି ପ୍ରକାରର ରାଗ କିମ୍ବା ଘୃଣା ମନରେ ନାହିଁ। ଏନେଇ ସେ କହିଛନ୍ତି, ମୁଁ ବିବାହ ଉପରେ ସବୁବେଳେ ବିଶ୍ୱାସ ରଖେ। ମୁଁ ବୁଝିପାରୁଛି ଯଦି ଗୋଟିଏ ବିବାହରେ ଆପଣଙ୍କର ପାର୍ଟନର ଆପଣଙ୍କୁ ବୁଝି ପାରିନାହିଁ, ତେବେ ଏଥିରେ କାହାର ବି ଦୋଷ ନାହିଁ। ମୁଁ ଭାବେ କି ଆମେ ଏହାକୁ ନେଇ ଖୁସି ସହିତ ଆଗକୁ ବଢିବା ଉଚିତ୍। ଏହା ବ୍ୟତୀତ ଆହୁରି ମଧ୍ୟ କହିଛନ୍ତି କି, ସେ ରାଜ ଚାନ୍ଦୋକଙ୍କ ସହ ଯୋଗାଯୋଗରେ ଅଛନ୍ତି। ଆମ ଦୁହିଁଙ୍କ ମଧ୍ୟ ଏକ ଭଲ ସମ୍ପର୍କ ଅଛି । ସେ ମୋତେ ବିବାହ ପାଇଁ ଶୁଭେଚ୍ଛା ଜଣାଇଥିଲେ। ଆମେ ସବୁବେଳେ ପରସ୍ପର ପାଇଁ ରହିବୁ। ଏଭଳି ଭାବରେ କାହା ଉପରେ ଘୃଣା ଏବଂ ନକାରାତ୍ମକତା ଚିନ୍ତା କରିବା ଠିକ୍ ନୁହେଁ। ଖୁସି ସହିତ ସେମାନଙ୍କୁ ମଧ୍ୟ ଜୀବନ ବଞ୍ଚିବାକୁ ଦିଅନ୍ତୁ। କହିବାକୁ ଗଲେ କନିକା ଏବଂ ରାଜଙ୍କର ୨୦୧୨ରେ ଛାଡପତ୍ର ହୋଇଥିଲେ।



# ୩୪୦୦ ବର୍ଷ ପୁରୁଣା ସହର ନଦୀ ତଳୁ ଠାବ

ପ୍ରତ୍ନତତ୍ତ୍ୱବିତଙ୍କ ଏକ ଇଣ୍ଟରନ୍ୟାସନାଲ ଗ୍ରୁପ୍ ଇରାକର କୁର୍ଦିସ୍ତାନରେ ୩୪୦୦ ବର୍ଷ ପୁରୁଣା ସହର ଖୋଜି ବାହାର କରିଛନ୍ତି। ହଜାର ହଜାର ବର୍ଷ ପୁରୁଣା ଏହି ସହର ଟିଗାରିସ୍ ନଦୀ ତଳେ ମିଳିଛି। ପ୍ରତ୍ନତତ୍ତ୍ୱବିତ୍‌ମାନେ ନିକଟରେ ଏବିଷୟରେ ସୂଚନା ଦେଇଛନ୍ତି। ପ୍ରତ୍ନତତ୍ତ୍ୱବିତ୍‌ଙ୍କ ଏହି ଗ୍ରୁପ୍ କହିଛନ୍ତି, ଇରାକର ଟିଗାରିସ୍ ନଦୀ ତଳେ ସେମାନେ ୩୪୦୦ ବର୍ଷ ପୁରୁଣା ସହରର ବହୁ ଅବେଶଷ ପାଇଛନ୍ତି। ଯାହାକୁ ମିତ୍ତାନି ସାମ୍ରାଜ୍ୟ ଖ୍ରୀଷ୍ଟପୂର୍ବ ୧୪୭୫ ଓ ୧୨୭୫ ଭିତରେ ତିଆରି କରିଥିଲା। ଏହି ସହରର ସନ୍ଧାନ ଟିଗାରିସ୍ ନଦୀ ଉପକୂଳରେ ଥିବା ମୋସୁଲ ବ୍ରିଜ୍‌ରେ ପାଣି କମ୍ ହେବା ଦ୍ୱାରା ହୋଇଛି। ମିଳିଥିବା ଅବଶେଷରେ ମାଟି-ଇଟାର କାନ୍ଥ, ବହୁ ଟାୱାର, ବହୁ ମହଲା ବିଲ୍ଡିଂ ସହିତ ବହୁତ କିଛି ଜିନିଷ ଥିଲା। ମିତାନି ସାମ୍ରାଜ୍ୟର ଏହି ପ୍ରାଚୀନ୍ ସହରକୁ ନେଇ ଅନେକ ଉତ୍ସୁକତା ସୃଷ୍ଟି କରିଥାଏ। ତା' ସହିତ ଏହି ସାମ୍ରାଜ୍ୟ ଭିତରେ ଏକ ବାଣିଜ୍ୟ କେନ୍ଦ୍ର ତବଲଷସଲଙ୍କ ଥିବାର ସମ୍ଭାବନା ରହିଛି ବୋଲି କୁହାଯାଇଛି। ପ୍ରତ୍ନତତ୍ତ୍ୱବିତ୍ ଡକ୍ଟର ଇଭନା ପୁଲିଜା କହିଛନ୍ତି, ମୋଟା ମାଟିର କାନ୍ଥ ସହିତ ବିଲ୍ଡିଂକୁ ଖୁବ୍ ସାବଧାନ ସହକାରେ ଡିଜାଇନ୍ କରାଯାଇଥିଲା। ସେଠାର ମାଟିରୁ ୧୦ କ୍ୟୁନିଫର୍ମ ଟାବଲେଟ୍ ମିଳିଥିଲା। କ୍ୟୁନିଫର୍ମ ହେଉଛି ଲେଖିବାର ଏକ ପ୍ରାଚୀନ୍ ଶୈଳୀ। ବର୍ତ୍ତମାନ ଏହାକୁ ଅନୁବାଦ ପାଇଁ ପଠାଯାଇଛି।

# ପକ୍ଷୀଙ୍କୁ କରେଣ୍ଟ ଲାଗେନି କାହିଁକି ?

ଅନେକ ସମୟରେ ଆମେ ପକ୍ଷୀମାନେ ଏକା ସମୟରେ ଇଲେକ୍ଟ୍ରିକ୍ ତାରରେ ବସିଥିବାର ଦେଖିଥାଉ, ଆଉ ଏହା ଦେଖି ଆମେ ଆଶ୍ଚର୍ଯ୍ୟ ହେଉ କି ସେମାନଙ୍କୁ କାହିଁକି କରେଣ୍ଟ ଲାଗେନି। ଏହା ପଛରେ କଣ କାରଣ ହୋଇପାରେ? ଏହାକୁ ଜାଣିବା ପାଇଁ ପ୍ରଥମେ ଆମକୁ ବିଦ୍ୟୁତ୍ ପ୍ରବାହର ନିୟମକୁ ଜାଣିବାକୁ ହେବ। ତାରରେ ବିଦ୍ୟୁତ୍ ଗୋଟିଏ ସ୍ଥାନରୁ ଆଉ ଏକ ସ୍ଥାନକୁ ପ୍ରବାହିତ ହୋଇଥାଏ। ଆମେ ଜାଣିଛେ ସର୍କିଟ ପୂରା ନହେଲେ କରେଣ୍ଟ ତାରରେ ପ୍ରବାହିତ ହୋଇ ନଥାଏ। ୨ଟି ତାର ଯାହା ଗୋଟିଏ ମାଇନସ୍ ଓ ଆଉ ଗୋଟେ ପ୍ଲସ୍ ଭାବେ ରହିଛି। ଏହି ଦୁଇ ତାର ଦ୍ୱାରା ବଲବ୍ ଜଳିଥାଏ, ପଙ୍ଖା ଚାଲେ ବା ଅନ୍ୟାନ୍ୟ ବୈଦ୍ୟୁତିକ ଉପକରଣ କାର୍ଯ୍ୟ କରେ। ଏହା ଦର୍ଶାଏ କି ପକ୍ଷୀଙ୍କ ଶରୀରରେ ଥିବା ସେଲ ଓ ଟିସୁ ବିଦ୍ୟୁତ ପ୍ରବାହକୁ ପ୍ରତିରୋଧ କରିଥାଏ। ବିଦ୍ୟୁତ୍ ତାର ୪୪୦ ଭୋଲ୍ଟର ବା ୧୧,୦୦୦ଭୋଲ୍ଟ , ୩୩,୦୦୦ଭୋଲ୍ଟର ହୋଇଥାଏ । ପକ୍ଷୀମାନେ ଆରାମରେ ସେହି ହାଇ ଭୋଲଟେଜ୍ ତାର ଉପରେ ବସିଥାନ୍ତି। ଜୀବନ ପାଇଁ ଘାତକ ସାଜୁଥିବା ଏହି ବିଦ୍ୟୁତ୍ ଏହି ପକ୍ଷୀମାନଙ୍କୁ କରେଣ୍ଟ ହିଁ ଲାଗି ନଥାଏ। ଯଦି ପକ୍ଷୀମାନେ ବିଦ୍ୟୁତ୍ ତାରକୁ ସ୍ପର୍ଶ କରି ଭୂମିର ସଂସ୍ପର୍ଶରେ ଆସନ୍ତି ତ ପକ୍ଷୀକୁ କରେଣ୍ଟ ଲାଗେ। ଏହିପରି ମଣିଷଙ୍କ କ୍ଷେତ୍ରରେ ଦେଖିବାକୁ ମିଳେ। ଯେବେ ମଣିଷର ଶରୀର ଭୂଇଁର ସଂସ୍ପର୍ଶରେ ଆସିଥାଏ, ସେତେବେଳେ କରେଣ୍ଟ ସକ୍ ଲାଗିଥାଏ। ଯେବେ ପକ୍ଷୀ ବିଜୁଳି ତାର ଉପରେ ବସେ କରେଣ୍ଟ ଲାଗିନଥାଏ, କାରଣ ସେ ଗୋଟିଏ ହିଁ ତାରରେ ବସିଥାଏ। ସେ ନିଜର ଦୁଇ ଗୋଡ଼କୁ ଗୋଟିଏ ତାରରେ ହିଁ ରଖିଥାଏ। ଅନ୍ୟ ତାରକୁ ଛୁଇଁ ନଥାଏ। ଯାହାକି ବିଦ୍ୟୁତ୍ ପ୍ରବାହ ପାଇଁ ସର୍କିଟ ପୂରା ହୋଇ ପାରିନଥାଏ। ଫଳରେ ପକ୍ଷୀକୁ କରେଣ୍ଟ ଲାଗିନଥାଏ।

# ଫାଙ୍କି ଦେଲେ ସରକାର: ବିଷାକ୍ତ ଖାଦ୍ୟ ନୁହେଁ, ଦୂଷିତ ପାଣି ଯୋଗୁ କାଶୀପୁରରେ ହଇଜା

ଭୁବନେଶ୍ୱର, ୧୮ ଜୁଲାଇ : ରାୟଗଡ଼ା ଜିଲ୍ଲାର କାଶୀପୁର ବ୍ଲକ ଅଂଚଳରେ ହଇଜା ଯୋଗୁ ୭ଜଣ ପ୍ରାଣ ହରାଇବା ଘଟଣାରେ ଆଜି ଗୃହରେ ରାଜ୍ୟ ସରକାର ବିବୃତ୍ତି ରଖିଛନ୍ତି । ତେବେ ଖାଦ୍ୟ ଅଭାବ ଯୋଗୁ ବିଷାକ୍ତ ଖାଦ୍ୟ ଖାଇ କେହି ଝାଡ଼ାବାନ୍ତିର ଶିକାର ହୋଇଥିବା ଖବରକୁ ସରକାର ଫାଙ୍କି ଦେଇଛନ୍ତି । କୂଅ କିମ୍ବା ଘରେ ସାଇତି ରଖାଯାଇଥିବା ପାଣି ପିଇ ଲୋକେ ଝାଡ଼ାବାନ୍ତିର ଶିକାର ହୋଇଛନ୍ତି ଓ ଏହା ଏକ ସ୍ୱାସ୍ଥ୍ୟ ସମସ୍ୟା ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ଆଜି ବିଧାନସଭାକୁ ଅବଗତ କରାଇଛନ୍ତି । କାଶୀପୁରରେ ଝାଡ଼ାବାନ୍ତି ଘଟଣାକୁ ନେଇ ଗୃହରେ କଂଗ୍ରେସ ସଦସ୍ୟମାନେ ହଙ୍ଗାମା କରିବା ପରେ ସଂସଦୀୟ ବ୍ୟାପାର ମନ୍ତ୍ରୀଙ୍କୁ ସୋମବାର ସୁଦ୍ଧା ବୟାନ ରଖିବାକୁ ବାଚସ୍ପତି ବିକ୍ରମ କେଶରୀ ଆରୁଖ ରୁଲିଂ ଦେଇଥିଲେ । ଆଜି ମନ୍ତ୍ରୀ ଶ୍ରୀ ପୂଜାରୀ କହିଥିଲେ ଯେ, କାଶୀପୁର ବ୍ଲକର ଟିକିରି ଗ୍ରାମରେ ଝାଡ଼ାବାନ୍ତି ହେବାର ଖବର ଜୁଲାଇ ୧୨ତାରିଖରେ ମିଳିଲା ପରେ ସ୍ୱାସ୍ଥ୍ୟ ବିଭାଗର ଆରଆରଟି ତୁରନ୍ତ ଅନୁସନ୍ଧାନ ଆରମ୍ଭ କରିଥିଲେ । ଜିଲ୍ଲାପାଳ, ସିଡିଏମଓ, ମେଡିକାଲ ଟିମ୍ ସହ ପ୍ରଭାବିତ ଅଂଚଳ ପରିଦର୍ଶନ କରି ସମସ୍ତ ପଦକ୍ଷେପ ନେଉଛନ୍ତି । ଜିଲ୍ଲା ଏବଂ ବ୍ଲକ ସ୍ତରରେ ନିୟନ୍ତ୍ରଣ କକ୍ଷ ଏବଂ ସମସ୍ତ ପ୍ରଭାବିତ ଗ୍ରାମରେ ସାମୟିକ ଚିକିତ୍ସା କେନ୍ଦ୍ର ପ୍ରତିଷ୍ଠା କରାଯାଇଛି ଓ ୫ଟି ମେଡିକାଲ ଟିମକୁ ମୁତୟନ କରାଯାଇ ଯୁଦ୍ଧକାଳୀନ ଭିତିରେ ଚିକିତ୍ସା ଯୋଗାଇ




ଦିଆଯାଉଛି । ଆକ୍ରାନ୍ତ ମାନଙ୍କୁ ଟିକିରି ପିଏଚସି, କାଶୀପୁର ସିଏଚସି, ଟିକିରୀର ୟୁଏଆଇଏଲ୍ ହସ୍ପିଟାଲ, ରାୟଗଡାର ଜିଲ୍ଲା ମୁଖ୍ୟ ହସ୍ପିଟାଲ ଓ ସହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଚିକିତ୍ସା କରାଯାଉଛି । ଯଥେଷ୍ଟ ପରିମାଣରେ ଓଆରଏସ, ସାଲାଇନ୍ , ଇଞ୍ଜେକସନ, ଔଷଧ, ବ୍ଲିଚିଂ ପାଉଡର, ହାଲୋଜିନ୍ ଟାବଲେଟ୍ ମହଜୁଦ ରଖାଯାଇଛି । ପ୍ରଭାବିତ ଅଂଚଳରେ ଡାକ୍ତରୀଦଳ ଦ୍ୱାରା ଘରକୁ ଘର ବୁଲି ସର୍ଭେଲାନ୍ସ କରାଯାଉଛି । ପ୍ରତିଦିନ ପାଣିର ନମୂନା ଓ ମଳ ନମୂନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଉଛି । ଏପର୍ଯ୍ୟନ୍ତ ପରୀକ୍ଷା ହୋଇଥିବା ୯ଟି ପାଣି ନମୁନା ମଧ୍ୟରୁ ୩ଟି ଜୀବାଣୁ ଦ୍ୱାରା ପ୍ରଦୂଷିତ ଥିବାର ପ୍ରମାଣ ମିଳିଛି, ଯାହାର ଉତ୍ସ କୂଅ କିମ୍ବା ଘରେ ସାଇତା ଯାଇଥିବା ପାଣି । ତେଣୁ କାଶୀପୁରରେ ଝାଡା ବାନ୍ତି ଦୂଷିତ ପାନୀୟ ଜଳରୁ ହୋଇଛି । ଏହା ଏକ ସ୍ୱାସ୍ଥ୍ୟ ସମସ୍ୟା ଅଟେ । ସରକାର ଏହା ଉପରେ ସତର୍କ ଦୃଷ୍ଟି ରଖିଛନ୍ତି ଏବଂ ଏହାର ନିରାକରଣ ପାଇଁ ସମସ୍ତ ପଦକ୍ଷେପ ନେଉଛନ୍ତି । ଆଶା, ସ୍ୱାସ୍ଥ୍ୟ କର୍ମଚାରୀ, ଏଏନଏମ, ଏନଜିଓମାନଙ୍କ ଦ୍ୱାରା ଶୁଦ୍ଧ ଓ ନିରାପଦ ପାନୀୟ ଜଳ ପିଇବା ପାଇଁ ପ୍ରଚାର କରାଯାଉଛି । ଏହାବ୍ୟତୀତ ପାଣିର ଉତ୍ସକୁ ଯୁଦ୍ଧକାଳୀନ ଭିତ୍ତିରେ ବିଶୁଦ୍ଧ କରାଯାଉଛି ଓ ସମସ୍ତ ଗାଁରେ ଟ୍ୟାଙ୍କରରେ ପାଣି ଯୋଗାଇ ଦିଆଯାଉଛି । ପ୍ରଭାବିତ ଗାଁରେ ୪ଟି ଆମ୍ବୁଲାନ୍ସ ମୁତୟନ ହୋଇଛି । ସହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ, କୋରାପୁଟରୁ ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ ମଧ୍ୟ କାଶୀପୁରରେ ମୁତୟନ କରାଯାଇଛି । ତ୍ୱରିତ ଚିକିତ୍ସା ଯୋଗାଇଦେବା ପାଇଁ ଟିକିରିଠାରେ ୫୦ ଶଯ୍ୟା ବିଶିଷ୍ଟ ଏକ ସ୍ୱତନ୍ତ୍ର ୱାର୍ଡ ଖୋଲାଯାଇଛି । ସେହିପରି ମୃତ ୭ ଜଣ ପରିବାର ମଧ୍ୟରୁ ୬ଟି ପରିବାର ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ଅଛନ୍ତି ତଥା ସେମାନେ ମାସିକ ରାସନ ଖାଦ୍ୟ ସାମଗ୍ରୀ ପାଉଛନ୍ତି । କାଶୀପୁର ବ୍ଲକ ଅନ୍ତର୍ଗତ ଟିକିରି ଗ୍ରାମପଂଚାୟତର ୩୪୦୫ ପରିବାରର ୧୦,୫୧୪ ସଦସ୍ୟଙ୍କୁ ସାଧାରଣ ବଂଟନ ବ୍ୟବସ୍ଥାରେ ସାମିଲ କରାଯାଇ ଖାଦ୍ୟ ନିରାପତ୍ତା ଯୋଗାଇ ଦିଆଯାଇଛି, ଯାହାକି ପଂଚାୟତର ୨୦୧୧ ଜନଗଣନା ଅନୁଯାୟୀ ମୋଟ ଜନସଂଖ୍ୟାର ୯୧% ଅଟେ । ଏସବୁ ପରିବାରକୁ ନିୟମିତ ମାସିକ ରାସନ ସାମଗ୍ରୀ ବ୍ୟତୀତ କୋଭିଡ୍ ମହାମାରୀ ସମୟରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ବିଗତ ୨୫ ମାସ ଧରି ଅତିରିକ୍ତ ଖାଦ୍ୟଶସ୍ୟ ସହିତ ଡାଲି ବିନା ମୂଲ୍ୟରେ ଓ ଦୁଇଟି ପର୍ଯ୍ୟାୟରେ ହଜାରେ ଟଙ୍କା ଲେଖାଏଁ କୋଭିଡ୍ ସହାୟତା ଦିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି । ସୂଚନାଯୋଗ୍ୟ, ଖାଦ୍ୟ ଅଭାବରୁ ପ୍ରଦୂଷିତ ଖାଦ୍ୟ ଖାଇବାରୁ କାଶୀପୁରରେ ଝାଡ଼ାବାନ୍ତି ବ୍ୟାପିଛି ବୋଲି କଂଗ୍ରେସ ଅଭିଯୋଗ କରିଥିଲା ।

# ରାୟଗଡ ଜିଲ୍ଲାପାଳଙ୍କ ଚନ୍ଦ୍ରପୁର ବ୍ଲକରେ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ

ଚନ୍ଦ୍ରପୁର : ୧୮/୦୭(ନି.ପ୍ର)ଆଜି ରାୟଗଡ ଜିଲ୍ଲା ପ୍ରଶାସନ ତରଫରୁ ଚନ୍ଦ୍ରପୁର ବ୍ଲକଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଛି । ଏହି ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସ୍ୱଧା ଦେ୍ୱ ସିଂହ,ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାମଚନ୍ଦ୍ର ସାହୁ, ଅତିରିକ୍ତ ଜିଲ୍ଲାପାଳ ଧର୍ମାନନ୍ଦ ବେହେରା,,ଉପଜିଲ୍ଲାପାଳ ତଥା ପ୍ରକଳ୍ପ ପ୍ରଶାସକ ସମ୍ମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଗୁଣପୁର, ଲୋକନାଥ ଦଲାବେହେରା, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ାକ୍ତର ଏଲ.ଏନ ପୃଷ୍ଟି, ଗ୍ରାମୀୟ ଜଳଯୋଗାଣ ସହାକାରୀ ଯନ୍ତ୍ରୀ



,ପ୍ରକଳ୍ପ ପ୍ରଶାସକ, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ପୂର୍ଣ ଚନ୍ଦ୍ର ବରିହା, ଜିଲ୍ଲା ମଙ୍ଗଳ ଅଧିକାରୀ ଅଶୋକ କୁମାର ଶତପଥୀ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ରାୟଗଡ, ଜଳବିଭାଜିକା ମିଶନ ପ୍ରକଳ୍ପ ନିର୍ଦ୍ଦେଶକ ଦୟାନିଧି ବକ୍ଷଗ,ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଭିକ୍ଟରିଆ କୁଲ, ଅଧକ୍ଷ ଚନ୍ଦ୍ରପୁର ପଂଚାୟତ ସମିତି,କୈନ କିମ୍ବାକା, ବିଡ଼ିଓ ଜର୍ଜ ଡୁଙ୍ଗଡୁଙ୍ଗ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ସୁକାନ୍ତ କୁମାର ପ୍ରଧାନ, ଜିଲ୍ଲା ଯୋଗାଣ ଅଧିକାରୀ,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଯାଜ୍ଞସେନୀ ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ଗୁଡିକର ଶୁଣାଣୀ କରିଥିଲେ । ଆଜି ମୋଟ ୧୦୬ଟି ଅଭିଯୋଗ ଜିଲ୍ଲାପାଳଙ୍କ ନଜରକୁ ଆସିଥିଲା । ସେଥି ମଧ୍ୟରୁ ୫୯ଟି ବ୍ୟକ୍ତିଗତ ହୋଇଥିବା ବେଳେ ୩୮ଟି ସାମୁହିକ ଅଭିଯୋଗ ଆସିଥିଲା ଏବଂ ୫ଗୋଟି ଆର୍ଥିକ ସହାୟତା ନିମନ୍ତେ । ସ୍ୱାସ୍ଥ୍ୟ ଗତ ସମସ୍ୟା ନିମନ୍ତେ ୩ଜଣକୁ ୫ହଜାରଏଖାଁ ମୁଖ୍ୟମନ୍ତ୍ରୀ ସହାୟତା କୋଷରୁ ଆଉ ୨ଜଣକୁ ୫ହଜାର ଲେଖାଏଁ ମୋଟ ୨୫୦୦୦/-ଟଙ୍କା ସହାୟତା ପ୍ରଦାନ କରିଥିଲେ । ଜିଲ୍ଲାପାଳ ଶ୍ରୀମତି ଦ୍ୱେସିଂ ଏହାପରେ ବ୍ଲକର ଉନ୍ନୟନ ମୂଳକ କାମ ପରିଦର୍ଶନ କରିଥିଲେ । ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ ଡାକ୍ତର ଓ କର୍ମଚାରୀ ମାନଙ୍କ ଆଲୋଚନା କରିଥିଲେ ଏବଂ ଏକ ବୃକ୍ଷ ରୋପଣ କରିଥିଲେ । ଏହାପରେ ତହସିଲ କାର୍ଯ୍ୟାଳୟରେ ୧୪ଟି ବିଦ୍ୟାଳୟର ଆରଓଆର ପଟ୍ଟା ସହିତ ୨୭ଜଣଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରିଥିଲେ । ଏହାପରେ ଚନ୍ଦ୍ରପୁର ୫ଟି ଅଧୀନ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଅନ୍ୟ ଶିକ୍ଷୟିତ୍ରୀ ସହିତ ଆଲୋଚନା ।

# ପୂଜାର୍ଚ୍ଚନା ପରେ ଖୋଲିଲା ହୀରାକୁଦ ଗେଟ୍



ସମ୍ବଲପୁର୧୮ ଜୁଲାଇ : ଆଜି ହୀରାକୁଦରୁ ଛଡ଼ାଗଲା ଚଳିତ ବର୍ଷର ପ୍ରଥମ ବନ୍ୟାଜଳ। ପୂର୍ବାହ୍ନ ୧୧ଟା ବେଳେ ହୀରାକୁଦର ୭ନଂ ଗେଟ୍ ଦେଇ ପ୍ରଥମ ବନ୍ୟା ଜଳ ନିଷ୍କାସନ କରାଯାଇଛି । ପରମ୍ପରା ଅନୁସାରେ ପୂଜାର୍ଚ୍ଚନା ପରେ ପ୍ରଥମେ ୭ ନମ୍ବର ସ୍ଲୁଇସ୍ ଗେଟ୍ ଖୋଲାଯାଇଛି। ଆଜି ପ୍ରଥମ ପର୍ଯ୍ୟାୟରେ ୫ଟି ଗେଟ୍ ଖୋଲାଯାଇଛି । ଜଳଭଣ୍ଡାରର ଗୋଟିଏ ପଟେ ୩ଟି ଗେଟ୍ ଓ ଆର ପଟେ ୨ଟି ଗେଟ୍ ଖୋଲାଯାଇ ପାଣି ଛଡ଼ାଯାଉଛି । ହୀରାକୁଦ ବନ୍ୟାଜଳ ଆସନ୍ତାକାଲି କଟକର ମୁଣ୍ଡଳିରେ ପହଞ୍ଚିବ । ହୀରାକୁଦ ଡ୍ୟାମ୍‌ର ଉପରମୁଣ୍ଡ ଛତିଶଗଡ଼ରେ ପ୍ରବଳ ବର୍ଷା ହେବା ଯୋଗୁ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଆଜି ପୂର୍ବାହ୍ନ ୧୧ଟାରେ ହୀରାକୁଦ ଜଳଭଣ୍ଡାରରେ ୬୧୩.୧୫ ଫୁଟ ଜଳ ଥିବା ବେଳେ ସର୍ବୋଚ୍ଚ ଜଳଧାରଣ କ୍ଷମତା ରହିଛି ୬୩୦ ଫୁଟ । ଡ୍ୟାମରେ ସେକେଣ୍ଡକୁ ପାଖାପାଖି ୧ ଲକ୍ଷ ୨୦ ହଜାର ୧୫୫ ଘନଫୁଟ ଜଳ ପ୍ରବେଶ କରୁଛି। ୪୫ ହଜାର ୯୦୮ ଘନଫୁଟ ଜଳ ନିଷ୍କାସିତ ହେଉଛି। ଉପରମୁଣ୍ଡରେ ଲଗାଣ ବର୍ଷା ହେତୁ ଡ୍ୟାମରେ ଜଳପତ୍ତନ କ୍ରମାଗତ ବଢ଼ି ଚାଲିଛି। ତେଣୁ ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତି ଅନୁଯାୟୀ ଆଜି ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯାଇଛି। ଗୋଟିଏ ସ୍ଲୁଇସ୍ ଗେଟ୍ ଦେଇ ସେକେଣ୍ଡକୁ ପାଖାପାଖି ୧୫ ହଜାର କ୍ୟୁସେକ ଜଳ ନିଷ୍କାସିତ ହେବ ବୋଲି ଜଣାଯାଇଛି। ଗେଟ୍ ଖୋଲାଯିବା ପୂର୍ବରୁ ତଳ ମୁଣ୍ଡରେ ଥିବା ଜିଲ୍ଲାଗୁଡ଼ିକୁ ସତର୍କ କରାଯାଇଛି । ଗାଇଡଲାଇନ୍ ଅନୁଯାୟୀ, ଡ୍ୟାମ କର୍ତ୍ତୃପକ୍ଷ ଜୁଲାଇ ଶେଷ ସୁଦ୍ଧା ଜଳପତ୍ତନକୁ ୬୦୫ ଫୁଟରେ ରଖିବେ । ବନ୍ୟା ନିୟନ୍ତ୍ରଣ ପାଇଁ ୨୫ ଫୁଟର ବ୍ୟବଧାନ ରଖାଯିବ । ତେଣୁ ଏବେ ଜଳପତ୍ତନ ୬୧୩ ଫୁଟ ଅତିକ୍ରମ କରି ସାରିଥିବା ବେଳେ ଏହାକୁ ୬୦୫ ଫୁଟ୍‌କୁ ହ୍ରାସ କରିବା ଡ୍ୟାମ କର୍ତ୍ତୃପକ୍ଷଙ୍କ ପ୍ରଥମ ପ୍ରାଥମିକତା ହେବ ବୋଲି ଜଣାଯାଇଛି। ତେବେ ଏବେ ଗେଟ୍ ଖୋଲାଯାଇଥିଲେ ମଧ୍ୟ ତଳିଆ ଅଞ୍ଚଳ ଲୋକେ ବିଶେଷ ଭୟଭୀତ ହେବା ଆବଶ୍ୟକତା ନାହିଁ ବୋଲି କହିଛନ୍ତି ଡ୍ୟାମ କର୍ତ୍ତୃପକ୍ଷ । କାରଣ ଏବେ ମହାନଦୀର ତଳ ଅଞ୍ଚଳରେ ବିଶେଷ ପାଣି ନ ଥିବାରୁ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ନାହିଁ ବୋଲି କହିଛନ୍ତି ଡ୍ୟାମ କର୍ତ୍ତୃପକ୍ଷ । ଏନେଇ ସମ୍ବଲପୁର ଜିଲ୍ଲାପାଳ ଅନନ୍ୟା ଦାସ କହିଛନ୍ତି, ଏବେ ତଳ ଅଞ୍ଚଳ ପ୍ରତି ସେପରି କୌଣସି ବନ୍ୟା ଆଶଙ୍କା ନାହିଁ । କେବଳ ହୀରାକୁଦ ପାଖାପାଖି ଲୋକଙ୍କୁ ସତର୍କ ରହିବାକୁ କୁହାଯାଇଛି।

# ପଞ୍ଚାୟତ ବାରଣ୍ଡାରେ ଆଶ୍ରୟ ନେଇଛନ୍ତି ଅସହାୟ ଦଳିତ ପରିବାର



କଳାହାଣ୍ଡି ୧୮/୭ (ନି.ପ୍ର): ମାଳ ମାଳ ସରକାରୀ ଯୋଜନା ସତ୍ତ୍ୱେ ଆଜି ମଧ୍ୟ କଳାହାଣ୍ଡି ଜିଲ୍ଲାର ଅନେକ ପରିବାର ଅସହାୟ ଅବସ୍ଥାରେ କାଳାତିପାତ କରୁଛନ୍ତି। ଏପରି ଏକ ଚିତ୍ର ଆସି ପହଞ୍ଚିଛି କେସିଙ୍ଗା ବ୍ଲକ ବାଲସି ଗ୍ରାମ ପଞ୍ଚାୟତରୁ। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଏକ ଦଳିତ ଗରିବ ଦମ୍ପତି ଅଗସ୍ତି ହରିଜନ (୭୫) ଓ ସ୍ତ୍ରୀ ଅଏଲି ହରିଜନ (୪୬) ୧୨ ବର୍ଷର ନାବାଳିକା ଝିଅ ସୁଭଦ୍ରା ହରିଜନଙ୍କୁ ଧରି ୨୦ ଦିନ ହେଲା ବାଲସି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ବାରଣ୍ଡାରେ ଆଶ୍ରୟ ନେଉଛନ୍ତି। ସେମାନେ ଲଗାଣ ବର୍ଷା, ପବନରେ ଦୁଃଖ କଷ୍ଟରେ ପଞ୍ଚାୟତ ବାରଣ୍ଡାରେ ଆଶ୍ରୟ ନେଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ପ୍ରଶାସନର ଶୁଭ ଦୃଷ୍ଟି ପଡିପାରି ନାହିଁ। ? ? ବାର୍ଦ୍ଧକ୍ୟ ଜନିତ ରୋଗ ଯୋଗୁଁ ଅଗସ୍ତି ଶଯ୍ୟାଶାୟୀ ହୋଇଥିବା ବେଳେ ତାଙ୍କ ସ୍ତ୍ରୀ ଅଏଲି ଏବଂ ନାବାଳିକା ଝିଅଙ୍କ ମନରେ ଚିନ୍ତା ଘାରୁଛି। ଏହି ପରିବାର ପାଖରେ ନାଁ ଅଛି ନିଜସ୍ୱ ଖଣ୍ଡେ ଜାଗା କିମ୍ବା ଘର। କେବଳ ଅଗସ୍ତିଙ୍କୁ ମାସକୁ ମିଳୁଥିବା ୫ ଶହ ଟଙ୍କା ଭତ୍ତା ଓ ୧୫ କେଜି ଚାଉଳରେ ହିଁ ଚାଲିଥାଏ ପରିବାର। ବୃଦ୍ଧ ଶଯ୍ୟାଶାୟୀ ସ୍ୱାମୀଙ୍କୁ ଛାଡି ଅଏଲି ମୂଲ ଖଟିବାକୁ ଯାଇ ପାରୁନାହାନ୍ତି। ଏହି ପରିବାର ପଞ୍ଚାୟତ କାର୍ଯ୍ୟାଳୟ ବାରଣ୍ଡାରେ ଅସହାୟ ଅବସ୍ଥାରେ ଆଶ୍ରୟ ନେଉଥିବା ବିଷୟ ସ୍ଥାନୀୟ ସରପଞ୍ଚ ଅବଗତ ରହିଥିଲେ ମଧ୍ୟ ସେମାନଙ୍କୁ ଅନ୍ୟ ସ୍ଥାନକୁ ଥଇଥାନ କରିପାରି ନାହାନ୍ତି। କିଛି ଦିନ ତଳେ କେସିଙ୍ଗା ଏବିଡିଓ ସିଦ୍ଧେଶ୍ୱର ମେହେର ବାଲସିକୁ ଯାଇଥିବା ବେଳେ ଏହି ପରିବାର ପଞ୍ଚାୟତ କାର୍ଯ୍ୟାଳୟ ବାରଣ୍ଡାରେ ଆଶ୍ରୟ ନେଉଥିବା ଦେଖିବାକୁ ପାଇଥିଲେ। ହେଲେ ଏହି ବିଷୟରେ ଏବିଡିଓ ଉପରିସ୍ଥ ଅଧିକାରୀଙ୍କୁ ଜଣାଇନଥିଲେ। ଏନେଇ କେସିଙ୍ଗା ବିଡ଼ିଓ ପ୍ରଫୁଲ୍ଲ କୁମାର ଅଦୁଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ଏବିଷୟରେ ଅବଗତ ନଥିବା ପ୍ରକାଶ କରିବା ସହ ସରପଞ୍ଚଙ୍କ ସ୍ୱାମୀଙ୍କୁ ଡାକି ପଚାରି ବୁଝିଥିଲେ। ଏବିଷୟରେ ଏବିଡିଓ ଜାଣିଛନ୍ତି ବୋଲି ସରପଞ୍ଚଙ୍କ ସ୍ୱାମୀ ବିଡ଼ିଓଙ୍କୁ କହିବା ପରେ ଏବିଡିଓ ଶ୍ରୀ ମେହେରଙ୍କୁ ଡାକି ବିଡ଼ିଓ ପଚାରି ବୁଝିଥିଲେ। ଯାହାକି ଏବିଡିଓ ଏହି ବିଷୟରେ ଜାଣିଥିଲେ ମଧ୍ୟ ଉପରିସ୍ଥ ଅଧିକାରୀଙ୍କୁ ନଜଣାଇବା ପରିତାପର ବିଷୟ ବୋଲି ସ୍ଥାନୀୟ ଅଞ୍ଚଳରେ ମତ ପ୍ରକାଶ ପାଇଛି। ତେବେ ପଞ୍ଚାୟତ କାର୍ଯ୍ୟାଳୟ ବାରଣ୍ଡାରେ ଆଶ୍ରୟ ନେଉଥିବା ଏହି ଦଳିତ ଅସହାୟ ପରିବାର ପ୍ରତି ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି ହେଉଛି।

## ବସ୍ଷ୍ଟାଣ୍ଡ ନିର୍ମାଣକୁ ଗ୍ରାମବାସୀଙ୍କ ବିରୋଧ କରି ଆସୁଥିଲେ। ଆଜି ନେତାଜୀ ଷ୍ଟାଡିୟମ୍ ରେ ବାଲିଆପାଳ ତହସିଲଦାର ୧୪୪ ଧାରା ଜାରି କରିଛନ୍ତି

ବାଲିଆପାଳ , ୧୮ / ୭(ନି.ପ୍ର) ବାଲେଶ୍ୱର ଜିଲ୍ଲା ବାଲିଆପାଳ ତହସିଲ ଅନ୍ତର୍ଗତ କଚୁଆପଡ଼ା ଗ୍ରାମରେ ନେତାଜୀ ଖେଳପଡ଼ିଆ ରହିଛି ଏହା ବାଲିଆପାଳର ଏକମାତ୍ର ଖେଳପଡ଼ିଆ । ଏଠାରେ ସୁବର୍ଣ୍ଣରେଖା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଖେଳନ୍ତି । ବାଲିଆପାଳ ମହୋତ୍ସବ ଭଳି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥାଏ । ଖେଳପଡ଼ିଆରେ କ୍ରୀଡ଼ା ଅଭ୍ୟାସ କରି ବାଲିଆପାଳ ବ୍ଲକ୍ ?ର ବହୁ କ୍ରୀଡ଼ାବିତ୍ ରାଜ୍ୟ ତଥା ଜାତୀୟସ୍ତରରେ ନାଁ କରିଛନ୍ତି ।ଏହାର ଉନ୍ନତୀକରଣ ପାଇଁ ତତ୍କାଳୀନ ଜଳେଶ୍ୱର ବିଧାୟକ ଜୟନାରାୟଣ ମହାନ୍ତି ନିଜ ହାତପାଣ୍ଠିରୁ ଅନୁଦାନ ଦେବା ସହ ପାଚେରି ନିର୍ମାଣ କରାଇଥିଲେ ତେବେ କଚୁଆପଡ଼ା ଗ୍ରାମବାସୀ ଉକ୍ତ ପଡ଼ିଆରେ ବସ୍ଷ୍ଟାଣ୍ଡ ନିର୍ମାଣକୁ ବିରୋଧ କରିଛନ୍ତି । ବାଲିଆପାଳ ପଞ୍ଚାୟତରେ ଥିବା ସରକାରୀ ଜାଗାକୁ ନେତାଜୀ ଷ୍ଟାଡିୟମ ଭାବରେ ନାମ କରଣ କରି ସ୍ଥାନୀୟ ଲୋକ ଓ ସ୍କୁଲ ପିଲାମାନେ ଖେଳ କୁଦ ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରିଆସୁଥିଲା ବେଳେ ଉକ୍ତ ଜାଗାରେ ସରକାର ନୂତନ ଭାବରେ ସରକାରୀ ଆଦର୍ଶ ବସ ଷ୍ଟାଣ୍ଡ ନିର୍ମାଣ ପାଇଁ ପ୍ରକଳ୍ପ କାର୍ଯ୍ୟକାରୀ ହେବାର ଥିଲା ବେଳେ ଏହାକୁ ବାରମ୍ବାର ଗ୍ରାମବାସୀ ମାନେ ବିରୋଧ କରିବା ସହିତ ବିଭିନ୍ନ ସମୟରେ ଉତ୍ତେଜନା ଜାରୀ ରଖୁଥିବାର ଦେଖିବାକ ମିଳିଛି ! ତେବେ ଏହାକୁ ନେଇ ଆଜି ଖେଳପଡ଼ିଆକୁ ବସ୍ଷ୍ଟାଣ୍ଡ ନିର୍ମାଣ ପାଇଁ ବାଲିଆପାଳ ତହସିଲ ପକ୍ଷରୁ ଉକ୍ତ ଜାଗାରେ ଲାଲି ପତାକା ମାରି ୧୪୪ଧାରା ଜାରୀ କରିଥିବାର ଦେଖିବାକୁ ମିଳିଛି ! ବର୍ତ୍ତମାନ ଉକ୍ତ ପଡ଼ିଆରେ ବନ୍ ?ଷ୍ଟାଣ୍ଡ ନିର୍ମାଣ କରାଯିବା ନେଇ ପ୍ରକ୍ରିୟା ଚାଲିଛି ବସ୍ୟାଣ୍ଡଟି ଖାତା ନମ୍ବର ୧୨୮ , ପ୍ଲଟ୍ ନମ୍ବର ୪୧୩ର ୧ ଏକର ୫୦ ଡେସିମିଲ୍ ଜାଗାରେ ନିର୍ମାଣ ହେବାକୁ ଥିବା ବେଳେ ଏଥିପାଇଁ ୬ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମଞ୍ଜୁର ହୋଇଛି। ତେବେ କଚୁଆପଡ଼ା ଗ୍ରାମବାସୀ ଉକ୍ତ ଖେଳ ପଡ଼ିଆରେ ବସ୍ଷ୍ଟାଣ୍ଡ ନିର୍ମାଣକୁ ବିରୋଧ କରିଲେ ।

# ଓବିସି ଏସଟି ଏସସି ମିଳିତ ମହାସଂଘ ବୈଠକ

କଳାହାଣ୍ଡି ୧୮/୭ (ନି.ପ୍ର): କଳାହାଣ୍ଡିରେ ଓବିସି, ଏସଟି ଓ ଏସସି ମାନଙ୍କୁ ସୁସଙ୍ଗଠିତ କରିବା ପାଇଁ ଚାଲିଛି ପ୍ରୟାସ। ଏଥିପାଇଁ ଗଠିତ ହୋଇଛି 'ଓବିସି ଏସଟି ଏସସି ମିଳିତ ମହାସଂଘ'। ଏହି କ୍ରମରେ ଆଜି କେସିଙ୍ଗା ବ୍ଲକ ଉକଲ୍ଲୋ ସାପ୍ତାହିକ ବଜାର ପ୍ରାଙ୍ଗଣରେ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଆଦିବାସୀ ସଂଘ ଉପଦେଷ୍ଟା ରମେଶ ଚନ୍ଦ୍ର ମାଝୀ, ମୁଖ୍ୟ ବକ୍ତା ଭାବରେ ଶିକ୍ଷାବିତ୍ ନରେନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଅନୁରୋଧ ସାହୁ, ପୂର୍ଣ୍ଣ ପଟେଲ, ବେଲାଳସେନ ବେହେରା, ଗୋଲକ ପ୍ରଧାନ, ଘନଶ୍ୟାମ ଦୋରା, ନରେଶ ଶବର, ରୋମାଞ୍ଚଳ ଶବର, ଇଶ୍ୱର ମେହେର, ପାଣ୍ଡେ ଭାଟି, ଶରତ ଚନ୍ଦ୍ର ପ୍ରଧାନ, ଯତୀନ୍ଦ୍ର ବାରିକ, ଶିବ ପ୍ରସାଦ ସାହୁ ପ୍ରମୁଖ ମଞ୍ଚାସିନ ଥିଲେ। ସଭାରେ ଅନେକ ଗୁରୁତ୍ୱପୂର୍ଣ୍ଣ ବିନ୍ଦୁ ଉପରେ ଆଲୋଚନା ପର୍ଯ୍ୟାଲୋଚନା




ହୋଇଥିଲା। ଓବିସି ଏସଟି ଏସସିଙ୍କୁ ସରକାର ସାମ୍ବିଧାନିକ ହକ ଓ ଅଧିକାରରୁ ସର୍ବଦା ଅବହେଳିତ ଓ ଅଣଦେଖା କରୁଛନ୍ତି। ଜନଗଣନାରେ ଓବିସି ବର୍ଗକୁ କାହିଁକି ସାମିଲ କରାଯାଉ ନାହି। ୨୭% ସଂରକ୍ଷଣ ଓବିସି ପାଇଁ କାହିଁକି ଲାଗୁ କରୁ ନାହାନ୍ତି। ଏସଟି ବର୍ଗର ଜଳ, ଜଙ୍ଗଲ, ଜମିନ ଅଧିକାର କ୍ଷୁର୍ଣ୍ଣ କାହିଁକି କରାଯାଉଛି । ଶିକ୍ଷା, ଘରୋଇକରଣ, ସ୍ୱାସ୍ଥ୍ୟ ଘରୋଇକରଣକୁ ବିରୋଧ କରାଯାଇଥିଲା। ପରେ ସର୍ବ ସମ୍ମତି କ୍ରମେ ଉକଲ୍ଲୋ ଓ ଚାଞ୍ଚେର ପଞ୍ଚାୟତ ସ୍ତରୀୟ ଏକ କମିଟି ଗଠନ କରାଯାଇଥିଲା। ଉକ୍ତ କମିଟିରେ ଉକଲ୍ଲୋ ପଞ୍ଚାୟତରୁ ସଭାପତି ଭାବରେ ଆଇନଜୀବୀ ଗୋଲକ ପ୍ରଧାନ, ଉପ ସଭାପତି ତ୍ରିନାଥ ମାଝୀ, କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ କୁମ୍ଭାର, ସାଧାରଣ ସମ୍ପାଦକ ଅର୍ଜୁନ ପୋଡ଼, ସମ୍ପାଦକ ଇଶ୍ୱର ମେହେର, ସହ ସମ୍ପାଦକ ଅଗସ୍ତି ସା, କୋଷାଧକ୍ଷ ମର୍ଦ୍ଦରାଜ୍ ସାହୁ, ଉପଦେଷ୍ଟା ଅନିରୋଧ ସାହୁ, ପୂର୍ଣ୍ଣ ପଟେଲ, ଦୂତୀଆ ଦୋରା, ରମେଶ କୁମ୍ଭାର, ତୋଫାନ କୁମାର, ଘନ ଶ୍ୟାମ ଦୋରା, ଭୁବନେ ଗୌଡ, ପଦ୍ମନ୍ ମାଝୀ ମୋନାନିତ ହୋଇଥିଲେ, ଚାଞ୍ଚେର ପଞ୍ଚାୟତର ସଭାପତି ଭାବରେ ଭଗବାନ ବାରିକ, ଉପସଭାପତି ଲିଙ୍ଗରାଜ ତାଣ୍ଡି, କାର୍ଯକାରୀ ସଭାପତି ରାଜକୁମାର ମାଝୀ, ସାଧାରଣ ସମ୍ପାଦକ ସୁରେଶ୍ୱର ଶବର, ସମ୍ପାଦକ ନିରାକାର୍ ପ୍ରଧାନ, ସହ ସମ୍ପାଦକ ଅଞ୍ଜନ କୁମାର ନାଗ, କୋଷାଧକ୍ଷ ସୁବନ୍ ନାଏକ ସଭ୍ୟ ଶିବ ପ୍ରସାଦ ସାହୁ, ପାଣ୍ଡେ ଭାଟି, ଦିଗମ୍ବର ମେହେର, ବରୁଣ ଗୌଡ, କେଦାର ମାଝୀ, ବାସୁଦେବ ମାଝୀ, ଭାସ୍କର କରୁଅନ, ପୁରୁଷୋତ୍ତମ କରୁଅନ୍, ଗୀତା ମାଝୀ, ଉପେନ୍ଦ୍ର ଭୋଇ, କନ୍ଦର୍ପ ସାହୁ, କୈଳାଶ ସାହୁ, ପ୍ରଦୀପ ପରଭୋଇ ଆଦି ମନୋନୀତ ହୋଇଥିଲେ, କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଅର୍ଜୁନ ପୋଡ଼ ଓ ଲବ କାରୁଆ, ସହଯୋଗ କରିଥିଲେ ତେଜ ରାଜ ବେହେରା, ଗିରିଜା ବେହେରା, ଚିରନ୍ ନାଗ, ଦୁଃଖୀ କୁମ୍ଭାର, ଶେଷରେ ରୋମାଞ୍ଚଳ ଶବର ଧନ୍ୟବାଦ୍ ଦେଇ ସଭା ସାଙ୍ଗ କରାଯାଇଥିଲା।

## ଅବକାରୀବିଭାଗର ଚଢ଼ାଉ, ବିପୁଳ ପରିମାଣରେ ଦେଶୀ ମଦ ଜବତ, ବହୁ ଅଭିଯୁକ୍ତ ଗିରଫ

ରାୟଗଡ:-ତା.୧୮/୦୭(ନି.ପ୍ର) ଅବକାରୀ କମିଶନର ଆଶିଷ ସିଂହ ଓ ରାୟଗଡ ଜିଲ୍ଲାପାଳ ସ୍ୱଧା ଦେ୍ୱ ସିଂହଙ୍କ ନିର୍ଦ୍ଦେଶରେ ଅବକାରୀ ଅଧିକ୍ଷକ ରାୟଗଡ଼ ଅଭିରାମ ବେହେରାଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ବ୍ୟାପକ ଅବକାରୀ ଚଢ଼ାଉ କରାଯାଇଛି । ଜିଲ୍ଲାର ରାୟଗଡ, ଗୁଣୁପୁର,ଗୁଡାରି,ବିଷମ କଟକ,କଲ୍ୟାଣସିଂପୁର ,ଗୁଡାରି ଅବକାରୀ ଥାନା ଅଞ୍ଚଳରେ ଅବକାରୀ ଦଳର ଗତ ତା.୮/୦୭/୨୨,୧୦/୦୭/୨୨,୧୧/୦୭/୨୨,୧୨/୦୭/୨୨,୧୩/୦୭/୨୨,୧୬/୦୭/୨୨ଓ ୧୭/୦୭/୨୨ରିଖ ୭(ସାତ)ଦିନ ଧରି ବିଭିନ୍ନ ସ୍ଥାନରେ ବ୍ୟାପକ ଚଢ଼ାଉ କରି ୪୩ଟି ଅବକାରୀ କେସ ରଜୁକରି ଓ ୨୯ଜଣ ଅଭିଯୁକ୍ତକୁ ଗିରଫ କରିଛନ୍ତି । ଗତ ୭ଦିନ ଧରି ଲଗାତାର ଭାବରେ ଜିଲ୍ଲାର ବିଭିନ୍ନ ଦୁର୍ଘମ ଇଲାକାରେ,ଗଳିକନ୍ଦି ଅଞ୍ଚଳରେ ଲୁକାୟତ ଭାବେ ଚୋରା ମଦ ପ୍ରସ୍ତୁତ କରୁଥିବା ଆଡ୍ଡା ଉପରେ ଅତର୍କିତ ଚଢ଼ାଉ କରି ୧୩୨୫୦ଲିଟର ପୋଛ,୧୩୫୭ ଦେଶୀମଦ ଲିଟର ଜବତ କରି ବହୁ ମଦରନ୍ଧା ସାମଗ୍ରୀ ନଷ୍ଟ କରାଯାଇଥିବା ଜିଲ୍ଲା ଅବକାରୀ ଅଧିକ୍ଷକ ଶ୍ରୀ ବେହେରା ସୂଚନା ଦେଇଥିଇଛନ୍ତି । ଜିଲ୍ଲାରେ ଚୋରା ମଦ କାରବାର ରୋକିବା ନିମନ୍ତେ ଜିଲା ଅବକାରୀ ବିଭାଗର ବିଭିନ୍ନ ଥାନା ଯଥା ରାୟଗ, ବିଷମକଟକ, ଗୁଡାରି, ଗୁଣପୁର, କଲ୍ୟାଣ ସିଂପୁର ସଦଲବଳ ରିତମତ ଚଢ଼ାଉ ଜାରି ରହିଥିବାରୁ ରାଜ୍ୟ ଅବକାରୀ କମିଶନର ରାୟଗଡ ଅବକାରୀ ଅଧୀକ୍ଷକ ଶ୍ରୀ ବେହେରାଙ୍କୁ ଉଚ୍ଚ ପ୍ରଶଂସିତ କରିଛନ୍ତି ।

# ଦୋ ମୁହାଁ ନୀତି ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ,ଚାଷୀ ନାକେଦମ୍

ବରଗଡ୧୮ (ନି.ପ୍ର.) : ଓଡ଼ିଶାର ଭାତହାଣ୍ଡି ଭାବେ ବେଶ୍ ପରିଚିତ ଥିବା ବରଗଡ଼ ଜିଲ୍ଲାରେ ଉନ୍ନତ ମାନର ଧାନ ଚାଷ ହେଉଥିବାରୁ ଯଥେଷ୍ଟ ପରିମାଣ ରେ ସାର ର ଆବଶ୍ୟକତା ରହିଛି . ବିଗତ ରବି ଋତୁରେ ଆବଶ୍ୟକ ମୁତାବକ ସାର ସରକାରୀ ମୂଲ୍ୟରେ ନ ପାଇ ଚଢ଼ା ଦରରେ ସାର କିଣି ଭିଟାମିନ ବାଧତା ହେବା ସହ ଚାଷୀ ଶୋଷଣ ର ଶିକାର ହୋଇଥିବା ବେଳେ ଚାଷ କାର୍ଯ୍ୟ ରେ ବାଧା ପ୍ରାପ୍ତ ହେବା ଓ ଫସଲ ଉତ୍ପାଦନ ରେ ମଧ ପ୍ରଭାବ ଦେଖିବାକୁ ମିଳିଥିଲା . ଏଣୁ ଚଳିତ ଖରିଫ ଋତୁ ପାଇଁ ଚାଷୀ ଙ୍କୁ ଉପଯୁକ୍ତ ପରିମାଣ ରେ ସାର ଯୋଗାଇବା ସହ ଅନେକ ଗୁଡ଼ିଏ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ଓଡ଼ିଶା ରାଜ୍ୟ କୃଷକ ସଂଗଠନ ର ସଭାପତି ଶଡାନନ ଭୋଇ ଙ୍କ ସଭାପତିତ୍ୱ ରେ ଚାଷୀ ମାନଙ୍କ ସମସ୍ୟା ଉପରେ ଆଲୋଚନା କରି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଙ୍କୁ ଗତ ଜୁନ ୨୯ ତାରିଖ ରେ ଏକ ଦାବୀ ପତ୍ର ପ୍ରଦାନ କରିଥିଲେ . ଯାହା



ଜିଲ୍ଲା ରୁ ବ୍ଲକ ପର୍ଯ୍ୟନ୍ତ ପ୍ରତ୍ୟେକ ଲାଇସେନ୍ସ ପ୍ରାପ୍ତ ସାର ଦୋକାନ ରେ ସବୁ ପ୍ରକାର ସାର ର ଦର ତାଲିକା ଓ ସାର ଷ୍ଟକ୍ ର ପରିମାଣ ଉଲ୍ଲେଖ କରିବା ଓ ସାର ର ସରକାରୀ ମୂଲ୍ୟ ଠାରୁ ଅଧିକ ନେଉଥିବା ବିକ୍ରେତା ଙ୍କୁ ତାଗିଦ୍ କରିବା ସହ ସେ ମାନଙ୍କ ଲାଇସେନ୍ସ ରଦ୍ଦ କରି ଦୃଢ଼ ପଦକ୍ଷେପ ଗ୍ରହଣ କରିବା ଭଳି ଚାଷୀ ସମସ୍ୟା ର ସମାଧାନ କରିବା ପାଇଁ ଓଡ଼ିଶା ରାଜ୍ୟ କୃଷକ ସଂଗଠନ ଦାବୀ ଜଣାଇଥିଲେ . ହେଲେ ସାରର ଅଭାବୀ ବିକ୍ରୀ ସାଙ୍ଗକୁ ଚଢ଼ା ଦରରେ ଚାଷୀ ଶୋଷଣ ହେଉଥିବା ବେଳେ ଆବଶ୍ୟକ ମୁତାବକ ସାର ପାଇ ପାରୁ ନାହାନ୍ତି . ଯାହା ଓଡ଼ିଶା ରାଜ୍ୟ କୃଷକ ସଂଗଠନ ର ଦାବି ଅନୁଯାୟୀ ଜିଲ୍ଲା କୃଷି ଅଧିକାରୀ ଦେଇ ଥିବା ପ୍ରତିଶ୍ରୁତି ଫେଲ ମାରିଥିବା ଦେଖିବାକୁ ମିଳିଛି . ଲାଇସେନ୍ସ ପ୍ରାପ୍ତ ଦୋକାନ ରେ ନା ରହିଛି କୌଣସି ଦର ତାଲିକା,ନା ସଂଗଠନ କୁ ଦେଇଥିବା ପ୍ରତିଶୃତି ପାଳନ ହୋଇଛି . ତେବେ କାହିଁକି,କେଉଁ ଉଦ୍ଦେଶ୍ୟ ରେ ଓ କାହା ସ୍ୱାର୍ଥରେ ସଂଗଠନ କରିଥିବା ଦାବି କୁ ଜିଲ୍ଲା କୃଷି ଅଧିକାରୀ ପୁରଣ କରି ନାହାନ୍ତି ବୋଲି ସଂଗଠନ ପ୍ରଶ୍ନ କରିବା ସହ ୧୬ ଜୁଲାଇ ରେ ପୁଣି ସଂଗଠନ କୃଷି ଅଧିକାରୀ ଙ୍କୁ ଘେରିଥିବା ବେଳେ ଅଧା ଅଧିଆ ବେପାର ସାରି ଆଉ ତିନି ଦିନର ସମୟ ମାଗିଥିବା ସଂଗଠନ ପକ୍ଷରୁ ପ୍ରକାଶ ପାଇଛି . ତେବେ ଦେଖାଯାଉ ଆଉ କେତେ ଦିନ ପରେ ଦର ତାଲିକା ଝୁଲୁଛି ନା ନିଜେ କୃଷି ଅଧିକାରୀ ସାର ବେପାର ରେ ମସ୍ ଗୁଲ ରହୁଛନ୍ତି ବୋଲି ସଂଗଠନ ସକ୍ରିୟ କର୍ମୀ ମାନେ କହିଛନ୍ତି . ଏନେଇ ଚଳିତ ଖରିଫ ଋତୁ ରେ ଯଦି ସାର ର କୌଣସି ପ୍ରକାର ଅସୁବିଧା ଦେଖା ଦିଏ ତେବେ ଜିଲ୍ଲା କୃଷି ଅଧିକାରୀ ଦାୟୀ ରହିବେ ବୋଲି ଚେତାବନୀ ଦେଇଛନ୍ତି . ଏଥିରେ ଓଡ଼ିଶା ରାଜ୍ୟ କୃଷକ ସଂଗଠନ ର ବ୍ଲକ ସଭାପତି ହାରାଧନ ପ୍ରଧାନ, ମହାଦେବ ମହାପାତ୍ର,ବସନ୍ତ ବାରିକ୍,ପଲଉ ମାଝୀ ସକ୍ରିୟ ସଦସ୍ୟ ପ୍ରମୁଖ ଉପସ୍ଥିତ ରହିଥିଲେ .

## ଅଲ୍ ଇଣ୍ଡିଆ ଡି.ଏସ୍.ଓ ର ଜିଲ୍ଲାସ୍ତରୀୟ ଛାତ୍ର ସମ୍ମିଳନୀ ଅନୁଷ୍ଠିତ

ଯାଜପୁର୧୮ (ନି.ପ୍ର.) : ଅଗ୍ରଣୀ ବିପ୍ଳବୀ ଛାତ୍ର ସଂଗଠନ ଅଲ ଇଣ୍ଡିଆ ଡି.ଏସ୍.ଓର ଜିଲ୍ଲାସ୍ତରୀୟ ସମ୍ମିଳନୀ ଯାଜପୁର ସହରର ସ୍ଥାନୀୟ ଗୌତମବୁଦ୍ଧ ସଂସ୍କୃତ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମ ସଂଯୁକ୍ତା ସାହୁ, ମନୋ ସେଠୀ, ବିଚିତ୍ର ଦାସ, ପ୍ରଭାତୀ ମଲ୍ଲିକଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀଙ୍କ ପରିଚାଳନାରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଏସ୍.ୟୁ.ସି.ଆଇ କମ୍ୟୁନିଷ୍ଟର ଜିଲ୍ଲା ସଂପାଦକ କମ୍ରେଡ ସୁରେନ୍ଦ୍ର ମଲ୍ଲିକ ଏବଂ ମୁଖ୍ୟ ବକ୍ତାଭାବେ ଅଲ ଇଣ୍ଡିଆ ଡି.ଏସ୍.ଓର ରାଜ୍ୟ ସଂପାଦକ ସୁବାସ ନାୟକ ଯୋଗ ଦେଇ ଜାତୀୟ ଶିକ୍ଷାନୀତି-୨୦୨୦ ପ୍ରଚଳନ ଫଳରେ ଦେଶ ତଥା ରାଜ୍ୟର ଶିକ୍ଷା ବ୍ୟବସ୍ଥା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି ଏବଂ ଶିକ୍ଷାର ଘରୋଇକରଣ ଓ ବ୍ୟବସାୟୀକରଣ ପ୍ରକ୍ରିୟା ତ୍ୱରାନ୍ୱିତ ହେଉଛି ।ଏହା ବିରୋଧରେ ଶକ୍ତିଶାଳୀ ଛାତ୍ର ତଥା ଶିକ୍ଷା ଆନ୍ଦୋଳନ ଗଢ଼ି ଶିକ୍ଷା ଓ ସଭ୍ୟତାକୁ ରକ୍ଷା କରିବା ପାଇଁ ଆହ୍ୱାନ ଦେଇଥିଲେ । ମୁଖ୍ୟ ଚିଠା ପ୍ରସ୍ତାବକ ଓ ସାଂଗଠନିକ ଚିଠା ପ୍ରସ୍ତାବକ ସମ୍ମତିକ୍ରମେ ସମ୍ମିଳନୀରେ ଗୃହିତ ହୋଇଥିଲା । ପ୍ରାରମ୍ଭରେ ଜିଲ୍ଲାର ବିଭିନ୍ନ ସ୍କୁଲ, କଲେଜ ଓ ଶିକ୍ଷାନୁଷ୍ଠାନରୁ ଆସିଥିବା ଛାତ୍ରଛାତ୍ରୀମାନେ ସରକାରଙ୍କ ବିଭିନ୍ନ ଶିକ୍ଷା ବିରୋଧି ପଦକ୍ଷେପ ପ୍ରତିବାଦରେ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ । ସଭା ପ୍ରାରମ୍ଭରେ ଶହୀଦ ବେଦୀରେ ମାଲ୍ୟାର୍ପଣ କରାଯାଇଥିଲା । ଶେଷରେ ଆଗାମୀ ଦିନରେ ଛାତ୍ର ଆନ୍ଦୋଳକୁ ଆଗେଇ ନେଇଯିବା ପାଇଁ ଏବଂ ନୂତନ ଜିଲ୍ଲା କମିଟି ଗଠିତ ହୋଇଥିଲା । ସଭାପତି ଭାବେ କମ୍ରେଡ ସଞ୍ଜୁକ୍ତା ସାହୁ ଏବଂ ସଂପାଦକ ଭାବେ କମ୍ରେଡ ଶଶ୍ମିତା ଜେନା ସହିତ ନୂଆ କମିଟିର ଦାୟିତ୍ୱ ଗ୍ରହଣ କରିଛନ୍ତି । ପରିଶେଷରେ ଧନ୍ୟବାଦ ଅର୍ପଣ କରାଯାଇ ସମ୍ମିଳନୀ କାର୍ଯ୍ୟ ଶେଷ ହୋଇଥିଲା ।

## ଅଭିରାମ ବିଦ୍ୟାପୀଠରେ ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତ ବୈଠକ

କଣାସ:୧୮ (ନି.ପ୍ର.) : ପୁରୀ ଜିଲ୍ଲା କଣାସ ବ୍ଲକ ଅଭିରାମ ବିଦ୍ୟାପୀଠ କରମଳା ପରିସର ମଧ୍ୟରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାସ୍କର ଚନ୍ଦ୍ର ନାୟକଙ୍କ ସଭାପତିତ୍ୱ ପ୍ରସ୍ତୁତ ବୈଠକ ଅନୁଷ୍ଠିତ ହୋଇଯାଇଛି ।୫୦ବର୍ଷ ପୂର୍ତ୍ତି ଅବସରରେ ସୁବର୍ଣ୍ଣ ଜୟନ୍ତୀ ଆସନ୍ତା ଅଗଷ୍ଟ ମାସରେ ପାଳନ କରିବା ପାଇଁ ପ୍ରସ୍ତାବ ଆଗତ କରାଗଲା । ବୈଠକ ରେ ପୁରାତନ ଛାତ୍ରଙ୍କ ମଧ୍ୟରୁ ଚକ୍ରଧର ମହାପାତ୍ରଙ୍କୁ ସଭାପତି,ସୂର୍ଯ୍ୟକାନ୍ତ ଦାସରାୟଙ୍କୁ ସମ୍ପଦକ ଓ ସୁବାସ ଚନ୍ଦ୍ର ସାହୁଙ୍କୁ କୋଷାଧକ୍ଷ ଭାବେ ମନୋନୟନ କରାଗଲା ।ଅନ୍ୟମାନଙ୍କ ମଧ୍ୟରେ ବିଜୟ କୁମାର ବଳିଆରସିଂହ,ଶୁକଦେବ ବିଶ୍ୱାଳ,ପଦ୍ମ ଚରଣ ପରିଡ଼ା,ଅଜୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## କାରଙ୍ଗାମାଲ ସୋସାଇଟିରେ ସାରର ଅଭାବ

ବୋଡ଼େନ ୧୮ (ନି.ପ୍ର.) : ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ କରଙ୍ଗାମାଲ କୃଷିସମବାୟ ସମିତି ଲି ରେ ରାସାୟନିକ ସାରର ଅଭାବ ରେ ଶତାଧିକ ଚାଷୀ ଧାରଣାରେ ବସିଥିଲେ । ଦୁଇହଜାର ରୁ ଅଧିକ ଚାଷୀ ଡିଏପି ସାରପାଇଁ ଦିର୍ଘ ଆଠ ଦିନହେବ ଚାଷୀମାନେ ହଇରାଣ ହେଉଥିବାବେଳେ ଆଜି ଉତ୍ୟକ୍ତ ହୋଇ ଚାଷୀମାନେ କୃଷିସମବାୟ ସମିତିକୁ ବନ୍ଧକରିଦେଇଥିଲେ । ଖବର ପାଇ ବୋଡ଼େନ ଅତିରିକ୍ତ ତହସିଲଦାର ଜୟସନ ଧରୁଆ କରଙ୍ଗାମାଲ କୁ ପହଁଚି ଚାଷୀମାନଙ୍କୁ ବୁଝାସୁଝା କରିବାସହ ଧରଣା ରୁ ଓହରି ଯିବାପାଇଁ ଅଞ୍ଚଳର ଚାଷୀ ମାନଙ୍କୁ କହିଥିଲେ ।ଏହି ଧାରଣାରେ । ଦଳିତ ଅଧିକାରମଞ୍ଚ ରାଜ୍ୟସଭାପତି କମଳଚରଣ ତାଣ୍ଡି ସମେତ ଦଳିତ ଅଧିକାର ମଞ୍ଚର କର୍ମକର୍ତା ଉପସ୍ଥିତ ରହି ଚାଷୀମାନଙ୍କ ବିଭିନ୍ନ ସମସ୍ୟା କୁ ନେଇ ନାରାବାଜି ଦେଇଥିଲେ ।

## ମୋଟର ସାଇକେଲ ଚୋର କୁ ଗୋଡ଼ାଇ ମୋଟର ସାଇକେଲ ଉଦ୍ଧାର କଲା ପୋଲିସ୍, ଚୋର ଫେରାର

ଖପ୍ରାଖୋଲ ନୂଆପଡ଼ା ଜିଲ୍ଲା ଲଖନା ଥାନା ଅଞ୍ଚଳରୁ ଏକ ମୋଟର ସାଇକେଲ ଚୋରି କରି ଚୋର ମାନେ ଖପ୍ରାଖୋଲ ଅଞ୍ଚଳ କୁ ଆସୁଥିବା ଜାଣି ଲଖନା ପୋଲିସ ପଛରେ ଗୋଡାଇବା ସହ ଖପ୍ରାଖୋଲ ପୋଲିସ କୁ ଖବର ଦେଇଥିଲେ । ଏହାପରେ ଖପ୍ରାଖୋଲ ପୋଲିସ ଚୋରକୁ ଧରିବାକୁ ନାକା ବନ୍ଦୀ କରିବାରେ ଡୁଡୁକିପଦର ଗାଁ ନିକଟରେ ପୋଲିସ କୁ ଦେଖି ଗାଡ଼ି ଛାଡ଼ି ଅନ୍ୟ ଏକ ଗାଡ଼ିରେ ଫେରାର ହୋଇ ଯାଇଥିଲେ । ଚୋରଙ୍କୁ ଧରିବାକୁ ପୋଲିସ ତଦନ୍ତ ଜାରୀ ରଖିଛନ୍ତି । ଚଢ଼ାଉରେ ଲଖନା ଥାନା ଅଧିକାରୀ ଗୁରୁଦେବ କର୍ମୀ, ଖପ୍ରାଖୋଲ ଥାନା ଅଧିକାରୀ ରମାକାନ୍ତ ସାହୁ, ଲାଠୋର ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି ସମେତ ସଦଳବଳେ ସାମିଲ ଥିଲେ । ଏକା ସାଙ୍ଗରେ ଲାଠୋର ରୁ ମଧ ଚୋରମାନେ ଚୋରୀ କରି ଫେରାର ହୋଇଥିବା ଜଣାଯାଇଛି ।

## ଶ୍ରାବଣ ପ୍ରଥମ ସୋମବାର ହରିଶଙ୍କର ରେ ଶ୍ରଦ୍ଧାଳୁ ଙ୍କ ପ୍ରବଳ ଭିଡ଼

ଖପ୍ରାଖୋଲ ପଶ୍ଚିମ ଓଡ଼ିଶାର ପ୍ରମୁଖ ଶୈବପୀଠ ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ର ବ୍ଲକ ହରିଶଙ୍କର ଠାରେ ଶ୍ରାବଣ ମାସର ପ୍ରଥମ ସୋମବାର ଶ୍ରଦ୍ଧାଳୁ ଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା । ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ପାପନାସିନୀ ଝରଣାରେ ସ୍ନାନ କରି ଜଳ ଆଣି ଲମ୍ବା ଧାଡ଼ିରେ ଘଣ୍ଟା ଘଣ୍ଟା ଧରି ଛିଡ଼ା ହୋଇ ହରିଶଙ୍କର ବାବା ଙ୍କ ଠାରେ ପାଣି ଢ଼ାଳିଥିଲେ । ମନ୍ଦିର ପ୍ରଶାସନ ତରଫରୁ ଶ୍ରଦ୍ଧାଳୁ ଙ୍କ ଭିଡକୁ ଲକ୍ଷ କରି ସ୍ୱତନ୍ତ୍ର ବ୍ୟାରିକେଡ ବ୍ୟବସ୍ଥା କରାଯାଇଥିବା ବେଳେ ବୃଷଭ ମଣ୍ଡପ ରୁ ଶ୍ରଦ୍ଧାଳୁ ମାନେ ପାଣି ଢ଼ାଳିବାକୁ ବ୍ୟବସ୍ଥା କରାଯାଇଥିଲା । ଶାନ୍ତି ଶୃଙ୍ଖଳା ପାଇଁ ପୋଲିସ ନିୟୋଜିତ ହୋଇଥିଲେ ।କରୋନା କଟକଣା ପାଇଁ ଦୁଇ ବର୍ଷ ବୋଲ ବମ ଭକ୍ତ ଙ୍କ ପାଇଁ ବନ୍ଦ ଥିବା ବେଳେ ଏ ବର୍ଷ ହରିଶଙ୍କର ରେ ପ୍ରଥମ ସୋମବାର ରେ କୋଡ଼ିଏ ହଜାର ରୁ ଅଧିକ ଶ୍ରଦ୍ଧାଳୁ ସମାଗମ ହୋଇଥିବା ମନ୍ଦିର ମ୍ୟାନେଜର ଗୁପ୍ତେଶ୍ୱର କୁଅଁର କହିଛନ୍ତି ।

## ଘାଟ ନିର୍ମାଣ ସେବା ସଙ୍ଘ ଆନୁକୂଲ୍ୟରେ ୭୩ତମ ବନ ମହୋତ୍ସବ ପାଳିତ

ରଣପୁର, : ଆଜି ନୟାଗଡ ଜିଲ୍ଲା ରଣପୁର ସ୍ଥିତ ମା ମଣିନାଗଙ୍କ ପୀଠରେ ପ୍ରକୃତି ମିତ୍ର ପୁରସ୍କାର ପ୍ରାପ୍ତ ଘାଟ ନିର୍ମାଣ ସେବା ସଙ୍ଘ ଦ୍ୱାରା ୭୩ ତମ ବନ ମହୋତ୍ସବ ପାଳିତ ହୋଇ ଯାଇଛି କ୍ଷ ଏ ନେଇ ମଣିନାଗ ପୀଠରେ କୋଭିଡ ନିୟମ ପାଳନ ପୂର୍ବକ ଏକ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡା ରେଞ୍ଜର ଶରତ ଚନ୍ଦ୍ର ଶତପଥୀ, ମୁଖ୍ୟ ବକ୍ତା ଭାବେ କୁଳସାର ଉଚ୍ଚ ବିଦ୍ୟାଳୟର ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ପ୍ରକୃତି ବନ୍ଧୁ ପୁରସ୍କାର ପ୍ରାପ୍ତ ବିଜୟ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ରଣପୁର ବିଜ୍ଞାପିତ ପରିଷଦର ଅଧକ୍ଷା ରଙ୍ଗୀନ ମହାନ୍ତି ଓ ଅବସର ପ୍ରାପ୍ତ ଶିକ୍ଷକ ଗୋପାଳ ଚନ୍ଦ୍ର ରଥ ପ୍ରମୁଖ ଯୋଗ ଦେଇଥିଲେ । ଅବସର ପ୍ରାପ୍ତ ପ୍ରାଧ୍ୟାପକ ବିଜୟ କୁମାର ଜେନାଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା । ମୁଖ୍ୟ ବକ୍ତା ଶ୍ରୀ ମହାପାତ୍ର କହିଥିଲେ ଯେ ଓସ୍ତ ଗଛ ହେଉଛି ଏକମାତ୍ର ବୃକ୍ଷ, ଯିଏକି ସମ୍ପୂର୍ଣ୍ଣ ୨୪ ଘଣ୍ଟା ଅମ୍ଳଜାନ ପ୍ରଦାନ କରିଥାଏ ଓ ୨୦୫୦ ମସିହା ବେଳକୁ ଭୂଗର୍ଭରୁ ଜଳ ଶେଷ ହୋଇଯିବାର ଆଶଙ୍କା କରାଯାଉଛି କ୍ଷ ତେଣୁ ଅମ୍ଳଜାନ ଓ ଜଳର ଅଭାବ ପୂରଣ କରିବା ସମସ୍ତେ ଓସ୍ତ ସହିତ ଅନ୍ୟାନ୍ୟ ଗଛ ଲଗାଇବା ଉଚିତ । ଅଧକ୍ଷା ରଙ୍ଗୀନ ମହାନ୍ତି କହିଥିଲେ ଯେ ବୃକ୍ଷ ଏକ ଉତ୍ତମ ଓ ଉପକାରୀ ବନ୍ଧୁ ଅଟେ । ତେଣୁ ବୃକ୍ଷ ଲଗାନ୍ତୁ, ଜୀବନ ବଞ୍ଚାନ୍ତୁ । ସାଂସଦ ପ୍ରତିନିଧି ସ୍ୱରାଜ ମହାନ୍ତି ଘାଟ ନିର୍ମାଣ ସେବା ସଙ୍ଘର ଏହିଭଳି କାର୍ଯ୍ୟକ୍ରମକୁ ପ୍ରଂଶସା କରିବା ସହ ଏନ.ଏ.ଏସି. କାର୍ଯ୍ୟାଳୟ ତରଫରୁ ସମ୍ପୂର୍ଣ୍ଣ ସହଯୋଗ କରାଯିବ ବୋଲି ମତ ରଖିଥିଲେ ।ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ରେଞ୍ଜର ଶ୍ରୀ ଶତପଥୀ କହିଥିଲେ ଯେ କେବଳ ବୃକ୍ଷରୋପଣ କଲେ ହେବ ନାହିଁ, ବୃକ୍ଷର ସୁରକ୍ଷାର ମଧ ଆବଶ୍ୟକତା ରହିଛି । ଘାଟ ନିର୍ମାଣ ସେବା ସଙ୍ଘର ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ପାଇଁ ସଂଘକୁ ସାଧୁବାଦ ଜଣାଇଥିଲେ । ସଭାପତି ଶ୍ରୀ ଜେନା କହିଥିଲେ ଯେ, ବୃକ୍ଷରୋପଣ ଦ୍ୱାରା ହିଁ ପରିବେଶର ସୌନ୍ଦର୍ଯ୍ୟ ଫେରାଇ ଆଣିହେବ । ଗଛ ସାର ରୂପେ ପରିଚିତ ତଥା ସଙ୍ଘର ସମ୍ପାଦକ କୈଳାଶ ଚନ୍ଦ୍ର ରଥ କହିଥିଲେ ଯେ ଏହି ସଙ୍ଘ ପ୍ରଥମେ ୩ ଜଣ ସଦସ୍ୟଙ୍କୁ ନେଇ ଆରମ୍ଭ ହୋଇଥିଲା । ଏବେ ତାହା ୩୦ ଜଣ ସଦସ୍ୟରେ ପହଞ୍ଚି ପାରିଛି । ରଣପୁର ଅଞ୍ଚଳର ସମସ୍ତ ଜନ ସାଧାରଣ ଏହି ସଙ୍ଘ ସହିତ ଜଡିତ ହୋଇ ପରିବେଶ ଉନ୍ନତିରେ ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ । ଶ୍ରୀ ରଥ ଗଛର ଆବଶ୍ୟକତା ଓ ଉପକାରିତା ସମ୍ବନ୍ଧରେ ବୁଝାଇ ଥିଲେ । କୁନି ପରିବେଶ ପ୍ରେମୀ ସୋମ୍ୟ ରଞ୍ଜନ ରଣା ଓ ଏମ.ବି.ଏ. ଛାତ୍ରୀ ଶ୍ରେୟା ସିମରନ ମଧ ଏଥିରେ ଯୋଗ ଦେଇ ବୃକ୍ଷରୋପଣ କରିଥିଲେ । ସଙ୍ଘର ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।ଏହି କାର୍ଯ୍ୟକ୍ରମରେ ପରିବେଶ ପ୍ରେମୀ ଭାଗିରଥି ଦାଶ, ଶିକ୍ଷକ ଯୁଧିଷ୍ଠିର ପ୍ରଧାନ, ବିଶ୍ୱନାଥ ମାର୍ଥା, ପ୍ରିୟବ୍ରତ ଗୁରୁ, ଚିତ୍ରକର ବଂଶୀଧର ପ୍ରଧାନ, ମହେଶ୍ୱର ପରିଡାଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନୀତ କରାଯାଇଥିଲା । ସଙ୍ଘର ସଦସ୍ୟ ରଂଜିତ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ । ସୂଚନା ଥାଉକି ରଣପୁର ଅଂଚଳର କିଛି ଯୁବକ ଓ ସାଧାରଣ ଲୋକଙ୍କୁ ନେଇ କିଛି ବର୍ଷ ପୂର୍ବେ ଗଢି ଉଠିଥିଲା ଘାଟ ନିର୍ମାଣ ସେବା ସଙ୍ଘ କ୍ଷ ଏହି ସଙ୍ଘ ଚମ୍ପତିପୁର ନଦୀ ନିକଟରେ ଥିବା ସ୍ମଶାନଟିକୁ ସଫା ସୁତୁରା କରି ଆକର୍ଷଣୀୟ କରିବା ସହିତ ମଣିନାଗ ପାହାଡ଼ ସହିତ ଅନେକ ଅଂଚଳରେ ବୃକ୍ଷରୋପଣ କରି ଲୋକମାନଙ୍କର ପ୍ରିୟ ପାତ୍ର ହୋଇ ପାରିଛି କ୍ଷ ଏହା ସହିତ ସ୍ମଶାନରେ ଫୁଲ ଗଛ ଲଗାଇବା ସହିତ ତାହାକୁ ବିଭିନ୍ନ ରଙ୍ଗ ବେରଙ୍ଗର ଆଲୋକରେ ସଜାଯାଇଛି, ଯାହାକୁ ରାତିରେ ଏହି ସ୍ମଶାନ ଦେଇ ଯାଉଥିବା ଲୋକ ଭୟ କରିବା ବଦଳରେ ନିର୍ଭୟର ସହ ଯାତାୟାତ କରୁଛନ୍ତି । ଏପରିକି ଲୋକମାନେ ଏହାକୁ ଦେଖିବା ପାଇଁ ଆଗ୍ରହ ସହକାରେ ଏଠାକୁ ଆସୁଛନ୍ତି । ଏହି ସ୍ମଶାନକୁ 'ମୋ ଜନ୍ମ ଭୂମି ମୋ ସ୍ୱର୍ଗ ଦ୍ୱାର' ନାମରେ ନାମ କରଣ କରାଯାଇଛି ।

## ପରିଶ୍ରମର ଫଳ ସବୁ ବେଳେ ମଧୁର ଏସଏସକେପି ତରଫରୁ ମେଧାବୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ସିନାପାଲି:୧୮ (ନି.ପ୍ର.) : ସ୍ଥାନୀୟ ସ୍ୱର ସଙ୍ଗମ କଳା ପରିଷଦ ତରଫରୁ ରବିବାର ସିନାପାଲି ବ୍ଲକର ମେଧାବୀ ଛାତ୍ରୀଙ୍କୁ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଛି କ୍ଷ ଗତ ମାଟ୍ରିକ ପରୀକ୍ଷାରେ ନୂଆପଡ଼ା ଜିଲ୍ଲା ଟପର୍ ହୋଇଥିବା ରିତୁପର୍ଣ୍ଣା କୁଣ୍ଡ୍ରୁ ଏବଂ ଜିଲ୍ଲାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା କରୀସ୍ମା ମେହେରଙ୍କ ସହ ତୃତୀୟ ଶ୍ରେଣୀ ମେଧା ବୃତ୍ତି ପରୀକ୍ଷାରେ ସିନାପାଲି ବ୍ଲକ ଟପର୍ ହୋଇଥିବା ଶ୍ରୀୟା ମେହେରଙ୍କୁ ପରିଷଦର ଉପସଭାପତି ଅଧ୍ୟାପକ ନବୀନଚଂଦ୍ର ମେହେର,ସଂପାଦକ ସ୍ତମ୍ଭକାର ବୈଷ୍ଣବ ମେହେର ଓ ପରିଚାଳକ କବି ପ୍ରଦ୍ୟୁମ୍ନ କୁମାର ସିଂହ ଚିନ୍ଦା ସମ୍ବର୍ଦ୍ଧିତ କରିଛନ୍ତି । ତିନି ମେଧାବୀ ଛାତ୍ରୀଙ୍କୁ ସିନାପାଲି ଅଂଚଳର ଗୌରବ ବୋଲି ଅଭିହିତ କରିବା ସହ ପରିଷଦ ତରଫରୁ ସେମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରାଯାଇଥିଲା କ୍ଷ ଆବଶ୍ୟକ ପରିଶ୍ରମ ଦ୍ୱାରା ସଫଳତାର ସ୍ୱାଦକୁ ଚାଖି ହୁଏ ବୋଲି ଏ ଅବସରରେ ମେଧାବୀ ଛାତ୍ରୀମାନେ ମତ ବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ଅଭିଭାବକ ରବିଂଦ୍ର କୁଣ୍ଡ୍ରୁ,ମିନତୀ କୁଣ୍ଡ୍ରୁ,କ୍ଷିରସିନ୍ଧୁ ମେହେର, କିଶୋର ମେହେର ପ୍ରମୁଖ ଉପସ୍ଥିତ ଥିଲେ ।

## ରାମକୃଷ୍ଣ ମିଶନ ତରଫରୁ ଚକ୍ଷୁ ଚିକିତ୍ସା ଶିବିର



ରଣପୁର, ୧୮ (ନି.ପ୍ର.) : ବ୍ୟୁରୋ: : ଆଜି ରଣପୁର ବି. ସି. ହାଇସ୍କୁଲ ପରିସରରେ ଭୁବନେଶ୍ୱର ରାମକୃଷ୍ଣ ମିଶନ ତରଫରୁ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏହି ଚିକିତ୍ସା ଶିବିରରେ ବହୁ ଦୂରଦୂରାନ୍ତରରୁ ଲୋକମାନେ ଆସି ସେମାନଙ୍କର ଚକ୍ଷୁ ପରୀକ୍ଷା କରାଇ ଥିଲେ । ଏହି ଶିବିରରେ ମୋଟ ୧୧୩ ଜଣଙ୍କର ଚକ୍ଷୁ ପରୀକ୍ଷା କରାଯଇଥିବା ବେଳେ ୨୬ ଜଣଙ୍କର ମୋତିଆ ବିନ୍ଦୁ ଅପରସେନ କରାଯିବ ବୋଲି ଡାକ୍ତର ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଡାକ୍ତର ହରି ଶଙ୍କର ପାତ୍ର, ସ୍ୱାମୀ ଅଦ୍ୱୟା ନନ୍ଦ ମହାରାଜ, ସୋମ୍ୟା ସୁରଭି ସାହୁ ଯୋଗ ଦେଇ ଲୋକମାନଙ୍କର ଚକ୍ଷୁ ପରୀକ୍ଷା କରିଥିଲେ । ଏହି କାର୍ଯ୍ୟକ୍ରମ ୧୯୯୫ ବ୍ୟାଚର ସମସ୍ତ ପୁରାତନ ଛାତ୍ରଛାତ୍ରୀଙ୍କ ସହଯୋଗରେ କରାଯାଇଥିଲା ।

## କାହାକୁ କହିବୁ,କିଏ କରିବ ? ନାହିଁ ନାହିଁରେ ଚାଲିଛି ସରକାରୀ କାମ,ଲୋକେ ହନ୍ତସନ୍ତ

ବରଗଡ଼:୧୮ (ନି.ପ୍ର.) : ବ୍ୟୁରୋ:କାହାକୁ କହିବୁ,କିଏ କରିବ ? ଯାହା ଆମେ କହୁନାହୁଁ ଲୋକ କହୁଛନ୍ତି,ଜଣେ ଆସିଲା କରିଦେଇ ଗଲା,ଆଉ ଜଣେ ଆସିଲା ଖୋଲି ଦେଇ ପରିତ୍ୟକ୍ତ ଅବସ୍ଥା ରେ ପକାଇ ଦେଇଗଲା . ଆମେ କହୁଛୁ ସେଇ ଆର୍ ଡି ରାସ୍ତା ର କଥା . ଯାହା ଅଳ୍ପ କିଛି ଦିନ ପୂର୍ବରୁ ବରଗଡ ଜିଲ୍ଲା ଅତାବିରା ବ୍ଲକ ଚକୁଳି ପଞ୍ଚାୟତ ଅନ୍ତର୍ଗତ ସରଣ୍ଡା ବିଶ୍ୱେଶ୍ୱର୍ ବାବା ମହାଦେବ ମନ୍ଦିର ଛକ ଭୁଲିଆ ଛକ ଭାବେ ବେଶ୍ ପରିଚିତ ଥିବା ଏନ୍ ଏଚ ୫୩ ରୁ ଜାଙ୍ଗେଡ ଆର୍ ଡି ରାସ୍ତା ଲୋକଙ୍କ ଗମନାଗମନ ପାଇଁ କୋଟି କୋଟି ଟଙ୍କା ବ୍ୟୟ ଅଟକଳ ରେ ନିର୍ମାଣାଧୀନ ଅବସ୍ଥାରେ ରହିଥିବା ବେଳେ ନୂଆଁ ଛକ ରୁ ପୁରୁଣା ଛକ ଦେଇ ପିଚୁ କାମ ସଂପୂର୍ଣ୍ଣ ହୋଇ ଯାଇଥିଲା . ହେଲେ କାର୍ଯ୍ୟ କରିବାରେ କିଛି ଭୁଲ ଥିଲା ବୋଧେ . ଯାହା ଗୋଟିଏ ବିଭାଗ ମଧ୍ୟରେ ତାଳ ମେଳ ରହୁ ନଥିବା ଯୋଗୁଁ ନବ ନିର୍ମିତ ରାସ୍ତା ରେ ଲୋକେ ଯିବାଆସିବା ରେ ଦହଗଞ୍ଜ ହେବାକୁ ପଡୁଛି ବୋଲି ବୁଦ୍ଧିଜିବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି . ଜଣେ କରୁଛି ଆଉ ଜଣେ ଅଳ୍ପ ସମୟ ବ୍ୟବଧାନ ରେ ଖୋଲି ପକାଇ କେଉଁଠି ସିମେଣ୍ଟ ଅତଡା ତ ଆଉ ପିଚୁ ଓ ମାଟି ଗୁଡ଼ିକୁ ଏଣେ ତେଣେ ପକାଇ ରଖିଛି . ହେଲେ ପୋତିବ କିଏ କାହାରିକୁ ଜଣା ନାହିଁ . ଯାହାର ଉଦାହରଣ ସ୍ୱରୂପ ଏହି ରାସ୍ତା ଟି ଆର୍ ଡି ବିଭାଗ ଅଧିନ ରେ କାର୍ଯ୍ୟ ହେଉଥିବା ବେଳେ କରାଯାଇଥିବା ପିଚୁ ରାସ୍ତା କୁ ପାନୀୟ ଜଳ ସକାଶେ ଆସିଥିବା ଚାରୋଟି ବ୍ଲକ ଓ ଗୋଟିଏ



ପଞ୍ଚାୟତ ପାଇଁ ପାଖାପାଖି ୪୮୨କୋଟି ଟଙ୍କା ଅନୁଦାନ ରେ ମେଗା ଜଳ ପ୍ରକଳ୍ପ ର ପାଇପ ବିଛାଇ ବାକୁ ଯାଇ ଆର୍ ଡବ୍ଲୁ ବିଭାଗ ଅଧିନରେ ଏଲ ଏଣ୍ଡ ଟି ଠିକା ସଂସ୍ଥା ଦ୍ୱାରା ନବ ନିର୍ମିତ ରାସ୍ତା ର ପିଚୁ ରାସ୍ତା କୁ ଖୋଲି ପକେଇ ମନମାନି ଭାବେ ରାସ୍ତାକୁ ପରିତ୍ୟକ୍ତ ଅବସ୍ଥାରେ ଛାଡ଼ି ଦିଆଯାଇଛି ଯାହା ଏବେ କିଛି ରାସ୍ତା ଆରମ୍ଭ ରୁ କିଛି ଅଂଶ ମାଟି ରାସ୍ତାରେ ପରିଣତ ହୋଇ ବର୍ଷା ଦିନରେ ଅଞ୍ଚଳ ବାସୀ ଙ୍କ ମୁଣ୍ଡ ବ୍ୟଥା ର କାରଣ ହୋଇଛି . ରାତି ପାହିଲେ ହଜାର ହଜାର ଗାଡ଼ି ମଟର ସହ ସ୍କୁଲ ପିଲା ତଥା ଲୋକେ ଏହି ପାଣି କାଦୁଅ ରାସ୍ତାରେ ଯାତାୟତ କରି ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବା ସହ ଛୋଟ ମୋଟ ଦୁର୍ଘଟଣା ର ଶିକାର ହେଉଥିବା ବେଶ୍ ନଜିର ରହିଛି . ସେହିପରି ସମଲେଶ୍ୱରୀ ରାଇସ ମିଲ ନିକଟରେ ପୁରୁଣା ରାସ୍ତା କୁ ଖୋଲି ଦେଇ ପରିତ୍ୟକ୍ତ ଅବସ୍ଥାରେ ପକାଇ ରଖିଥିବା ଯୋଗୁଁ ଲୋକଙ୍କ ଯାତାୟାତ ଠପ୍ ହୋଇ ପଡ଼ିଛି . ତେବେ ଏଠି ପ୍ରଶ୍ନ ଉଠୁଛି ଯେ କିଭଳି ଭାବରେ ଲୋକଙ୍କ ସୁବିଧା ସୁଯୋଗ ପାଇଁ କୋଟି କୋଟି ଟଙ୍କା ଅର୍ଥ ଅନୁଦାନ ରେ ରାସ୍ତା ଘାଟ,ପାନୀୟ ଜଳ କାର୍ଯ୍ୟ ରେ ବିଭାଗ,ବିଭାଗ ମଧ୍ୟରେ ସାମଞ୍ଜସ୍ୟ ରହୁ ନଥିବା ରୁ ଅଞ୍ଚଳରେ ଏହି ଦଶା ଭୋଗିବାକୁ ପଡୁଛି ବୋଲି ସାଧାରଣ ରେ ବେଶ୍ ଚର୍ଚ୍ଚା ହେଉଛି . ସେହିପରି ଅତାବିରା ଅଞ୍ଚଳରେ ତାହା ନୂଆଁ କଥା ନୁହଁ . ଅତାବିରା ଅଞ୍ଚଳରେ ରାସ୍ତା ଉପରେ ରାସ୍ତା କାର୍ଯ୍ୟ ହେବା ସହ ସହରାଞ୍ଚଳ ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଚାରିଆଡ଼େ ପାନୀୟ ଜଳ ସକାଶେ ପାଇପ ବିଛାଇ ବାକୁ ଯାଇ ପିଚୁ ଓ କଂକ୍ରିଟ ରାସ୍ତା ତଥା ରାସ୍ତା କଡ ଖୋଲି ଦେଇ ଅନେକ ସ୍ଥାନରେ ଦୀର୍ଘ ଦିନ ଧରି ପରିତ୍ୟକ୍ତ ଅବସ୍ଥାରେ ପକାଇ ଛାଡ଼ି ଦିଆଯାଉଛି . ଯଦ୍ୱାରା ସ୍କୁଲ ପିଲା ଯିବାଆସିବା ରେ ସୁରକ୍ଷିତ ମଣୁ ନାହାନ୍ତି . ତେବେ 'ସରକାରୀ ବ୍ୟବସ୍ଥା ରେ ଅବ୍ୟବସ୍ଥା' ଦେଖିବାକୁ ମିଳୁଛି . କେବଳ ସେତିକି ନୁହେଁ ଅନେକ ରାସ୍ତା ରେ ରାତି ଅଧିଆ କାର୍ଯ୍ୟ କରାଯାଇ ସେହି ରାସ୍ତା ରେ ବାରମ୍ବାର କାର୍ଯ୍ୟ ହେଉଥିବା ବେଳେ ଆବଶ୍ୟକ ସ୍ଥଳେ ରାସ୍ତା ତିଆରି ହୋଇ ନପାରି ରାସ୍ତା ଗୁଡ଼ିକ ଦୁର୍ଘଟଣା କୁ ଆମନ୍ତ୍ରଣ କରୁଛି ତ ଆଉ କେଉଁଠି ରାସ୍ତା କଡ଼ରେ ବର୍ଷା ପୂର୍ବରୁ ମାଟି ମୁଠିଏ ପଡ଼ି ନପାରି ଖାଲଖମା ସହ ଆଣ୍ଠୁଏଁ ଲେଖାଏଁ ପାଣି କାଦୁଅ ପରିପୂର୍ଣ୍ଣ ହୋଇ ଆମ କଥା ତ ତେଣିକି ଥାଉ ରାସ୍ତା ରେ ଯମ ଯିବାକୁ ଲାଗିଛି ବୋଲି ଲୋକେ କହନ୍ତି . ତେବେ ଏଥିପ୍ରତି ତୁରନ୍ତ ଉଚ୍ଚ କର୍ତ୍ତୃପକ୍ଷ ତଥା ବରଗଡ଼ ଜିଲ୍ଲାପାଳ ଦୃଷ୍ଟି ପରିତ୍ୟକ୍ତ ଅବସ୍ଥାରେ ପକାଇ ରଖିଥିବା ସହରାଞ୍ଚଳ ତଥା ଗ୍ରାମାଞ୍ଚଳ ର ରାସ୍ତା ଗୁଡ଼ିକୁ ଠିକ୍ କରିବା ପାଇଁ ସାଧାରଣ ରେ ଦାବି ହେଉଛି ।

## ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦିଙ୍କ ପାଇଁ ଜଗନ୍ନାଥ ମନ୍ଦିରରେ ଦ୍ୱୀପ ଦାନ




ରଣପୁର, ୧୮ (ନି.ପ୍ର.) : ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦ ମୁର୍ମୁଙ୍କ ବିଜୟ ପାଇଁ ଆଜି ରଣପୁର ବିଜେପି ତରଫରୁ ରଣପୁର ଜଗନ୍ନାଥ ମନ୍ଦିରସମ୍ମୁଖରେ ଏକ ଦ୍ୱୀପ ଦାନ କାର୍ଯ୍ୟକ୍ରମ କରାଯାଇଥିଲା । ପୂର୍ବାହ୍ନରେ ବିଜେପି କର୍ମୀମାନେ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଏକତ୍ରିତ ହୋଇଥିଲେ । ପରେ ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦ ମୁର୍ମୁଙ୍କ ବିଜୟ ପାଇଁ ଦ୍ୱୀପ ଦାନ କରାଯାଇଥିଲା । ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ଜଣେ ଓଡିଆ ଆଦିବାସୀ ମହିଳାଙ୍କୁ ଭାରତର ରାଷ୍ଟ୍ରପତି ଭାବେ ଏନ.ଡି.ଏ. ତରଫରୁ ପ୍ରାର୍ଥୀ କରିଥିବାରୁ ତାଙ୍କୁ ସମଗ୍ର ଓଡିଶାବାସୀଙ୍କ ତରଫରୁ ଧନ୍ୟବାଦ ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ପୂର୍ବତନ ସମବାୟ ମନ୍ତ୍ରୀ ସୁରମା ପାଢୀ, ଗୋପାଳପୁର ଜିଲ୍ଲା ପରିଷଦ ସଭ୍ୟ ଲକ୍ଷ୍ମୀପ୍ରିୟା ତରେଇ, ବିଜେପି ଜିଲ୍ଲା ଉପସଭାପତି ପରେଶ ମିଶ୍ର, ଅଭିଷେକ ସାମନ୍ତରାୟ, ରଣପୁର ଏନ.ଏ.ସି. ର ନବ ନିର୍ବାଚିତ କାଉନସିଲର ଓ ସମସ୍ତ ବିଜେପି କର୍ମୀମାନେ ଯୋଗ ଦେଇଥିଲେ ।

# ଦୋବଲ ବସଷ୍ଟାଣ୍ଡ ଜବରଦଖଲ ଘଟଣାର ଅଭିଯୋଗକାରୀଙ୍କୁ ହତ୍ୟା ଧମକ



ଭଦ୍ରକ, ୧୮ (ନି.ପ୍ର.) : - ଭଦ୍ରକ ଜିଲା ଧାମନଗର ଥାନା ଅନ୍ତର୍ଗତ ମୁସ୍ତଫାପୁର ମୌଜାର ଦୋବଲ ବସଷ୍ଟାଣ୍ଡ ଥିବାବେଳେ ତାର କିଛିପାର୍ଶ୍ୱରେ ଜବରଦଖଲ କାରୀମାନେ ଜବରଦଖଲ କରିବା ସହ ବସଷ୍ଟାଣ୍ଡରେ ବେଆଇନ୍ ଭାବରେ ଟ୍ରକ୍, ଟ୍ରାକ୍ଟର, ପିକଅପ୍ ଓ ଉଠା ଫଳଦୋକାନ ମାନେ ଜୋର ଜବରଦସ୍ତ ଷ୍ଟାଣ୍ଡରେ ରଖୁଥିବାବେଳେ ବସ ରହଣି ବେଳେ ବିଭିନ୍ନ ଅସୁବିଧାର ସମ୍ମୁଖିନ ହୋଇଥାଏ। ଏନେଇ ବାରମ୍ବାର ଅଭିଯୋଗ କଲେ ସୁଦ୍ଧା ପ୍ରଶାସନ ଦୀର୍ଘବର୍ଷ ହେବ କୌଣସି ପଦକ୍ଷେପ ଗ୍ରହଣ କରୁନଥିଲେ। ଚଳିତ ମାସ ୧୧ତାରିଖ ଦିନ ଧାମନଗର ଠାରେ ଜିଲ୍ଲାପାଳଙ୍କ ଜନସୁଣାଣି କାର୍ଯ୍ୟକ୍ରମରେ ଦୋବଲ ନିକଟସ୍ଥ କାଞ୍ଜିଆପାଳର ଯୁବନେତା ତଥା ସମାଜସେବୀ ମଦନମୋହନ ଦାସ ଏନେଇ ଜିଲ୍ଲାପାଳଙ୍କ ନିକଟରେ ଦୋବଲ ବସଷ୍ଟାଣ୍ଡ ଜବରଦଖଲ ସମ୍ପର୍କରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିି କରି ତୁରନ୍ତ ଦୋବଲ ବସଷ୍ଟାଣ୍ଡକୁ ଜବରଦଖଲ ମୁକ୍ତ କରିବାପାଇଁ ଜିଲ୍ଲାପାଳ ସ୍ଥାନୀୟ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିବାବେଳେ ଜବରଦଖଲ କାରୀମାନେ ଭୟଭିତ ହୋଇଥିଲେ ଏବଂ ଏ ସମ୍ପର୍କରେ ମଧ ବିଭିନ୍ନ ଗଣମାଧମରେ ଖବର ପ୍ରକାଶନ ହୋଇଥିଲା। ତେବେ ଆଜି ଅଭିଯୋଗ କରିଥିବା ସମାଜସେବୀ ମଦନମୋହନ ଦାସଙ୍କୁ ଦୋବଲ (ମୁସ୍ତଫାପୁର) ଅଂଚଳର ଓଲି ମହମ୍ମଦ ପିତା ସେକ୍ ଆବିଦ୍ ଦୋବଲ ବସଷ୍ଟାଣ୍ଡ ନିକଟରେ ଗାଳିମନ୍ଦ କରିବା ସହ ବସଷ୍ଟାଣ୍ଡ ପାଇଁ ଅଧିକ ମୁଣ୍ଡପୁରାଇଲେ ଜିବନରୁ ମାରିଦେବାପାଇଁ ଧମକ ଦେଇଥିଲେ ଏବଂ ସ୍ଥାନୀୟ ଲୋକମାନେ ଏହି ଘଟଣାକୁ ବିରୋଧ କରିବାପରେ ଓଲି ସେଠାରୁ ପଳାଇଥିଲା। ପରେ ଶ୍ରୀ ଦାସ ଧାମନଗର ଥାନାରେ ଅଭିଯୋଗ କରିବା ପରେ ଥାନା ଅଧିକାରୀ ବନମାଳି ବାରିକ ଘଟଣା ସ୍ଥଳରେ ପହଂଚିବାବେଳେ ଅଭିଯୁକ୍ତ ସେଠାରୁ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଅଂଚଳରେ ମୃଦ୍ୟୁ ଉତ୍ତେଜନା ଥିବାରୁ ପୋଲିସ ପକ୍ଷରୁ ପେଟ୍ରୋଲିଂ କଡ଼ାକଡ଼ି କରାଯାଇଛି।

# ତାମିଲନାଡୁରେ ବିକ୍ରି ହୋଇଛି ପୁଅ





ବଲାଙ୍ଗିର ୧୮ (ନି.ପ୍ର.) : : 'ଆଜ୍ଞା ମୋ କଥା ଟିକିଏ ଶୁଣନ୍ତୁ । ମୋ ଭେଣ୍ଡିଆ ପୁଅକୁ ଉଦ୍ଧାର କରନ୍ତୁ । ପେଟ ପାଇଁ ଦାଦନ ଖଟିବାକୁ ଯାଇ ମୋ ପୁଅ ଆଉ ଘରକୁ ଫେରିନି । ତାକୁ ବାହାର ରାଜ୍ୟରେ ବିକ୍ରି କରି ଦେଇଛନ୍ତି ।' କାନ୍ଦି କାନ୍ଦି ଜଣେ ମହିଳା ଆଜି ବଲାଙ୍ଗିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଯାହାକୁ ଦେଖୁଥିଲେ ଏମିତି ଗୁହାରି କରୁଥିଲେ। ଏହି ମହିଳାଙ୍କ ଘର ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ ଆମଦର୍ହ ଗାଁରେ। ତାଙ୍କ ନାଁ ଅପୁଚ୍ଛା ବରିହା। ତାଙ୍କ ୨୫ ବର୍ଷର ପୁଅ ଠଣସୁନ୍ଦର ବରିଗା ୬ ମାସ ତଳେ କାମ କରି ପରିବାର ଚଳାଇବା ଆଶାରେ ତାମିଲନାଡୁ ଯାଇଥିଲେ। ସେଠାରେ ଜଣେ ଦାଦନ ସର୍ଦ୍ଦାର ଅଧିକ ଟଙ୍କା ପାଉଣା ମିଳିବ କହି, ତାଙ୍କୁ ତିରପୁର ଠାରୁ ୧୫୦ କିଲୋମିଟର ଦୂର ଅଧୁର ଠାରେ ଥିବା ଏକ ଇଟା ଭାଟିରେ କାମ ଦେଇଥିଲା। ଠଣସୁନ୍ଦର ସହିତ ଅନ୍ୟ ଦୁଇଜଣଙ୍କୁ ମଧ ସେଠାରେ କାମରେ ନିୟୋଜିତ କରାଯାଇଥିଲା। କାମ କରିବାର କିଛିଦିନ ପରେ ହଠାତ୍ ଇଟାଭାଟି ମାଲିକ ଠଣସୁନ୍ଦର ଓ ଅନ୍ୟ ଦୁଇ ବ୍ୟକ୍ତିଙ୍କ ମୋବାଇଲ ଫୋନ ଏବଂ ଆଧାର କାର୍ଡ ନେଇ ଯାଇଥିଲେ। ଏହା ପରେ ଜୋରଜବରଦସ୍ତ ଦିନରାତି କାମ କରାଇଥିଲା। ଇଟାଭାଟି ମାଲିକର ନିର୍ଯାତନା ସହି ନପାରି ଠଣସୁନ୍ଦର ସହ କାମ କରୁଥିବା ଦୁଇଜଣ ବ୍ୟକ୍ତି କୌଶଳ କ୍ରମେ ସେଠାରୁ ଖସି ପଳାଇଥିଲେ। ସେଠାରୁ ଖସି ଆସିଥିବା ଯୁବକମାନେ ଆମଦର୍ହ ଗାଁକୁ ଆସି ଠଣସୁନ୍ଦର ସଂପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ। ଠଣସୁନ୍ଦର ଇଟାଭାଟିରେ ଫସି ରହିଥିବା ସେମାନେ ସୂଚନା ଦେଇଥିଲେ। ତାଙ୍କୁ ଦାଦନ ସର୍ଦ୍ଦାର ଇଟାଭାଟି ମାଲିକ ନିକଟରେ ବିକ୍ରି କରିଦେଇଥିବା ସେମାନେ କହିଥିଲେ। ଏହା ଜାଣିବା ପରେ ଅପୁଚ୍ଛା ବ୍ଲକ କାର୍ଯ୍ୟାଳୟ ଓ ଥାନାରେ ବାରମ୍ବାର ଏନେଇ ଜଣାଇ ପୁଅକୁ ଉଦ୍ଧାର କରିବା ନିମନ୍ତେ ନିବେଦନ କରିଛନ୍ତି। ହେଲେ ନିରାଶ ହୋଇ ଶେଷରେ ଆଜି ବଲାଙ୍ଗିର ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଏହି ଦୁଃଖିନୀ ମାଆ ବଲାଙ୍ଗିର ଶ୍ରମ କାର୍ଯ୍ୟାଳୟକୁ ଯାଇ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ଜିଲ୍ଲା ଶ୍ରମ ଅଧିକାରୀ ସୁକାନ୍ତ ସେଠୀ।

## ତେଲନଦୀ କୂଳରୁ ଅବସରପ୍ରାପ୍ତ ଶିକ୍ଷକଙ୍କ ଗଳିତ ମୃତଦେହ ଉଦ୍ଧାର

ଗୋଲାମୁଣ୍ଡା, ୧୮ ଜୁଲାଇ (ହି.ସ.)- ଗତକାଲି ରାତ୍ର ସମୟରେ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଗୁଣ୍ଡୁରୀ ଗ୍ରାମ ତେଲ ନଦୀ କୂଳରୁ ଜଣେ ବୃଦ୍ଧଙ୍କ ଗଳିତ ମୃତଦେହ ଉଦ୍ଧାର ହୋଇଛି । ମୃତକ ଜଣକ ଦଶପୁର ଫାଣ୍ଡି ଫରଙ୍ଗ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଗଜେନ୍ଦ୍ର ଭୋଇଙ୍କର ବୋଲି ତାଙ୍କ ପରିବାର ଲୋକ ଚିହ୍ନଟ କରିଛନ୍ତି । ଏନେଇ ପରିବାର ଲୋକେ କେଗାଁ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଘଟଣାସ୍ଥଳରେ ଥାନା ଏସଆଇ ଲିଙ୍ଗରାଜ ହାଁସଦା ପହଂଚି ଶବ ଜବତ କରିଥିଲେ । ଥାନା କେସ ନମ୍ବର ୧୧/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛନ୍ତି । ଶବଟି ଗଳିତ ଅବସ୍ଥାରେ ଥିବାରୁ ଘଟଣାସ୍ଥଳକୁ ଡାକ୍ତରୀ ଟିମ୍ ଆସି ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଥିବା ଜଣାଯାଏ ।

## ସ୍କୁଟିରେ ଆସି ନାବାଳକକୁ ଉଠାଇ ନେଲେ ଦୁଇ ଯୁବତୀ

ବଲାଙ୍ଗିର/ପାଟଣାଗଡ଼ ୧୮ (ନି.ପ୍ର.) : ହୋସ୍ ଆସିଯିବାରୁ ବଞ୍ଚି ଯାଇଛି ନାବାଳକଙ୍କ ଜୀବନ। ତାଙ୍କୁ ସ୍କୁଟିରେ ଉଠାଇ ନେଉଥିଲେ ଦୁଇ ଯୁବତୀ। ଆଜି ବଲାଙ୍ଗିର ଜିଲ୍ଲା ପାଟଣାଗଡ ଟିକ୍ରାପଡା ଥାନା ଦେଓଗାଁରେ ଘଟିଛି ଏହି ଘଟଣା। ସୂଚନା ମୁତାବକ, ଅପରାହ୍ନ ୩ ଟା। ଦେଓଗାଁ ରାସ୍ତା ପାର୍ଶ୍ୱ ଚାଷ ଜମି ନିକଟରେ ଅଟକିଲା ସ୍କୁଟି। ସ୍କୁଟିରେ ବସିଥିଲେ ଦୁଇ ଯୁବତୀ। ସେମାନେ ଏହି ଚାଷ ଜମି ନିକଟରେ ଖେଳୁଥିବା ୧୧ ବର୍ଷୀୟ ନାବାଳକକୁ କୌଶଳ କରି ପାଖକୁ ଡାକିଲେ। ତାକୁ ଚକୋଲେଟ୍ ଖାଇବାକୁ ଦେଲେ। ସେ ବେହୋସ ହୋଇ ପଡ଼ିବାରୁ ତାକୁ ସ୍କୁଟିରେ ଧରି ଛୁ ମାରିଲେ। ଏହି ଘଟଣାକୁ ଦୂରରୁ ଦେଖି କିଛି ଲୋକ ଧର ଧର କହି ଯୁବତୀଙ୍କ ପିଛା କରିଥିଲେ। ହେଲେ ଲୋକଙ୍କୁ ଚକମା ଦେଇ ଦୁଇ ଯୁବତୀ ବେଲପଡ଼ା ରାସ୍ତାରେ ଯାଉଥିଲେ। କିନ୍ତୁ ଅଚାନକ ନାବାଳକର ହୋସ ଆସିବାରୁ ସେ ଚିତ୍କାର ଛାଡ଼ିଥିଲା। ଏହା ଦେଖି ବାଟରେ ଯାଉଥିବା ବାଟୋଇ ମାନେ ବାଇକ୍ ଯୋଗେ ଏହି ଯୁବତୀଙ୍କ ପିଛା କରିଥିଲେ। ଶେଷରେ ଅନ୍ୟ ଉପାୟ ନ ପାଇ କିଛି ବାଟରେ ଏହି ଦୁଇ ଯୁବତୀ ନାବାଳକକୁ ରାସ୍ତା ପାର୍ଶ୍ୱ ଏକ ବିଲକୁ ଫୋପାଡ଼ି ଦେଇ ପଳାଇଥିଲେ। ନାବାଳକକୁ ବେଲପଡ଼ା ସହର ନିକଟ ରାସ୍ତା ପାର୍ଶ୍ୱରୁ ଉଦ୍ଧାର କରାଯାଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ଲୋକେ ଉଦ୍ଧାର କରି ବେଲପଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାକୁ ପାଟଣାଗଡ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ନାବାଳକର ବାପା ଅନାବ ପୁଟେଲ ଦେଇଥିବା ଅଭିଯୋଗ କ୍ରମେ ବଲପଡ଼ା ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଯୁବତୀମାନେ ହିନ୍ଦିରେ କଥାବାର୍ତ୍ତା କରୁଥିବା ନାବାଳକ ଜଣକ କହିଛି। ତେଣୁ ସେମାନେ ବାହାର ରାଜ୍ୟର ହୋଇଥିବା ଅନୁମାନ କରାଯାଉଛି।

# କେନ୍ଦୁଝରରେ ପାଳନ ହେଲା ବିଶ୍ୱ ଯୁବ ତା ଦିବସ



କେନ୍ଦୁଝର , ୧୮ (ନି.ପ୍ର.) : ଶନିବାର ଦିନ ତା ବିକାଶ ଅନୁଷ୍ଠାନ ବୋଦାପଳସା ଠାରେ ଜିଲ୍ଲା ନିୟୋଜିନ କାର୍ଯ୍ୟାଳୟ ର ମଡେଲ କ୍ୟାରିଅର ସେଟଂର ଆନୁକୂଲ୍ୟରେ ଗ୍ରାମତରଙ୍ଗ ଏମ୍ପଲୟବିଲଟି ପ୍ରଶିକ୍ଷଣ ସହେଯାଗୀ ସହେଯାଗରେ ବିଶ୍ୱ ଯୁବ ତା ଦିବସ ପାଳିତ ହୋଇଛି । ଏଥିରେ ଚନ୍ଦ୍ର ଶେଖର ଉଚ୍ଚ ବିଦ୍ୟାଳୟ , ସନ୍ତୋଷୀ ମା ଉଚ୍ଚ ବିଦ୍ୟାଳୟ , ସନ୍ତୋଷୀ ମା ଆଚଂଳିକ ହାୟର ସେକେଣ୍ଡାରୀ ଉଚ୍ଚ ବିଦ୍ୟାଳୟ , ଝାଡବେଲଦା , ବଡହଳ ଉଚ୍ଚ ବିଦ୍ୟାଳୟ , ମନୋଜ ମଞ୍ଜରୀ ଶିଶୁ ଭବନ , ସଦ୍‌ଭାବନା ସ୍ପେଶାଲ ସ୍କୁଲ ନରଣପୁର , ବିଷ୍ଣୁପ୍ରିୟା ବାଲ ସେବା ସଦନ , ହାଟଡିହି , ଦିନ ଦୟାଲ ଉପାଧ୍ୟାୟ ତାଳିମ ପ୍ରତିଷ୍ଠାନ , ନରଣପୁର ଓ ୧୪ ବାଟାଲିଆନ ଏନ.ସି.ସି ଗ୍ରୁପ କ୍ୟାଡେଟ ସହ ପ୍ରାୟ ଦୁଇ ଶହରୁ ଉର୍ଦ୍ଧ ପ୍ରତିଯୋଗୀ ବିଶ୍ୱ ଯୁବ ତା ବିକାଶ ଦିବସରେ ଭାଗ ନେଇ ବିଭିନ୍ନ ପ୍ରକାର ତା ପ୍ରଦର୍ଶନ କରିଥିଲେ । ବିଶ୍ୱ ଯୁବ ତା ଦିବସ କର୍ମଶାଳାର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଶ୍ଚାର୍ଯ୍ୟ ଯୋଗଦାନ କରି ପ୍ରତିଯୋଗୀ ମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ ତା ହିଁ ବିକାଶର ମୂଳମନ୍ତ୍ର। ବିଭିନ୍ନ ସମୟରେ ଦେଖା ଦେଇଥିବା ସମସ୍ୟା ଗୁଡିକ ତା ବଳରେ ହିଁ ସମାଧାନ ହୋଇ ପାରିଛି ବୋଲି କହିଥିଲେ। ମଣିଷ ଯେତେ ହେବ ସେ ଦେଶର ସେତିକି ପ୍ରଗତି ଓ ବିକାଶ ହେବ । ତା ପ୍ରତିଯୋଗୀଙ୍କ ଦ୍ୱାରା ବିଭିନ୍ନ ପ୍ରକାର ର ତା ପ୍ରଦର୍ଶନ କରିଥିବା ଷ୍ଟଲ ଗୁଡିକୁ ବୁଲି ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିଥିଲେ । ଜିଲ୍ଲା ଶିକ୍ଷ କେନ୍ଦ୍ରର ସହ ପରିଚାଳକ ଛତିଶ କୁମାର ନାଏକ ପ୍ରତିଯୋଗୀ ମାନଙ୍କୁ ପ୍ରେରଣା ଦେଇଥିଲେ। ଧରଣୀଧର ସ୍ୱୟଂଶାସିତ ମହା ବିଦ୍ୟାଳୟ ପରିସରରେ ଥିବା ୧୪ ତମ ବାଟାବଲିଆନ ସମର ଶିକ୍ଷାର୍ଥୀ ବାହିନୀର କର୍ଣ୍ଣେଲ ଚନ୍ଦ୍ର ଶେଖର ରାଓ କାର୍ଯ୍ୟକ୍ରମରେ ଯୋଗଦାନ କରି ଛାତ୍ର ଛାତ୍ରୀମାନେ ସ୍କିଲ ( ତା) ବଳରେ ନିଜ ନିଜ ର ପରିଚୟ ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ । ନବ କିଶୋର ସେନାପତି ଶିକ୍ଷାବିତ ତଥା ସମାଜ ସେବୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସୁପରିଚାଳନାରେ ସହେଯୋଗ କରିଥିଲେ । ଜିଲ୍ଲା ନିୟୋଜିନ ଅଧିକାରୀ ତଥା ଆଦର୍ଶ ବୃତି ଚୟନ କେନ୍ଦ୍ରର ନୋଡାଲ ଅଧିକାରୀ ଗଣେଶ୍ୱର ନାଏକ ଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ବିଶ୍ୱ ଯୁବ ତା ଦିବସ ସୁଚାରୁରୂପେ ପାଳନ ହୋଇଥିଲା । ଏଥିରେ ଜିଲ୍ଲା ନିୟୋଜନ କାର୍ଯ୍ୟାଳୟର ମଡେଲ କ୍ୟାରିଅର ସେଟଂର ର ୟଙ୍ଗ ପ୍ରଫେସନାଲ ବିକାଶ ରଞ୍ଜନ ଦାସ , କାଉନସିଲର ଜ୍ଞାନ ରଞ୍ଜନ ମହାପାତ୍ର , ସାଇଫା ବେଗମ ଓ ଜିଲ୍ଲା ତା ସଂଯୋଜିକା ଇପସିତା ସାମଲ ମହାତ୍ମା ଗାନ୍ଧୀ ନେସନାଲ ଫେଲୋ ପୁଲକ ଚନ୍ଦନ ଜେନା ଙ୍କ ସହ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ । ଶେଷରେ ଜିଲ୍ଲା ନିୟୋଜନ ଅଧିକାରୀ ବିଶ୍ୱ ଯୁବ ତା ଦିବସ ଉପଲକ୍ଷେ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ସହ ମିଶି ପୁରସ୍କୃତ କରିବା ସହ ପ୍ରମାଣପତ୍ର ପ୍ରଦାନ କରିଥିଲେ ।

# ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟରେ ଅଲଟ୍ରାସାଉଣ୍ଡ ସେବାର ଶୁଭାରମ୍ଭ

କନ୍ଧମାଳ ୧୮ ଜୁଲାଇ (ହି. ସ.) - କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟରେ ବହୁ ପ୍ରତିକ୍ଷୀତ ଅଲଟ୍ରାସାଉଣ୍ଡ ସେବା ର ଶୁଭାରମ୍ଭ ହୋଇଛି । ଜିଲ୍ଲାପାଳ ଙ୍କ ଆନ୍ତରିକତା ଯୋଗୁଁ ବର୍ଷ ବର୍ଷ ଧରି ଅଟକି ଥିବା ଅଲଟ୍ରା ସାଉଣ୍ଡ ର ଶୁଭାରମ୍ଭ ହୋଇପାରିଛି କ୍ଷ କନ୍ଧମାଳ ଜିଲ୍ଲା ରେ ଜିଲ୍ଲା ପାଳ ଆଶିଷ ଈଶ୍ୱର ପାଟିଲ ଓ ଜିଲ୍ଲା ପରିଷଦ ଅଧକ୍ଷା ନନ୍ଦିନୀ ମଳିକ ଙ୍କ ପ୍ରଚେଷ୍ଟା ଯୋଗୁଁ ଦାୟିତ୍ୱ ନେବାର ଦିନ କେଇଟା ମଧ୍ୟରେ ଜନ ସାଧାରଣ ଙ୍କ ଆବଶ୍ୟକତା କୁ ଉପଲବ୍ଧି କରିତୁରନ୍ତ ଅଲଟ୍ରା ସାଉଣ୍ଡ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ କ୍ଷଫଳରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଙ୍କ ନିର୍ଦ୍ଦେଶ କ୍ରମେ ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟରେ ସପ୍ତାହରେ ୬ ଦିନ ଗର୍ଭବତୀ ମହିଳାଙ୍କ ନିମନ୍ତେ ଅଲଟ୍ରାସାଉଣ୍ଡ ସେବା ଉପଲବ୍ଧ ହେବବୋଲି କୁହାଯାଇଛି । ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡାକ୍ତର ବିଜୟ କୁମାର ସୁର ଏବଂ ଡାକ୍ତର ଅରବିନ୍ଦ ଖୁଣ୍ଟିଆ ସପ୍ତାହରେ ତିନିଦିନ ଲେଖାଏଁ ସେବା ଯୋଗାଇବେ ।ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟରେ ଅଲଟ୍ରାସାଉଣ୍ଡ ମେସିନ ବହୁ ଦିନ ଧରି ପଡି ରହିଥିବା ସତ୍ତ୍ୱେ ସେବା ଉପଲବ୍ଧ ହୋଇପାରି ନଥିଲା। ଜିଲ୍ଲାପରିଷଦ ଅଧକ୍ଷା ନନ୍ଦିନୀ ମଳିକ ଆନ୍ତରିକ ଉଦ୍ୟମ ଓ ପ୍ରଶାସନସହଯୋଗ ରେ ଯୁଦ୍ଧ କାଳୀନ ଭିତ୍ତିରେ ଏହାର ପ୍ରତିଷ୍ଠା ସମ୍ଭବ ହୋଇପାରିଲା ।ସୂଚନାଯୋଗ୍ୟ ଯେ ପୂର୍ବରୁ ଅଲଟ୍ରା ସାଉଣ୍ଡ ପାଇଁ ରୋଗୀ ବ୍ରହ୍ମପୁର ଭଞ୍ଜନଗର ଭୁବନେଶ୍ୱର କଟକ ଯାଇ ଖର୍ଚ୍ଚାନ୍ତ ହେଉଥିଲା ଏବେ ହାତ ପାହାନ୍ତା ରେ ସୁବିଧା ଉପଲବ୍ଧ ହୋଇପାରି ଥିବାରୁ ବାଲିଗୁଡା ଉପଖଣ୍ଡବାସୀ ଜିଲ୍ଲା ପରିଷଦ ଅଧକ୍ଷା ନନ୍ଦିନୀ ମଳିକ ଓ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଦୃଢ଼ ଇଚ୍ଛାଶକ୍ତି ଓ କଠିନ ପରିଶ୍ରମ ସଫଳତାର ମୂଳମନ୍ତ୍ର

## ସୁବର୍ଣ୍ଣ ସମ୍ପର୍କ ପରିବାର ପକ୍ଷରୁ ଛବିବାଳା ମେଧାବୃତ୍ତି ସମ୍ମାନ



ବାଳିଆପାଳ , ୧୮ / ୭(ନି.ପ୍ର) ମାଟ୍ରିକରେ ସଫଳତା ହେଉଛି ଜୀବନର ପ୍ରଥମ ପାହାଚ । ଏହି ମଫଳତାକୁ ଆଗାମୀ ଦିନରେ ଦୋହରାଇବା ଉଚିତ କେବଳ ନିଜେ ସଫଳ ହେବା ଯଥେଷ୍ଟ ନୁହେଁ , ପିତାମାତା ଗୁରୁଜନଙ୍କୁ ସମ୍ମାନ ଦେବା ସହ ସମାଜ ଓ ଦେଶ ପାଇଁ ମଧ ଚିନ୍ତା କରିବାର ଆବଶ୍ୟକତା ରହିଛି ବୋଲି ମାଟ୍ରିକରେ ୯୫ ପ୍ରତିଶତରୁ ଅଧିକ ନମ୍ବର ରଖି ସଫଳତା ପାଇଥିବା ବାଲିଆପାଳ ବ୍ଲକର ସମସ୍ତ ଛାତ୍ରଛାତ୍ରୀ ସମେତ ଜଳେଶ୍ୱର , ବସ୍ତା ଓ ଭୋଗରାଇ ବ୍ଲକର ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ଛବିବାଳା ମେଧାବୃତି ସମ୍ମାନ ପୁରସ୍କାର ପ୍ରଦାନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶିଷ୍ଟ ସମାଜସେବା ରେବତୀ ପତ୍ରିକାର ସମ୍ପାଦିକା ମୁବାମିନୀ ଜେନା ମତବ୍ୟକ୍ତ କରିଥିଲେ । ଛକସ୍ଥିତ କହ୍ନେୟା ହୋଟେଲ ଓ ରେଷ୍ଟୋରାଁ ପରିସରରେ ଆୟୋଜିତ ଏହି ସମ୍ବର୍ଦ୍ଧନା ଉତ୍ସବରେ ସୁବର୍ଣ୍ଣ ସର୍ମକର ପ୍ରତିଷ୍ଠାତା ପ୍ରଫେସର ଡ . ମୃତ୍ୟୁଞ୍ଜୟ ପଣ୍ଡା ଅଧକ୍ଷତା କରି ସୁବର୍ଣ୍ଣ ସମ୍ପର୍କର ଗଠନ ଏବଂ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ ସୁବର୍ଣ୍ଣ ସମ୍ପର୍କର ଆବାହକ ତଥା ସମାଜସେବୀ ସଞ୍ଜୟ ପାତ୍ର ସ୍ୱାଗତ ଅଭିଭାଷଣରେ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ସୂଚନା ଦେଇ ଏହି ଟ୍ରଷ୍ଟ ବିଶିଷ୍ଟ ହୃଦରୋଗ ବିଶେଷଜ୍ଞ ଡା , ଦେବରାଜ ଦାସଙ୍କ ଦିବଙ୍ଗତ ମାତା ଛବିବାଳା ଦାସଙ୍କ ସ୍ମୃତିରେ ଗଠନ କରାଯାଇ ଗରିବ ଓ ମେଧାବୀ ଛାତ୍ରଛାତ୍ରୀଙ୍କୁ ଉଚ୍ଚ ଶିକ୍ଷାପାଇଁ ସହାୟତା ପ୍ରଦାନ ସାଙ୍ଗକୁ କୃତୀ ଛାତ୍ର ଓ ଶିକ୍ଷକଙ୍କୁ ଗତ ୬ବର୍ଷ ହେଲା ଛବିବାଳା ମେର ସମ୍ବର୍ଦ୍ଧିତ କରି ଆସୁଥିବା କହିଥିଲେ । ଏଥି ସହିତ ପର୍ଯ୍ୟାୟକ୍ରମେ ବାଲିଆପାଳ ବ୍ଲକର ସମସ୍ତ ବିଦ୍ୟାଳୟରେ ସ୍ବଚ୍ଛ ପାନୀୟ ଜଳ ଯୋଗାଇବା ଲକ୍ଷ୍ୟରେ ଆକ୍ୱାଗାର୍ଡ ଲଗାଇବା ବ୍ୟବସ୍ଥା କରାଯାଉଥିବା କହିଥିଲେ । ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ ଗୋପବନ୍ଧୁ ମଲ୍ଲିକ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ କହିଥିଲେ ଯେ , ନୂଆ କିଛି କରିବାକୁ ସ୍ୱପ୍ନ ସମ୍ମାନ - ୨୦୨୨ ଦେଖି । କେବଳ ସ୍ୱପ୍ନ ଦେଖିଲେ ହେବ ନାହିଁ , ତାକୁ ସାକାର ମଧ କରିବାକୁ ହେବ ଦୃଢ଼ ଇଚ୍ଛାଶକ୍ତି ଓ କଠିନ ପରିଶ୍ରମ ସଫଳତାର ମୂଳମନ୍ତ୍ର ବୋଲି ସେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆପୋଲୋ ହସ୍ପିଟାଲର ବରିଷ୍ଠ ହୃଦରୋଗ ବିଶେଷଜ୍ଞ ଡା . ବ୍ରଜରାଜ ଦାସ ଯୋଗଦେଇ ଆନ୍ଧାନକୁ ସାମ୍ନା କର , ପିତାମାତା ଓ ଈଶ୍ୱରଙ୍କୁ ଭକ୍ତି କଲେ ସଫଳତା ନିଶ୍ଚୟ ମିଳିବ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ତହସିଲଦାର ଦୀପକ କୁମାର ଦାସ , ଅତିରିକ୍ତ ମୁଖ୍ୟଯନ୍ତ୍ର । ଅଚ୍ୟୁତାନନ୍ଦ ଦାସ , ବାଲିଆପାଳ ବରିଷ୍ଠ ନାଗରିକ ପରିଷଦର ସଭାପତି ନାରାୟଣ ପ୍ରସାଦ ସାହୁ , ବାଘାଯତୀନ ସ୍ମୃତି ପରିଷଦର ସଭାପତି ଅରବିନ୍ଦ ବେହେରା , ସମାଜସେବୀ ମନ୍ମଥ ପାତ୍ର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ଛାତ୍ରଛାତ୍ରୀଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଏହି ଅବସରରେ ବାଲେଶ୍ୱର ଜିଲ୍ଲାରେ ଟପର ହୋଇଥିବା ଜଳେଶ୍ୱର ବ୍ଲକ ଜଳେଶ୍ୱର ହାଇସ୍କୁଲର ଛାତ୍ରୀ ସ୍ୱରୂପା ଜେନା , ଭୋଗରାଇ ବ୍ଲକର ପ୍ରଥମ ସ୍ଥାନ ନୋଡାଲ ଅଧିକାର କରିଥିବା ଚିଟିଏଲକେ ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ର ଦାଶ ଗିରି ବାଲିଆପାଳରେ ମାଟ୍ରିକରେ ଟପର ହୋଇଥିବା ପଦ୍ମଲୋଚନ ଉଚ୍ଚବିଦ୍ୟାଳୟର ଛାତ୍ରୀ ବର୍ଷାରାଣୀ ଦେ ଏବଂ ବାଲିଆପାଳ କୂଳରେ ୯୫ ପ୍ରତିଶତରୁ ଅଧିକ ମାର୍କ ରଖିଥିବା ୩୧ଜଣ ଛାତଛାତ୍ରୀ ଏବଂ ସେମାନଙ୍କ ପ୍ରଧାନଶିକ୍ଷକମାନଙ୍କୁ ସମ୍ବଜିତ କରାଯାଇଥିଲା । ସେହିପରି ପଦ୍ମଲୋଚ ଉଚ୍ଚବିଦ୍ୟାଳୟ ଜ୍ୟାଇକୁ ଶ୍ରେଷ୍ଠ ବିଦ୍ୟାଳୟ ଭାବେ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ ପ୍ରାରମ୍ଭରେ ସଚୀନ୍ଦ୍ରକୁମାର ଓ ଯଶୋଦାମଣି ଉଚ୍ଚବିଦ୍ୟାଳୟ , ଲଙ୍ଗଳେଶ୍ୱର ଏବଂ କେମି ହାଇସ୍କୁଲ , ଶ୍ରୀରାମପୁରରେ ଗୃହ ପାନୀୟ ଯୋଗାଣ ପାଇଁ ଲାଗିଥିବା ଆକ୍ୱାଗାର୍ଡକୁ ଅତିଥିମାନେ ଆନୁଷ୍ଠାନିକ ବାବେ ଉଦଘାଟନ କରିଥିଲେ । ଗୀତିକାର ରମାନାଥ ସ୍ୱାଗତ ମଙ୍ଗୀତ ଗାନ କରିଥିବା ବେଳେ ବ୍ୟୋମକେଶ ସାହୁ ତ , ଗୟାରାମ ଟଙ୍ଗାଇ ସଞ୍ଜୟ କୁମାର ପଣ୍ଡା , ତପନ ଦାସ , ଉମାକାନ୍ତ ନାୟକ , ପଙ୍କଜ ସାହୁ , ମନୋରଞ୍ଜନ ପ୍ରଧାନ ଚନ୍ଦନ କୁମାର ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଶ୍ରାବଣ ପ୍ରଥମ ସୋମବାର ଦେବଗିରିରେ ଭକ୍ତଙ୍କ ଭିଡ଼



କଳାହାଣ୍ଡି ୧୮/୭ (ନି.ପ୍ର): ନର୍ଲା ବ୍ଲକ ବୁଢିପଦର ସ୍ଥିତ ଦେବଗିରି ଐତିହାସିକ, ପ୍ରତ୍ନତାତ୍ତ୍ୱିକ ଓ ଧାର୍ମିକ ବିଭବରେ ପରିପୂର୍ଣ୍ଣ। ଶୈବ, ଶାକ୍ତ, ଗଣପତ୍ୟ ଓ ବୈଷ୍ଣବ ଧାରାର ମିଳନପିଠ ଦେବଗିରି ଗୁମ୍ଫା ମଧ୍ୟରେ ପୂଜା ପାଉଛନ୍ତି କାଶି ବିଶ୍ୱନାଥ ମହାଦେବ। ଆଜି ଶ୍ରାବଣର ପ୍ରଥମ ସୋମବାର ହୋଇଥିବାରୁ ଦେବଗିରି ମଠରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଦେବ ଦେବ ମହାଦେବଙ୍କୁ ଜଳଲାଗି କରିବା ପାଇଁ ବିଭିନ୍ନ ନଦୀ ଓ ପୁଷ୍କରିଣୀ ଘାଟରୁ ଜଳ ଉଠାଇ ଦେବଗିରିରେ ପହଞ୍ଚିଥିଲେ କାଉଡିଆ। ବୋଲବମ – ହରହର ବମ ଧ୍ୱନୀରେ ପ୍ରକମ୍ପିତ ହୋଇ ଉଠିଥିଲା ଦେବଗିରିର ପରିବେଶ। ଆଜି ବଡି ଭୋରରୁ ପୂର୍ବାହ୍ନ ପର୍ଯ୍ୟନ୍ତ ମଠରେ ଜମିଥିଲା ଶ୍ରଦ୍ଧାଳୁଙ୍କ ଭିଡ଼। ଦେବଗିରି ମଠ ଟ୍ରଷ୍ଟ ବୋର୍ଡ ପକ୍ଷରୁ ବୋଲବମ ଭକ୍ତମାନଙ୍କ ରାତ୍ରି ରହଣୀ, ପ୍ରସାଦ ସେବନ ସହ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା କରାଯାଇଥିଲା। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବୋଲବମ ଭକ୍ତ ଓ ଶ୍ରଦ୍ଧାଳୁ ଏହି ସ୍ଥାନକୁ ଆସି ପ୍ରାକୃତିର ଅପରୂପ ଶୋଭା ସମ୍ଭାରକୁ ଉପଭୋଗ କରିବାସହ କାଶି ବିଶ୍ୱନାଥ ମହାଦେବ, ମହାମାୟା ଚଣ୍ଡି, ଭଗବତସ୍ୱାମୀ, ଦଧିବାମନଜୀଉଙ୍କ ସହ ପାର୍ଶ୍ୱ ଦେବଦେବୀଙ୍କୁ ଦର୍ଶନ କରିଥାନ୍ତି। ଏହାଛଡା ବ୍ଲକର କେରାଣ୍ଡିଖୁଣ୍ଟି ଶିବ ମନ୍ଦିର, ସରିଆଁ ଶିବ ମନ୍ଦିର, ନର୍ଲା ଶିବ ମନ୍ଦିର, ବିଲାଟ ଶିବ ମନ୍ଦିର, ନର୍ଲାରୋଡ ଶିବ ମନ୍ଦିର, ଖମ୍ବପଡା ଶିବ ମନ୍ଦିର, ବଲବସପୁର ଶିବ ମନ୍ଦିର ସମେତ କଳାହାଣ୍ଡି ଜିଲ୍ଲାର ବେଲଖଣ୍ଡି ଶିବ ମନ୍ଦିର, ଛତିକୁଡା ଶିବ ମନ୍ଦିର, କୁସୁମଖୁଣ୍ଟି ଶିବ ମନ୍ଦିର, ଧର୍ମଗଡ, ଜୁନାଗଡ଼, ଲାଞ୍ଜିଗଡ଼, କେସିଙ୍ଗା, ଭବାନୀପାଟଣା, ଜୟପାଟଣା, କଲମପୁର, ଥୁଆମୂଳ ରାମପୁର, ମଦନପୁର ରାମପୁର, କର୍ଲାମୁଣ୍ଡା, ଗୋଲାମୁଣ୍ଡା, କୋକସରା ଆଦି ବ୍ଲକରେ ଥିବା ଶିବ ମନ୍ଦିର ମାନଙ୍କରେ ମଧ ଶ୍ରାବଣ ପ୍ରଥମ ସୋମବାରରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଛି।

Printed, Published & Owned by Ramdas Lima, Published from Neheru Nagar 2nd Lane, Po/Dist.Rayagada(Odisha)765001, Printed at-Aditya Graphics, Hotel Kapilash Lane, New Colony, Po/Dist.Rayagada(Odisha). Mob:09438610559, Email: prajabartanews@gmail.com

Editor : Ramdas Lima, All legal matters subject to Rayagada Jurisdiction only ସମ୍ପାଦକ: ରାମଦାସ ଲିମା